R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୦୯
ତିଥି : ଦଶମୀ
୦୭ ମେ’ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 209
07 May 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଆଜି ୧୨ ଜିଲ୍ଲାରେ ମକ୍‌ଡ୍ରିଲ୍



ଭୁବନେଶ୍ୱର, ୬।୫ (ସବ୍ୟୁ) : କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନସ୍ଥ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବେସାମରିକ ନାଗରିକ ପ୍ରତିରକ୍ଷା ଅଭ୍ୟାସ ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

### ଅପରାହ୍ନ ୪ଟାରୁ ଆରମ୍ଭ
### ୧୨ ଜିଲ୍ଲାକୁ ୩ ପର୍ଯ୍ୟାୟରେ ବିଭକ୍ତ
### ପର୍ଯ୍ୟାୟ ୧ରେ ତାଳଚେର
### ପର୍ଯ୍ୟାୟ ୨ରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା
### ପର୍ଯ୍ୟାୟ ୩ରେ ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା
### ୧୯୭୧ରେ ଶେଷ ଥର ପାଇଁ ହୋଇଥିଲା ମକ୍‌ଡ୍ରିଲ୍

କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ମକ୍ ଡ୍ରିଲ୍ ପରିଚାଳନା ସମ୍ପର୍କିତ ଏହି ବୈଠକରେ ଅଧକ୍ଷତା କରିଥିଲେ ଓ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ, ବେସାମରିକ ପ୍ରତିରକ୍ଷା ନିର୍ଦ୍ଦେଶକଗଣ, ଅନେକ ଉଚ୍ଚପଦସ୍ଥ ଅଧିକାରୀ ଏଥିରେ ଯୋଗ ଦେଇଥିଲେ ।

ସମସ୍ତ ରାଜ୍ୟଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକୁ ଆସନ୍ତା କାଲି ଅପରାହ୍ନ ୪ଟା ବେଳେ ମକ୍ ଡ୍ରିଲ କରିବାକୁ କୁହାଯାଇଛି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ବେସାମରିକ ପ୍ରତିରକ୍ଷା ନିର୍ଦ୍ଦେଶକ ତଥା ଅଗ୍ନିଶମ ଓ ଆପାତକାଳୀନ (୯ ପୃଷ୍ଠାରେ)

## ଭୟଭୀତ ହୁଅନ୍ତୁ ନାହିଁ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୬।୫ (ସବ୍ୟୁ) : ମକଡ୍ରିଲ୍ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ । କେବଳ ସେନା ଓ ସରକାର ନୁହେଁ ବରଂ ସାଧାରଣ ଜନତା ମଧ୍ୟ ପ୍ରସ୍ତୁତ ହେବା ଉଚିତ୍ । ଏଭଳି ପରିସ୍ଥିତିରେ ଭୟଭୀତ ନହୋଇ ସଜାଗ ରହିବାକୁ ପଡ଼ିବ । ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ମୁକାବିଲା ପାଇଁ ଆଡ୍‌ଭାଇଜରି ମଧ୍ୟ ଆସିବ । ଆଗକୁ ଗାଁରେ ମଧ୍ୟ ମକ୍‌ଡ୍ରିଲ୍ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ତେବେ ସୂଚନା ଅନୁଯାୟୀ ଆସନ୍ତାକାଲି ଦେଶର ୨୫୯ ସ୍ଥାନରେ ମକ୍‌ଡ୍ରିଲ୍ କରାଯିବ ।

### ଗାଁରେ ହେବ ମକ୍‌ଡ୍ରିଲ୍
### ୫ ମିନିଟ୍ ଧରି ବାଜିବ ସାଇରନ୍

ମନ୍ତ୍ରୀ କହିଛନ୍ତି ଯେ ଏହା ୭ ଦିନ ଧରି ଚାଲିବ । ସାଇରନ୍ ୫ ମିନିଟ୍ ଧରି ବାଜିବ । ୧୨ ଜିଲ୍ଲାର ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ଗୃହ ସଚିବ ସତ୍ୟବ୍ରତ ସାହୁ ଆଲୋଚନା କରିଛନ୍ତି । ସେହିଭଳି ଅଗ୍ନିଶମ ଆଇଜି ଉମାଶଙ୍କର ଦାସ କହିଛନ୍ତି ଯେ ବୋମା ବର୍ଷଣକୁ ନେଇ ମକ୍‌ଡ୍ରିଲ କରାଯିବ । ଅପରାହ୍ନ ୪ଟା ବେଳେ ସାଇରନ୍ ୫ ମିନିଟ୍ ଧରି ବାଜିବ । ସାଇରନ୍ ବାଜିବା ଶବ୍ଦ ଶୁଣିଲେ ଛାତ ତଳକୁ ଓ ସୁରକ୍ଷିତ ସ୍ଥାନକୁ ଯିବାକୁ ଲୋକଙ୍କୁ ଅନୁରୋଧ କରାଯାଇଛି । ଭୁବନେଶ୍ୱରରେ ପ୍ରଥମ ସାଇରନ୍‌ର (୯ ପୃଷ୍ଠାରେ)

### ପୁରୀ ଶ୍ରୀଜଗନ୍ନାଥ ବିମାନ ବନ୍ଦରକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ
## ବାର୍ଷିକ ୪୬ ଲକ୍ଷ ଯାତ୍ରୀଙ୍କ ଯାତାୟତ ସୁବିଧା

ଭୁବନେଶ୍ୱର, ୬।୫ (ସବ୍ୟୁ) : ଓଡିଶାରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ପୁରୀଠାରେ ଏକ ନୂତନ ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଶ୍ରୀଜଗନ୍ନାଥ ବିମାନ ବନ୍ଦର ନାମରେ ନାମିତ ଏହି ମହତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପଟି ୫,୬୩୧ କୋଟି ଟଙ୍କା ମୂଲ୍ୟରେ ୧,୧୬୪ ଏକର ଜମିରେ ବିକଶିତ ହେବ । ଏହି ନିର୍ମାଣ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବାକୁ ଯାଉଥିବା ବେଳେ ଏହା ସମ୍ପୂର୍ଣ୍ଣ ହେବା ପରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀଙ୍କ ବିମାନ ଯାତାୟତ ପାଇଁ ସୁବିଧା ପ୍ରଦାନ କରିବ । ଏହି ବିମାନ ବନ୍ଦର ଦ୍ୱାରା ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିହେବା ସହିତ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ ଏବଂ ପବିତ୍ର ପୁରୀ ସହର ତୀର୍ଥ ଯାତ୍ରୀ

### ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଓ ପର୍ଯ୍ୟଟକଙ୍କ ପାଇଁ ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

### ‘ଜଗନ୍ନାଥ ଧାମ’ ନାମକରଣକୁ ନେଇ ମମତାଙ୍କୁ ମୋହନଙ୍କ ଚିଠି
## ଧାର୍ମିକଭାବନା ପ୍ରତି କୁଠାରଘାତ




ଭୁବନେଶ୍ୱର, ୬।୫ (ସବ୍ୟୁ) : ପଶ୍ଚିମବଙ୍ଗର ଦୀଘାରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିରକୁ ‘ଜଗନ୍ନାଥ ଧାମ’ ଭାବେ ନାମକରଣ କରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସମସ୍ତେ ଜାଣିଛନ୍ତି ଶ୍ରୀ ଜଗନ୍ନାଥ ଧାମ ହିନ୍ଦୁ ଧର୍ମର ୪ ଧାମ ମଧ୍ୟରେ ଅନ୍ୟତମ । ଏହାର ଅନନ୍ୟ ଧାର୍ମିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି । ଜଗନ୍ନାଥ ଧାମ ନାମଟି ପୁରୀ ସହିତ ଅଭିନ୍ନ ଭାବେ ଜଡ଼ିତ ହୋଇଥିବାରୁ ପଶ୍ଚିମବଙ୍ଗର ଦୀଘାରେ ନବନିର୍ମିତ ଜଗନ୍ନାଥ (୯ ପୃଷ୍ଠାରେ)

### ବେଲୁଚିସ୍ତାନରେ ସେନା ଗାଡ଼ିକୁ ଆକ୍ରମଣ
## ପାକ୍‌ର ୭ ଯବାନ ମୃତ

ନୂଆଦିଲ୍ଲୀ, ୬।୫ : ବେଲୁଚିସ୍ତାନରେ ବିଦ୍ରୋହୀମାନେ ପାକିସ୍ତାନ ସେନା ଗାଡ଼ିକୁ ଆକ୍ରମଣ କରିଛନ୍ତି । ବେଲୁଚିସ୍ତାନର ଦକ୍ଷିଣାଞ୍ଚଳରେ ଏହି ଆକ୍ରମଣ ହୋଇଥିଲା ଓ ୭ ଯବାନ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଏହି ଆଇଇଡି ବିସ୍ଫୋରଣରେ ସେନାର ଯେଉଁ ଗାଡ଼ିକୁ ଟାର୍ଗେଟ କରାଯାଇଥିଲା ସେଥିରେ ଯବାନମାନେ ରହିଥିଲେ । ତେବେ ଏ ପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ଲାଗି ନିଜକୁ ଦାୟୀ କରିନାହାନ୍ତି ।

ମଙ୍ଗଳବାର ମଧ୍ୟ ପୋଲିସର ଏକ ଟ୍ରକ୍‌କୁ ଆକ୍ରମଣ କରାଯାଇଥିଲା ଓ ୩ ଜଣ ମୃତ୍ୟୁବରଣ କରିଥିବାବେଳେ ୧୯ ଜଣ ଆହତ ହୋଇଥିଲେ । ଏପ୍ରିଲ ୧୫ରେ ମଧ୍ୟ ବେଲୁଚିସ୍ତାନ ଲିବୋରେସନ୍ ଆର୍ମି ପକ୍ଷରୁ ପାକିସ୍ତାନ ସେନା ଉପରେ ଆଉଏକ ଆକ୍ରମଣ କରାଯାଇଥିଲା ।

## ଏବର୍ଷ ସଅଳ ଆସିବ ମୌସୁମୀ

ଭୁବନେଶ୍ୱର, ୬।୫ (ସବ୍ୟୁ) : ଚଳିତବର୍ଷ ଆଗୁଆ ଆସିବ ମୌସୁମୀ । ଆସନ୍ତା ୧୩ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ଛୁଇଁବ । ଯଦି ୧୩ରେ ଆଣ୍ଡାମାନ ଛୁଇଁବ, ତାହେଲେ ଚଳିତମାସ ୨୫ ତାରିଖ ବେଳକୁ କେରଳ ଏବଂ ଏହାର ୧୦ଦିନ ପରେ ଅର୍ଥାତ ଜୁନ ୪-୫ ତାରିଖ ବେଳକୁ ଓଡ଼ିଶା ସ୍ପର୍ଶ କରିବାର ସମ୍ଭାବନା ରହିଛି । ତେବେ ମେ’ ୧୫ରେ ମୌସୁମୀ ଛୁଇଁବାର ପ୍ରକୃତ ତାରିଖ ଆକଳନ କରିଥାଏ ଭାରତୀୟ ପାଣିପାଗ ବିଭାଗ ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ ‘ଏକ୍ସ’ରେ କହିଛନ୍ତି, ଦକ୍ଷିଣ ଆଣ୍ଡାମାନସାଗର ଓ ଦକ୍ଷିଣ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ନିକୋବର ଦ୍ୱୀପପୁଞ୍ଜ ଅଞ୍ଚଳକୁ ଆଗାମୀ ୧୩ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହେଉଛି । ସାଧାରଣତଃ ଦକ୍ଷିଣ-ପଶ୍ଚିମ


### ୧୩ ସୁଦ୍ଧା ଦକ୍ଷିଣ ଆଣ୍ଡାମାନ ଛୁଇଁବ ମୌସୁମୀ
### ଜୁନ୍ ୪-୫ ଭିତରେ ଓଡ଼ିଶାକୁ ପ୍ରବେଶ
### ୯ରୁ ଗ୍ରୀଷ୍ମପ୍ରବାହ ସମ୍ଭାବନା

ମୌସୁମୀ ବାୟୁ ମେ’୧୮ରୁ ୧୯ ତାରିଖ ମଧ୍ୟରେ ଆଣ୍ଡାମାନସାଗର ଛୁଇଁଥାଏ । ଏହା ପରେ ଭାରତର ମୁଖ୍ୟ ଭୂଖଣ୍ଡକୁ ଅର୍ଥାତ କେରଳ ନିକଟରେ ଜୁନ ୧ ତାରିଖ ପାଖାପାଖି ଛୁଇଁଥାଏ । କେରଳ ଛୁଇଁବାର ୧୦ରୁ ୧୨ ଦିନ ମଧ୍ୟରେ ଓଡିଶାକୁ ଅଗ୍ରସର ହୋଇଥାଏ ।

ଚଳିତବର୍ଷ ମୌସୁମୀ ଋତୁରେ ଜୁନରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ସହ ରାଜ୍ୟରେ ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ବର୍ଷା ପାଇଁ ଭାରତ ପାଣିପାଗ ବିଭାଗ ଆକଳନ କରିଛି । ଗତବର୍ଷ ମୌସୁମୀ ମେ’୧୯ରେ ନିକୋବର ଦ୍ୱୀପକୁ ଅଗ୍ରସର ହୋଇଥିଲା । ହେଲେ ଚଳିତବର୍ଷ ମେ’ ୧୩ ତାରିଖରେ ଛୁଇଁବା ପାଇଁ ଆକଳନ ଜାରି କରିଛି ।

ସେହିପରି ରାଜ୍ୟକୁ ପୁଣି ଫେରିବ ତାତି । ୯ରୁ ଗ୍ରୀଷ୍ମପ୍ରବାହ ସମ୍ଭାବନା ରହିଛି । ଦିନ ସମୟରେ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବା ବେଳେ ରାତିରେ ପ୍ରବଳ ଗୁଳୁଗୁଳି ହୋଇପାରେ । ୨୪ ଘଣ୍ଟା ପରେ ଅର୍ଥାତ ପରବର୍ତ୍ତୀ (୯ ପୃଷ୍ଠାରେ)

## ଜଗନ୍ନାଥଙ୍କର କେବଳ ଗୋଟିଏ ଧାମ ପୁରୀ



ଭୁବନେଶ୍ୱର, ୬।୫ (ସବ୍ୟୁ) : ଦୀଘା ଜଗନ୍ନାଥ ମନ୍ଦିରକୁ ‘ଧାମ’ କହିବା ଠିକ୍ ନୁହେଁ । ଜଗନ୍ନାଥଙ୍କର କେବଳ ଗୋଟିଏ ଧାମ । ତାହା ହେଲା ପୁରୀ । ଏକ ଧାମ କେବଳ ଗୋଟିଏ ସ୍ଥାନରେ ରହିପାରିବ । ଦୀଘା ପାଇଁ ଧାମ ଶବ୍ଦ ବ୍ୟବହାର କରାଯିବା ଅନୁଚିତ । ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିରକୁ ‘ଜଗନ୍ନାଥ ଧାମ’ ବୋଲି କୁହାଯିବା ପ୍ରସଙ୍ଗରେ ଆଜି ଏଭଳି ମନ୍ତବ୍ୟ ରଖିଛନ୍ତି ଜ୍ୟୋର୍ତି ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରନନ୍ଦ ସରସ୍ୱତୀ ।

ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ ଧାମକୁ କୁହାଯିବାକୁ ନେଇ ବିବାଦ ଥମୁନି । ସାରା ଓଡ଼ିଶାରେ ପ୍ରବଳ ବିରୋଧ ଓ ବିବାଦ ପରେ ଗତକାଲି ପଶ୍ଚିମବଙ୍ଗ ସରକାର ଦୀଘା ମନ୍ଦିରର ଗୋଟିଏ ସ୍ଥାନରୁ ଜଗନ୍ନାଥ ଧାମ ଲେଖାଥିବା ଫଳକ ହଟାଇଥିବା ନେଇ ଖବର (୯ ପୃଷ୍ଠାରେ)

### ଜାତିସଂଘ ସୁରକ୍ଷା ପରିଷଦ ବୈଠକ
## ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରସଙ୍ଗରେ ପାକିସ୍ତାନକୁ ଭର୍ତ୍ସନା



ନୂଆଦିଲ୍ଲୀ, ୬।୫ : ପହଲଗାମ୍ ଆତଙ୍କୀ ଆକ୍ରମଣକୁ ନେଇ ଜାତିସଂଘ ସୁରକ୍ଷା ପରିଷଦ ବୈଠକରେ ପାକିସ୍ତାନକୁ କଡା ସମାଲୋଚନା କରାଯାଇଛି । ସୁରକ୍ଷା ପରିଷଦ ସଦସ୍ୟମାନେ ଏହି ଆକ୍ରମଣରେ ଲସ୍କର-ଇ-ତୋଇବାର ସମ୍ପୃକ୍ତି ନେଇ ପାକିସ୍ତାନକୁ ପ୍ରଶ୍ନ ବାଣରେ ଘେରିଥିଲେ । ଏହାଛଡା ପାକିସ୍ତାନର ପରମାଣୁ ଯୁଦ୍ଧ ଧମକ ଓ ମିଶାଇଲ୍ ପରୀକ୍ଷଣ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା ।

ପାକିସ୍ତାନ ଆନ୍ତର୍ଜାତୀୟ ସ୍ତରରେ ଏହି ପ୍ରସଙ୍ଗ ଉଠାଇବାରେ ବିଫଳ ହୋଇଛି । ବିଶ୍ୱ ସୁରକ୍ଷା ପରିଷଦର ସଦସ୍ୟମାନେ ପାକିସ୍ତାନକୁ ଏନେଇ ଘେରିଛନ୍ତି । ସେମାନେ ପାକିସ୍ତାନର ମିଶାଇଲ୍ ପରୀକ୍ଷଣ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି । ଏହି ପରିଷଦରେ ୧୦ ଅସ୍ଥାୟୀ ସଦସ୍ୟ ଅନୁରୋଧ କରିଥିଲେ ଯେ ଉଭୟ ଦେଶ ମଧ୍ୟରେ ବିଚାର ବିମର୍ଶ କରାଯାଇ ଭାରତ ସହ ହୋଇଥିବା ଉତ୍ତେଜନାକୁ ହ୍ରାସ କରାଯାଉ । ତେବେ ଭିଟୋ କ୍ଷମତା ଥିବା ସ୍ଥାୟୀ ସଦସ୍ୟ ଯଥା ଚୀନ୍, ଫ୍ରାନ୍ସ, ରୁଷ୍, (୯ ପୃଷ୍ଠାରେ)

## ବାଣ ବିସ୍ଫୋରଣରେ ୨ ମୃତ

ଭଦ୍ରକ, ୬।୫ (ସବ୍ୟୁ) : ଭଦ୍ରକ ପୌରପାଳିକା ଅର୍ନ୍ତଗତ ୨୫ ନଂ ୱାର୍ଡ଼ର ହଳଦୀଡିହ ବାଇପାସ୍ ଠାରେ ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟି ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି।

୨ ମୃତକ ମଧ୍ୟରେ ଜଣେ ନାବାଳକ ହୋଇଥିବା ବେଳେ ଅନ୍ୟ ଜଣେ ମହିଳା । ବାଣ ବିସ୍ଫୋରଣ ପରେ ପ୍ରଥମେ ୫ଜଣ ଗୁରୁତର ହୋଇଥିଲେ। ସମସ୍ତ ଗୁରୁତର ମାନଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସମସ୍ତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ (୯ ପୃଷ୍ଠାରେ)

## ଜଗତ୍‌ସିଂହପୁରରେ ଅପମିଶ୍ରଣ ଦୁଗ୍ଧ କେନ୍ଦ୍ରରେ ଚଢ଼ାଉ




ଜଗତସିଂହପୁର, ୬।୫ (ସବ୍ୟୁ) : ବାଲିକୁଦା ବ୍ଲକ ତରାସାହି ଠାରେ ଥିବା ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଆଜି ପ୍ରଶାସନର ପକ୍ଷରୁ ଚଢାଉ କରାଯାଇ ଅପମିଶ୍ରଣ ଦୁଗ୍ଧ ସହ ବିପୁଳ ପରିମାଣର ଦୁଗ୍ଧ ପାଉଡର ଜବତ କରାଯାଇଥିଲା । ଦୀର୍ଘ ଦିନ ହେବ ଏଠାରେ ଦୁଗ୍ଧ ଅପମିଶ୍ରଣ ନେଇ ଅଭିଯୋଗ ହେଉଥିବା ବେଳେ ଆଜି ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସମେତ ୫ ଜଣିଆ ଟିମ ଚଢାଉ କରିଥିଲା । ଟିମ ଚଢାଉ ସମୟରେ ଜାଣିବାକୁ ପାଇଥିଲା ଯେ ଦୁଗ୍ଧରେ ହେଉଥିଲା ଅପମିଶ୍ରଣ । ଦୁଗ୍ଧରେ ନକଲି ପାଉଡର ମିଶାଇ ସେହି ଅପମିଶ୍ରିତ ଦୁଗ୍ଧକୁ ଓମଫେଡକୁ ଚାଲାଣ ହେଉଥିଲା ଜାଣିବା ପରେ ତଦନ୍ତ କରାଯାଇଥିଲା । ଦୁଗ୍ଧ ସେଣ୍ଟରରେ ବହୁ ଦୁଗ୍ଧ ଚାଷୀଙ୍କର ଦୁଗ୍ଧ ଜମା ବହି ରହିଥିବା ବେଳେ ସେଗୁଡିକ କଟକ ଦୁଗ୍ଧ ସଂଘ ଓ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଲେଖାଯାଇଛି ।

ତରାସାହି ବାଲିସାହିର ଉଲ୍ଲାସ ଦାସଙ୍କର ଏକ ଦୁଗ୍ଧ କଲେକସନ ସେଣ୍ଟର ରହିଛି । ସେହି ସେଣ୍ଟରରେ ସ୍ଥାନୀୟ ଦୁଗ୍ଧ ଚାଷୀମାନଙ୍କ ଠାରୁ ଉଲ୍ଲାସ ଦୁଗ୍ଧ ସଂଗ୍ରହ କରି ଆମ୍ଭଶାଳ ସ୍ଥିତ ଓମଫେଡ ପ୍ଲାଣ୍ଟକୁ ପଠାଇଥାନ୍ତି । ଏହି ସେଣ୍ଟରଟି ଦୀର୍ଘ ୨୦ ବର୍ଷ ହେବ ହୋଇଥିବା ବେଳେ ଭଲ ଦୁଗ୍ଧ

### ବିପୁଳ ପରିମାଣର ପାଉଡର ଜବତ

ବ୍ୟବସାୟକୁ ନେଇ ଓମଫେଡ ପକ୍ଷରୁ ତାଙ୍କୁ ଏକ ଚିଲିଂ ମେସିନ ଦିଆଯାଇଥିଲା । ମାତ୍ର କିଛି ବର୍ଷ ହେବ ଉଲ୍ଲାସ ଚାଷୀଙ୍କ ଠାରୁ କଲେକସନ କରୁଥିବା ଦୁଗ୍ଧରେ ବିଭିନ୍ନ ବ୍ରାଣ୍ଡର ନକଲି ଦୁଗ୍ଧ (୯ ପୃଷ୍ଠାରେ)

### ଖଡ୍‌ଗେଙ୍କ ଗୁରୁତର ଅଭିଯୋଗ
## ମୋଦିଙ୍କ କାଶ୍ମୀର ଗସ୍ତ ବାତିଲ ପଛରେ ଥିଲା ଗୁଇନ୍ଦା ରିପୋର୍ଟ




ନୂଆଦିଲ୍ଲୀ, ୬।୫ : ଜମ୍ମୁ-କାଶ୍ମୀରରେ ସମ୍ଭାବ୍ୟ ଆତଙ୍କୀ ଆକ୍ରମଣର ସୂଚନା ଗୁଇନ୍ଦା ରିପୋର୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଥିଲା । ସେଥିଲାଗି ସେ ଜମ୍ମୁ-କାଶ୍ମୀରକୁ ନିଜର ଗସ୍ତକୁ ବାତିଲ କରିଥିଲେ । ପହଲଗାମ୍ ଆକ୍ରମଣର ୩ ଦିନ ପୂର୍ବରୁ ତାଙ୍କ ଗସ୍ତ ରହିଥିଲା । ମାତ୍ର ଗୁଇନ୍ଦା ରିପୋର୍ଟ ତାଙ୍କ ପାଖକୁ ଯିବାପରେ ସେ ଏହାକୁ ବାତିଲ କରିଥିଲେ ଓ ୩ ଦିନ ପରେ ପହଲଗାମ୍‌ର ଆକ୍ରମଣ ଘଟଣା ଘଟିଥିଲା ବୋଲି ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ ବଡ ଅଭିଯୋଗ ଆଣିଛନ୍ତି ।

ଶ୍ରୀ ଖଡ୍‌ଗେ କହିଛନ୍ତି ଯେ ଏହା ଏକ ଗୁଇନ୍ଦା ବିଫଳତା । ସରକାର ଏହାକୁ ଗ୍ରହଣ କରିବା ଆବଶ୍ୟକ । ଯଦି ସେମାନେ ଜାଣିଥିଲେ ତେବେ କାହିଁକି ପଦକ୍ଷେପ ନେଲେନାହିଁ ଓ କିଛି କଲେନାହିଁ । ଯଦି ଆକ୍ରମଣର ୩ ଦିନ ପୂର୍ବରୁ ଏଭଳି ସୂଚନା ଥିଲା ଏବଂ ଏହି

### ୩ ଦିନ ପୂର୍ବରୁ ଆତଙ୍କୀ ଆକ୍ରମଣର ଥିଲା ସୂଚନା

ରିପୋର୍ଟ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଥିଲା ଏବଂ ତାଙ୍କ କାଶ୍ମୀର ଗସ୍ତ ବାତିଲ ହୋଇଥିଲା ତେବେ ସେମାନେ ସାଧାରଣ ଲୋକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା (୯ ପୃଷ୍ଠାରେ)

ସମୟ



# ଚଟଣି

**ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ପର୍ବ, ଯାହା ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା)ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହି ଚନ୍ଦନଯାତ୍ରା ଓଡ଼ିଶାର ବିଭିନ୍ନ ମନ୍ଦିରରେ ପାଳନ ହେଉଥିବାର ଦେଖିବାକୁ ମିଳିଥାଏ । ଏହି ସମୟରେ ଜଗନ୍ନାଥଙ୍କର ଚନ୍ଦନବେଶ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଚନ୍ଦନ ଯାତ୍ରା ବିଷ୍ଣୁ ମନ୍ଦିର ଛଡ଼ା ଝଙ୍କଡ଼ର ଶାରଳା ଦେବୀଙ୍କ ପୀଠରେ ଓ ଭୁବନେଶ୍ୱରରେ ଲିଙ୍ଗରାଜଙ୍କ ମନ୍ଦିରରେ ମଧ ପାଳନ କରାଯାଏ । ସାଧାରଣତଃ ଓଡ଼ିଶାର ସମସ୍ତ ପ୍ରାଚୀନ ଦେଉଳଗୁଡ଼ିକରେ ଚନ୍ଦନଯାତ୍ରାର ପ୍ରଚଳନ ଥାଏ ।**

**ଇତିହାସ–** ଚନ୍ଦନ ଯାତ ନାମରେ ଏହା ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରୁ ସୃଷ୍ଟିହୋଇ ଥିବାର ଅନୁମାନ କରାଯାଏ । ଭାରତରେ ଥିବା ସହସ୍ର ଦେବମନ୍ଦିରରେ ଗରମ ଦିନେ ଆଲଟ ପଡେ, ଚନ୍ଦନ ଲାଗି ହୁଅନ୍ତି, ମାତ୍ର ସ୍ୱତନ୍ତ୍ର ଯାତ୍ରା ତଥା ଦୈବପର୍ବ ରୂପେ ଏହା ସଂପୂର୍ଣ୍ଣ ଭାବେ ଓଡ଼ିଶାରେ ହିଁ ପ୍ରସିଦ୍ଧ । ବୈଶାଖ ଶୁକ୍ଳ ତୃତୀୟାଠାରୁ ସ୍ନାନପୂର୍ଣ୍ଣିମା ୪୨ଦିନ ଧରି ଆଚରିତ ହୁଏ । ଗନ୍ଧଯାତ୍ରା ଜଳକେଳି ଓ ଅନ୍ତରଙ୍ଗ ଚନ୍ଦନଲାଗି – ଏହିପରି ତିନିଭାଗରେ ବିଭକ୍ତ । ଏହି ଯାତ୍ରା ସମ୍ବନ୍ଧରେ ଅନେକ ଗୀତ କବିତାରେ ବର୍ଣ୍ଣନା ରହିଛି । ଏହା ଭିତର ଓ ବାହାର ଭଳି ଦୁଇଟି ଭାଗରେ ପାଳନ ହୋଇଥାଏ ।

**ଶ୍ରୀଜଗନ୍ନାଥଙ୍କ ଚନ୍ଦନଲାଗି ବେଶ–** ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ଯାତ୍ରା ଦୀର୍ଘ ୫ଶହ ବର୍ଷ ଧରି ପାଳିତ ହେଉଥିବାର ବର୍ଣ୍ଣନା ରହିଛି । ପ୍ରଭୁଙ୍କୁ ନିଦାଘରେ ଶୀତଳ ଉପଚାର ଦେଇ ପ୍ରମୋଦିତ ରଖାଇବା ଏହାର ଉଦ୍ଦେଶ୍ୟ ବୋଲି ବିଭିନ୍ନ ପୁରାଣରେ ବର୍ଣ୍ଣନା ରହିଛି । ଐତିହାସିକ ତଥ୍ୟରୁ ଜଣାଯାଏ, ଗଙ୍ଗବଂଶର ରାଜାମାନଙ୍କ ସମୟରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି ।

**ବାହାର ଚନ୍ଦନଯାତ୍ରା–** ଏହି ଯାତ୍ରାରେ ଦକ୍ଷିଣଘରୁ (ଅଣସର ଘରର ଦକ୍ଷିଣରେ ଥିବା ବେହରଣ ଦ୍ୱାର ମୁହଁରେ ଥିବା ଘର) ଅଷ୍ଟଧାତୁ ନିର୍ମିତ ତିନୋଟି ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ, ରାମ (ବଳରାମ) ଓ ରତ୍ନସିଂହାସନ ଉପରୁ ଦୁଇଟି ଚଳନ୍ତି ପ୍ରତିମା ଲକ୍ଷ୍ମୀଙ୍କର ସୁବର୍ଣ୍ଣ ପ୍ରତିମା ଓ ସରସ୍ୱତୀଙ୍କର ରୌପ୍ୟ ପ୍ରତିମା ବାହାର ଚନ୍ଦନରେ ଭାଗ ନିଅନ୍ତି । ଚନ୍ଦନ ଯାତ୍ରା ପଟୁଆରରେ ସମୁଦାୟ ଦଶଗୋଟି ଚଳନ୍ତି ପ୍ରତିମା ବିମାନ ଓ ପାଲିଙ୍କିରେ ବିଜେ କରିଥାନ୍ତି । ନରେନ୍ଦ୍ର ପୁଷ୍କରିଣୀ କୂଳରେ ଏକ ଛାମୁଣ୍ଡିଆ ତିଆରି ହୋଇଥାଏ । ସେହି ଛାମୁଣ୍ଡିଆ ତଳେ ଦଶଟି ଯାକ ଚଳନ୍ତି ପ୍ରତିମାଙ୍କୁ ଅବସ୍ଥାପିତ କରାଯାଇ ରୁପା ପିଙ୍ଗଣରେ ଥିବା ସୁବାଷିତ ଜଳରେ ପଦଧୌତ କରାଯାଏ । ଯୋଡ଼ିଏ ଲେଖାଁଏ ନୌକା ଯୁକ୍ତ ହୋଇ ଦୁଇ ଗୋଟି ଚାପ ପ୍ରସ୍ତୁତ ହୋଇ ଥାଏ । ଚାପଗୁଡ଼ିକୁ ଜରିକାମ ହୋଇଥିବା ମଣ୍ଡଣିଦ୍ୱାରା ସୁଶୋଭିତ କରାଯାଇଥାଏ । ଗୋଟିଏ ଚାପରେ ଥିବା ରୁପା କାରୁକାର୍ଯ୍ୟ ସମ୍ପନ୍ନ ସିଂହାସନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ବଳରାମ ଓ କୃଷ୍ଣ ଉପବେଶନ କରନ୍ତି । ଅନ୍ୟ ଚାପଟିରେ ବସନ୍ତି ପଞ୍ଚୁପାଣ୍ଡବ ରୂପେ ପରିଚିତ ମହାଦେବମାନେ । ପ୍ରତିମାମାନଙ୍କ ସହ ଚାପଦ୍ୱୟରେ ପୂଜାପଣ୍ଡା, ସିଂହାରୀ, ଗରାବଡୁ, ସୁଆରବଡୁ, ପତ୍ରୀବଡୁ, ହଡ଼ପ, ଖୁଣ୍ଟିଆ ପ୍ରଭୃତି ସେବକ ରହିଥାଆନ୍ତି । ସ୍ନାନରୀତି ନିମନ୍ତେ ତିନିଗୋଟି କୁଣ୍ଡରେ ଚନ୍ଦନ, କର୍ପୁର, କସ୍ତୁରୀ, ଜାଇଫଳ, ମଲ୍ଲୀ, ଚମ୍ପା, ଜୁଇ, ସୁଗନ୍ଧରାଜ, ଗୋଲାପ ପ୍ରଭୃତି ବ୍ୟବହାର କରି ସୁବାସିତ ଜଳ ପ୍ରସ୍ତୁତ କରାଯାଏ । ସେହି କୁଣ୍ଡରେ ଚଳନ୍ତି ପ୍ରତିମାମାନେ ସ୍ନାନ କରିବା ପରେ ଯାତ୍ରାପାଇଁ ପ୍ରସ୍ତୁତ ହୁଅନ୍ତି । ଯାତ୍ରାର ଏକୋଇଶ ଦିନରୁ କୋଡ଼ିଏ ଦିନ ମଦନମୋହନ ପ୍ରତ୍ୟେକ ଦିନ ନୂଆ ବେଶ ଧାରଣ କରନ୍ତି । ଏହାର ଅନେକଗୁଡ଼ିଏ ବେଶ କୃଷ୍ଣଲୀଳାର ସ୍ମୃତିଚାରଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥାଏ । ବେଶ ପରେ ରାତ୍ର ଚାପ ରୀତି ସମ୍ପନ୍ନ କରାଯାଏ । ରାତ୍ରୀ ଚାପରେ ଦୁଇ ଚାପ ସହ ଗୋଟିଏ ବଜନ୍ତ୍ରୀ ନୌକା ଏହି ବିହରଣରେ ବ୍ୟବହୃତ ହୋଇଥାଏ । ବଜନ୍ତ୍ରୀ ନୌକାରେ ଜଣେ ଘଣ୍ଟୁଆ, ଜଣେ କାହାଳିଆ, ଜଣେ ତେଲିଙ୍ଗି ବାଜା ବାଦକ ରହିଥାନ୍ତି । ସେମାନଙ୍କ ସହ ଜଣେ ସେବାୟତ ପୋଲାଙ୍ଗ ତେଲର ଦିହୁଡ଼ୀ ଧରିଥାଏ । ଦିନ ଚାପ ଗୋଟିଏ ଘେରାରେ ଶେଷ ହେଉଥିବାବେଳେ ରାତ୍ରୀ ଚାପରେ ତିନି ଘେରା ବୁଲାଯିବାର ପରମ୍ପରା ରହିଛି ।

**ଭଉଁରୀ–** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ୨୧ଦିନ ବ୍ୟାପି ବାହାର ଚନ୍ଦନଯାତ୍ରାର ଅନ୍ତିମ ଦିବସରେ ଭଉଁରୀଯାତ୍ରା ଅନୁଷ୍ଠିତ ହୋଇଥାଏ । ପରମ୍ପରା ଅନୁଯାୟୀ ମଦନମୋହନ, ବଳରାମ, କୃଷ୍ଣ, ଶ୍ରୀଦେବୀ ଓ ଭୂଦେବୀଙ୍କ ସମେତ ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର ଏବଂ ଶ୍ରୀକପାଳମୋଚନଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରାଯାଏ । ଭଉଁରୀ ଦିନ କେବଳ ଦିନଚାପ କରାଯାଏ, ରାତ୍ରିଚାପ କରାଯାଏ ନାହିଁ, ଦିନଚାପରେ ନରେନ୍ଦ୍ର ପୋଖରୀର ଦୀପଦାଣ୍ଡି ଚାରିପଟେ ୨୧ ଘେରା ବୁଲାଯାଇଥାଏ । ଠାକୁରମାନେ ନରେନ୍ଦ୍ର ପୋଖରୀରେ ୨୧ଘେରା ଚାପ ଖେଳିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥାନ୍ତି ।

## ଚନ୍ଦନଯାତ୍ରା



**ଭିତର ଚନ୍ଦନଯାତ୍ରା–** ବାହର ଚନ୍ଦନଯାତ୍ରା ପରେ ମନ୍ଦିର ଭିତରେ ୨୧ଦିନ ବ୍ୟାପି ଭିତର ଚନ୍ଦନ ଅବସରରେ ବାହର ଚନ୍ଦନ ଯାତ୍ରା ଭଳି ଆଲଟ ଲାଗି ଓ ଚନ୍ଦନ ଲାଗି ନୀତି ସମ୍ପନ୍ନ ହୋଇଥାଏ । ଏହାସହ ଏଥିମଧ୍ୟରୁ ଜ୍ୟେଷ୍ଠକୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଓ ରୁକ୍ମିଣୀ ହରଣ ଏକାଦଶୀରେ ପ୍ରଭୁଙ୍କର ଜଳକ୍ରୀଡ଼ା ନୀତି ସମ୍ପନ୍ନ କରାଯାଇଥାଏ । ଏଥିରେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ରୋହିଣୀକୁଣ୍ଡ ନିକଟସ୍ଥ ଜଳକ୍ରୀଡ଼ା ମଣ୍ଡପକୁ ଯାଇ ସେଠାରେ ସୁବାଷିତ ଜଳକୁଣ୍ଡରେ ବିହାର କରିଥାନ୍ତି ।

---

୧୭୨୭ – ୟୁକ୍ରେନ୍‌ରୁ ୟିହୁଦିଙ୍କୁ ବାହାର କରିବା ପାଇଁ ରୁଷର ରାଣୀ କ୍ୟାଥରିନ୍ ଆଦେଶ ଦେଇଥିଲେ ।

୧୭୪୮– ଫ୍ରେଞ୍ଚ ସୈନିକ ଅଷ୍ଟ୍ରିଆ ଉତ୍ତରାଧିକାରୀ ଯୁଦ୍ଧରେ ମାଷ୍ଟ୍ରିଚକୁ ଜିତିଥିଲେ ।

୧୭୭୧– ସାମୁଏଲ୍ ହର୍ଣ୍ଣ କାନାଡ଼ାର କପରମୀନ ନଦୀକୁ ଖୋଜିଥିଲେ ।

୧୮୭୫– ଜାପାନ ଓ ରୁଷ ମଧ୍ୟରେ ସେଣ୍ଟ ପିଟର୍ସବର୍ଗ ସନ୍ଧି ସ୍ୱାକ୍ଷରିତ ହୋଇଥିଲା ।

୧୯୩୪– ଫିଲିପିନ୍ସରେ ବିଶ୍ୱର ସବୁଠାରୁ ବଡ଼ ମୋତି ମିଳିଥିଲା ।

୧୯୭୬– ଗ୍ରାହମବେଲ୍‌ଙ୍କ ଆବିଷ୍କାର ଟେଲିଫୋନ୍‌କୁ ପେଟେଣ୍ଟ ମିଳିଥିଲା ।

## ସୋସିଆଲ କୋଟ୍ସ

" ମୋତେ ସୁପରନ୍ୟାଚୁରାଲ ଚରିତ୍ର କରିବାକୁ ଖୁବ ଭଲ ଲାଗିଥାଏ । ମୁଁ ଏଭଳି ଫିଲ୍ମ କିମ୍ବା ମ୍ୟୁଜିକ୍ ଭିଡିଓରେ ଅଭିନୟ କରି ଖୁବ ଏଞ୍ଜୟ କରିଥାଏ ।

ପଲକ ତିୱାରୀ, ଅଭିନେତ୍ରୀ





" ଇଣ୍ଡଷ୍ଟ୍ରୀରେ ଅନେକ ଦିନ ଧରି ଚୋରି କରାଯାଇଥିବା କାହାଣୀକୁ ନେଇ ଫିଲ୍ମ ପ୍ରସ୍ତୁତ କରାଯାଉଛି । ଏଠାରେ କ୍ରିଏଟିଭିଟିର ଖୁବ ଅଭାବ ରହିଛି ।

ନବାଜୁଦ୍ଦିନ୍ ସିଦ୍ଦିକି, ଅଭିନେତା

" ଜଣେ କଳାକାର ପାଇଁ ଭଲପାଇବା ସବୁବେଳେ ଆଗରେ ରହିଥାଏ । ମୋ ଇଗୋରୁ ଅଧିକ ବଡ ଆପଣଙ୍କ ପାଇଁ ଭଲପାଇବା । କର୍ଣ୍ଣାଟକ ସବୁବେଳେ ମୋର ହୃଦୟର ପାଖରେ ରହିବ ।

ସୋନୁ ନିଗମ, ସିଙ୍ଗର




## ଘାତକ ଫଙ୍ଗସ

ଏକ ନୂଆ ଗବେଷଣା ଅନୁଯାୟୀ ଏକ ଫଙ୍ଗସ ୟୁରୋପ, ଆମେରିକା ଓ ଏସିଆରେ ଘାତକ ସାଜିଛି । ଏହା ବର୍ଦ୍ଧିତ ତାପମାତ୍ରାରେ ଫୁସ୍‌ଫୁସ୍ ଜନିତ ସମସ୍ୟା ଉପୁଜାଉଥିବା ଜଣା ପଡିଛି । ସୂଚନା ଅନୁସାରେ ଆଶ୍‌ପେର୍‌ଗିଲୁସ୍ ନାମକ ଏକ କବକ ବା ଫଙ୍ଗସ ଏହି ସମସ୍ୟାର କାରଣ ସାଜିଛି । ଏହି କବକଟି ବିଶେଷତଃ ଉଷ୍ମ ବା ଗରମ ପାଣିପାଗରେ ବେଶି ବଢିଥାଏ । ଏହି କବକ ଗୁଡିକର ହଜାର ହଜାର ଲୋକଙ୍କୁ ସଂକ୍ରମିତ କରିବାର କ୍ଷମତା ରହିଛି । ଏହି କବକ ଗୁଡିକ ଗରମ ପାଣିପାଗରେ ଖୁବଶୀଘ୍ର ବଢିଥାଏ । ତେବେ ଯଦି ମଣିଷ ଏହି କବକ ରେଣୁକୁ ନିଃଶ୍ୱାସରେ ଗ୍ରହଣ କରିଥାଏ ତେବେ ମଣିଷ ସଂକ୍ରମିତ ହେବାର ଆଶଙ୍କା ରହିଥାଏ । ତେବେ ଏହା ସମସ୍ତଙ୍କ ପାଇଁ କ୍ଷତିକାରକ ହୋଇ ନଥାଏ, ଯେଉଁମାନଙ୍କର ଆଜମା, ସିଷ୍ଟିକ୍ ଫ୍ରିବୋସିସ୍ କିମ୍ବା ରୁଗଣ୍ ରୋଗପ୍ରତିରୋଧକ ଶକ୍ତି ରହିଥାଏ ସେମାନଙ୍କ ପାଇଁ ଏହା କ୍ଷତିକାରକ ସାଜିଥାଏ । ଏହା ଆଗକୁ ୟୁରୋପ ପାଇଁ ଘାତକ ସାଜିପାରେ ବୋଲି ଏହି ଗବେଷଣାରେ ଦର୍ଶାଯାଇଛି ।



## ଭାବାବେଗକୁ ରଖନ୍ତୁ ନିୟନ୍ତ୍ରଣରେ

ବେଳେବେଳେ ଆମର ଅଧିକ ରାଗ କାରଣରୁ ମୁହଁ ଲାଲ ହୋଇଯାଇଥାଏ । ସେହିଭଳି ଅଧିକ ଖୁସି କାରଣରୁ ଲୋମକୂପ ଫୁଲି ଉଠେ ବା ଗୁଜ୍‌ବମ୍ପ୍ସ ଦେଖିବାକୁ ମିଳିଥାଏ । ସେହିଭଳି ଯଦି ଆମେ ଅଧିକ ଡରି ଯାଇଥାଉ ତେବେ ହାତ ପାପୁଲିରେ ଝାଳ ଦେଖିବାକୁ ମିଳେ । ତେବେ ଏ ସମସ୍ତ ଇମୋସନ ପଛର କାରଣ ହେଲା ମସ୍ତିଷ୍କରେ ଥିବା ଏମିଗଡଲା ନାମକ ଏକ ଅଂଶ । ଯାହାର ହାଇଯାକ୍‌ରେ ଏହି ସମସ୍ତ ଇମୋସନ ନିୟନ୍ତ୍ରଣ ହୋଇଥାଏ । ଯେତେବେଳେ ଆମେ ଭାବାବେଗ ନିୟନ୍ତ୍ରଣ ବାହାରକୁ ଯାଏ, ସେତେବେଳେ ଆମେ ଲଜିକାଲ ନିଷ୍ପତ୍ତି ନେଇ ପାରି ନଥାଉ । ଏହି ପରିସ୍ଥିତିକୁ ଏମିଗଡଲା ହାଇଯାକ ବୋଲି ଆଖ୍ୟା ଦିଆଯାଇଥାଏ । ଏହା ଆମର ଭାବାବେଗକୁ ନିୟନ୍ତ୍ରଣ କରିଥାଏଓ। ସାଧାରଣତଃ ଏଭଳି ପରିସ୍ଥିତି ଅଧିକ ଖୁସି, ରାଗ କିମ୍ବା ଦୁଃଖ କାରଣରୁ ସୃଷ୍ଟି ହୋଇଥାଏ । ଏହା ଆମ ମସ୍ତିଷ୍କରେ ଥିବା ବାଦାମ ମଞ୍ଜି ଭଳି ଏକ ଛୋଟ ଅଂଶ, ଯାହା ଆମର ଭାବନାକୁ ନିୟନ୍ତ୍ରଣ କରିଥାଏ । ଯଦି ଆମର କୌଣସି କଥା କିମ୍ବା ଘଟଣାରୁ ବିପଦ ରହିଛି ତେବେ ଏହା ଆମକୁ ଡର ଅନୁଭୂତ କରାଇଥାଏ । ଯେତେବେଳେ ଆମେ କୌଣସି ଏଭଳି ପରିସ୍ଥିତିରେ ପଡୁ ଯାହା ଅବସାଦପୂର୍ଣ୍ଣ ହୋଇଥାଏ ତେବେ ଆମ ଅଜାଣତରେ ହିଁ ଏମିଗଡଲା ଆକ୍ଟିଭେଟ୍ ହୋଇଯାଏ । ଏହି ସମୟରେ ଆମ ମସ୍ତିଷ୍କର ଯେଉଁ ଭାଗ ଆମର ବିଚାର ବିମର୍ଶ ବା ଭାବିଚିନ୍ତା କରି ନିଷ୍ପତ୍ତି ନେବା ପାଇଁ ରହିଥାଏ ତାହା କାମ କରିବା ବନ୍ଦ ହୋଇଯାଏ । ତେବେ ଏମିଗଡଲା ହାଇଜ୍ୟାକ୍‌ର କିଛି ଲକ୍ଷଣ ମଧ୍ୟ ରହିଛି, ଯାହାକୁ ଆମକୁ ଚିହ୍ନିବାକୁ ହୋଇଥାଏ । ଯେପରି କୌଣସି ପରିସ୍ଥିତିରେ ଆଖି ବଡ ହୋଇଯିବା, ହାର୍ଟବିଟ୍ ବଢିଯିବା, ଜୋରେ ନିଶ୍ୱାସ ନେବା, ହାତ ପାଦ ଥଣ୍ଡା ପଡିଯିବା ଆଦି । ଏସବୁ ଲକ୍ଷଣକୁ ଚିହ୍ନି ଆପଣ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଏହାକୁ ନିଜେ ମଧ ନିୟନ୍ତ୍ରଣ କରିପାରିବେ, ପ୍ରଥମେ ନିଜର ଭାବନାକୁ ବୁଝନ୍ତୁ । ସେହି ଅନୁଯାୟୀ ନିଜକୁ ଶାନ୍ତ କରନ୍ତୁ । ପ୍ରଥମେ ଆପଣ କଣ ପାଇଁ ଡରୁଛନ୍ତି କିମ୍ବା ରାଗୁଛନ୍ତି ଚିହ୍ନି ସେହି ହିସାବରେ ପଦକ୍ଷେପ ନିଅନ୍ତୁ ।





## ମେଟ୍ ଗାଲାରେ ଭାରତୀୟଙ୍କ ଯାଦୁ

ନିକଟରେ ସରିଛି ମେଟ୍ ଗାଲା ୨୦୨୫ର ଇଭେଣ୍ଟ । ଏହାର ଆୟୋଜନ ନ୍ୟୁୟର୍କର ମେଟ୍ରୋପୋଲିଟନ ମ୍ୟୁଜିୟମ ଅଫ୍ ଆର୍ଟରେ କରାଯାଇଥିଲା । ଚଳିତ ବର୍ଷ ଏହାର ଥିମ୍ ସୁପରଫାଇନ୍ ଟେଲରିଂ ବ୍ଲାକ୍ ଷ୍ଟାଇଲ ରହିଛି । ତେବେ ଚଳିତ ମେଟ୍ ଗାଲା ବଲିଉଡ ଫ୍ୟାନଙ୍କ ପାଇଁ ବେଶ୍ ରୋମାଞ୍ଚକର ଥିଲା । ଏଥିରେ ଚଳିତଥର ବଲିଉଡ ବାଦଶାହ କିଙ୍ଗଖାନ ଡେବ୍ୟୁ କରିଛନ୍ତି । ଏହା ସହିତ କିଆରା ଆଡଭାନୀ ଗର୍ଭବତୀ ଅଭିନେତ୍ରୀ ଭାବେ ପ୍ରଥମଥର ପାଇଁ ମେଟ୍‌ଗାଲା କାର୍ପେଟରେ ଚାଲିଛନ୍ତି । ସେହିଭଳି ଶାହରୁଖ ହେଉଛନ୍ତି ପ୍ରଥମ ଭାରତୀୟ ଅଭିନେତା ଯିଏ ମେଟ୍‌ଗାଲାରେ ଭାଗ ନେଇଛନ୍ତି, ଏହା ଆଗରୁ କୌଣସି ଅଭିନେତା ମେଟ୍‌ଗାଲାରେ ଭାଗ ନେଇ ନଥିଲେ । ଏଥିରେ କିଆରାଙ୍କୁ ଗୋରବ ଗୁପ୍ତାଙ୍କ ଡିଜାଇନ୍‌ରେ ଦେଖିବାକୁ ମିଳିଥିଲା । ଏଥିରେ କିଆରା ଗୋରବଙ୍କର କଷ୍ଟମ ବ୍ରେବହାର୍ଟ ଡିଜାଇନର ଗାଉନ ପିନ୍ଧିଥିବାର ନଜର ଆସିଛନ୍ତି । କିଆରାଙ୍କର ଆଉଟ୍‌ଫିଟ୍ ମାତୃତ୍ୱକୁ ପ୍ରତିପାଦିତ କରୁଥିଲା । ଏହି ଗାଉନରେ ଏକ ବେବିହାର୍ଟ ଦେଖିବାକୁ ମିଳିଥିଲା, ଯାହା ଛୋଟ ଛୁଆଙ୍କୁ ସୂଚାଇଥାଏ । ସେହିପରି କିଆରାଙ୍କର ମେକଅପ ଓ ହେୟାର ଷ୍ଟାଇଲ୍ ମହକ ଓବରୟ କରିଥିଲେ, ଯାହା ତାଙ୍କୁ ଏକ କ୍ଲାସି ଲୁକ୍ ଦେଇଥିଲା । ଏଥିରେ କିଆରାଙ୍କୁ ସୁନେଲି, ଧଳା ଓ କଳାରଙ୍ଗର ମିଶ୍ରଣରେ ପ୍ରସ୍ତୁତ ଗାଉନ୍‌ରେ ଦେଖିବାକୁ ମିଳିଥିଲା । କିଆରା ଓ ଶାହରୁଖଙ୍କ ଛଡା ଏଥିରେ ଦିଲ୍‌ଜିତ ଦୋସାଞ୍ଜା ମହାରାଜା ଲୁକରେ ନଜର ଆସିଥିଲେ । ଏମାନଙ୍କ ବ୍ୟତିତ ଏହି ଇଭେଣ୍ଟରେ ପ୍ରିୟଙ୍କା ଚୋପ୍ରା, ମନୀଷ ମଲହୋତ୍ରା, ଇଶା ଅମ୍ବାନୀ, ନତାଶା ପୁନୱାଲା ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତଙ୍କ ଲୁକ୍ ଖୁବ ସ୍ୱତନ୍ତ୍ର ଥିଲା ଯାହା ଫ୍ୟାନ୍‌ଙ୍କୁ ଖୁବ ପସନ୍ଦ ଆସିଛି । ଏହି ଇଭେଣ୍ଟକୁ ନେଇ ସୋସିଆଲମିଡିଆରେ ଖୁବ ଚର୍ଚ୍ଚା ଜାରି ରହିଛି ।

## ୱାକଫ ସୁଧାର ଜନ ଜାଗରଣ

# ମୁସ୍‌ଲିମ୍ ମହିଳା ଓ ଝିଅଙ୍କୁ ସ୍ୱାବଲମ୍ବୀ କରିବ ୱାକଫ୍ ଆଇନ୍ : ମୁଖ୍ୟମନ୍ତ୍ରୀ

କେନ୍ଦୁଝର, (ସବ୍ୟୁ): ୱାକଫ ବିଲ୍ ସଂଶୋଧନ ଦ୍ୱାରା ୱାକଫ ବୋର୍ଡରେ ସ୍ୱଚ୍ଛତା ରହିବା ସହିତ ମୁସଲିମ ସଂପ୍ରଦାୟର ମହିଳା ଏବଂ ଝିଅମାନଙ୍କୁ ସ୍ୱାବଲମ୍ବୀ ସହିତ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଉପକୃତ ହୋଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କେନ୍ଦୁଝରରେ ଅନୁଷ୍ଠିତ ୱାକଫ ସଂଶୋଧନ ବିଲ୍ ଉପରେ ହୋଇଥିବା ଜନ ଜଗରଣ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ପକ୍ଷରୁ ସ୍ଥାନୀୟ ଅଡିଟୋରିୟମରେ ଏହି ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାଏକ, ବିଧାୟକ ଡାକ୍ତର ଫକୀର ନାଏକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶିବାଜୀ ମହାନ୍ତି, ଜିଲା ବିଜେପି ସମ୍ପାଦକ ନୀଳମଣୀ ମହାନ୍ତ, ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସାଧାରଣ ସଂପାଦକ ଜଲାଲଉଦ୍ଦିନ ଆକବର(ଲିଲିଆ), ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲ୍ଲା ସଭାପତି ମହତାବ ଆଲାମ, କେନ୍ଦୁଝରଗଡ ପୌର ପାଳିକା ଅଧକ୍ଷା ନିକୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ବିଜେପି ସରକାରଙ୍କ ସ୍ଲୋଗାନ ହେଉଛି ସବକା ସାଥ, ସବକା ବିକାଶ। ହିନ୍ଦୁ ହୁଅନ୍ତୁ କି ମୁସଲମାନ ସମସ୍ତଙ୍କୁ ନେଇ ସରକାର ଚାଲୁଛି । କାହାକୁ କୌଣସି କ୍ଷେତ୍ରରେ ଅବହେଳା କରଯାଉ ନାହିଁ। ସୁଭଦ୍ରା ଯୋଜନା ହେଉ କି ଧାନର ଇନପୁଟ ହେଉ, ସବୁଥିରେ ସମସ୍ତଙ୍କୁ ସାମିଲ କରାଯାଉଛି ଏବଂ ସମସ୍ତଙ୍କୁ ସରକାରଙ୍କ ସୁଫଳ ମିଳୁଛି। ବିଜେପିକୁ ନେଇ ସବୁବେଳେ ସାଂପ୍ରଦାୟିକ ଦଳ କହି ଆରୋପ କରାଯାଉଛି । ମାତ୍ର ଏହା ମିଥ୍ୟା । କେନ୍ଦୁଝର ଜିଲ୍ଲାରେ ଯୋଡା, ବଡ଼ବିଲ , କେନ୍ଦୁଝର ଭଳି ସହରରେ ହନୁମାନ ଜୟନ୍ତୀ ଭଳି କାର୍ଯ୍ୟକ୍ରମରେ ବିଶୃଙ୍ଖଳା ହୋଇନାହିଁ। ବରଂ ମୁସିଲିମ ସଂପ୍ରଦାୟର ଭାଇମାନେ ଏଥିରେ ସହଯୋଗ କରିଛନ୍ତି । ୱାକଫ ବୋର୍ଡ ବାବଦରେ ସେ କହିଥିଲେ, ଏହି ବିଲରେ ସଂଶୋଧନ କରାଯାଇଛି। ଏହା ଅଧିକ କିଭଳି ସ୍ୱଚ୍ଛ ଏବଂ ଫଳପ୍ରସୂ ହେବ, ତାହା କରାଯାଇଛି। ତୁର୍କୀ ଭଳି ଦେଶରେ ୱାକଫ ବୋର୍ଡର ବିଲ ସଂଶୋଧନ କରାଯାଇ ସେଠାରେ ଭୂମୀହୀନ ଅଛନ୍ତି ବା ଯେଉଁମାନଙ୍କ ଜମିକୁ ଅନ୍ୟ ଦ୍ୱାରା ଜବର ଦଖଲ କରାଯାଇଛି , ତାହାକୁ ୱାକଫ ବୋର୍ଡ ସହଯୋଗ କରିବାକୁ ନିଶ୍ଚିତ କରାଯାଇଛି । କୋଟଲା ଫିରୋଜ ଶାହା ଷ୍ଟାଡିୟମ ଭିତରେ ଥିବା ମସଜିଦ ୱାକଫବୋର୍ଡ ନିଜର ଦାବି କରୁଛି। ଏଭଳି ଅନେକ ମସଜିଦ୍ ଭଳି କେରଳର ଏକାଧିକ ଖ୍ରୀଷ୍ଟିୟାନ ସଂପତ୍ତିକୁ ୱାକଫ ବୋର୍ଡ ମଧ୍ୟ ନିଜର ବୋଲି ଦାବି କରିଛି। ଯାହାକି ଅଗ୍ରହଣୀୟ। ପଶ୍ଚିମ ବଙ୍ଗର ବର୍ଦ୍ଧମାନ ଜିଲାର ସାନ୍ତାଳୀ ମାନଙ୍କ ଏକ ପୂଜାସ୍ଥଳୀକୁ ୱାକଫ ବୋର୍ଡ ନିଜର ବୋଲି ଦାବି କରୁଛି। ଏହା କେମିତି ସମ୍ଭବ। ତେଣୁ ଏସବୁର ଆଇନଗତ ସମାଧାନ ପାଇଁ ଏହି ବିଲ୍ ସଂଶୋଧନ କରାଯାଇଛି ଏବଂ ଏହାଦ୍ୱାରା ଖାଲି ଅନ୍ୟ ସଂପ୍ରଦାୟ ନୁହେଁ, ବରଂ ଗରିବ ମୁସଲମାନମାନେ ସମସ୍ୟାରେ ପଡୁଥିଲେ। ଯାହାର ସମାଧାନର ବାଟ ଫିଟିଛି। ସେ କହିଥିଲେ, ମୋଗଲ ସାମ୍ରାଜ୍ୟ ଠୁ ୨୦୧୩ ମସିହା ପର୍ଯ୍ୟନ୍ତ ୱାକଫ ବୋର୍ଡ ପାଖରେ ୧୮ ଲକ୍ଷ ୪୩୦ ହଜାର ଏକର ଜମି ଥିଲା । ମାତ୍ର ୨୦୧୩ରୁ ୨୦୨୫ ମସିହା ମଧ୍ୟରେ ୨୦ଲକ୍ଷ ୯୨ ହଜାର ଏକର ୱାକଫ ବୋର୍ଡ ସହିତ ଯୋଡି ହୋଇଗଲା । ଖାଲି ଏହା ଦ୍ୱାରା ହିନ୍ଦୁ ମାନେ କ୍ଷତିଗ୍ରସ୍ତ ହେଲେ, ତାହା ନୁହେଁ, ବରଂ ମୁସଲମାନମାନେ ମଧ୍ୟ ଅସାମନତାର ଶିକାର ହେଉଥିଲେ ବୋଲି ସେ କହିଥିଲେ । ସେ କହିଥିଲେ, ୨୦୧୩ ମସିହା ମଧ୍ୟରେ ଏହଡି ୱାକଫ ବୋର୍ଡର କେସ୍ ସଂଖ୍ୟା ୧୦୩୮୧ଟି ଥିବା ବେଳେ ୨୦୧୩ ମସିହାରୁ ଏଯାଏ ମୋଟ କେସ୍ ସଂଖ୍ୟା ୨୧୬୮ଟି କେସ୍ ହୋଇଛି। ଏମିତିକି ଇତିମଧ୍ୟରେ ମୋଟ ୫୭୯୩ଟି ସରକାରୀ ସଂପତ୍ତି ଏବେ ୱାକଫ ବୋର୍ଡର ବୋଲି ୱାକଫ ବୋର୍ଡ ଦାବି କରୁଛି। ତେଣୁ ଏବେ ଏହି ବିଲ ସଂଶୋଧନ ହେବା ଦ୍ୱାରା ଆଗାମୀ ଦିନରେ ସମସ୍ତେ ଉପକୃତ ହେବେ ଏବଂ ବିଶେଷ କରି ଆଇନରେ ସମାନତା ଆସିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।



# ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ଓ ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ ପୁରୀରେ ଏନ୍‌ଏସ୍‌ଜି ଟିମ

ପୁରୀ, (ସବ୍ୟୁ): ପୁରୀରେ ଆଜି ଆସି ପହଞ୍ଚିଛନ୍ତି ଏନଏସଜିର ସ୍ୱତନ୍ତ୍ର ଟିମ । ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଏନଏସଜିର ଟିମ ପହଞ୍ଚିଥିବା ବେଳେ ଶ୍ରୀମନ୍ଦିର ଭିତର ଓ ବାହାରେ ସୁରକ୍ଷା ବ୍ୟବସ୍ଥାର ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି । ଗତକାଲି ଏହି ଟିମ ଦେଢ଼ ଘଣ୍ଟା ଧରି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଏନଏସଜିର ଗସ୍ତ ଓ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ଅନେକ ଗୁରୁତ୍ୱ ବହନ କରୁଛି । ଜିଲ୍ଲା ଓ ରାଜ୍ୟ ପୋଲିସ ପ୍ରଶାସନ ଏନଏସଜି ଟିମକୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚରେ ସଂପୂର୍ଣ୍ଣ ସହଯୋଗ କରିବା ସହ ଜିଲ୍ଲା ପୋଲିସ ପ୍ରଶାସନ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ଏସପି କହିଛନ୍ତି । ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଏନଏସଜି ଟିମ୍ ସୁରକ୍ଷା ବ୍ୟବସ୍ଥା ନେଇ ରୁଟିନ୍ ଯାଞ୍ଚ କରିଥାଏ ଚଳିତ ବର୍ଷ ଜାମ୍ମୁ କାଶ୍ମୀର ପହେଲଗାମ୍ ରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ଦେଶର ବିଭିନ୍ନ ତୀର୍ଥ ଓ ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଉଛି । ପୁରୀ ଚାରି ଧାମ ମଧ୍ୟରୁ ସର୍ବଶ୍ରେଷ୍ଠ ଧାମ ହୋଇଥିବାବେଳେ ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଗତ କାଲି ଠାରୁ ଏନଏସଜି ଟିମ୍ ପୁରୀରେ ଅଛନ୍ତି । ରଥଯାତ୍ରାରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ସମ୍ଭାବନା ଥିବାରୁ ଭକ୍ତ ,ପର୍ଯ୍ୟଟକ ,ସାଧାରଣ ଜନତା ଓ ଭିଭିଆଇପିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏନଏସଜି ଟିମ୍ ପକ୍ଷରୁ ଏହି ଯାଞ୍ଚ କରାଯାଇଛି ।

ଏନଏସଜି ଅଧିକାରୀଙ୍କ ନେତୃତ୍ୱରେ ଏହି ଟିମ ଉଭୟ ଶ୍ରୀମନ୍ଦିର ବାହ୍ୟ ଓ ଆନ୍ତଃ ପାର୍ଶ୍ୱ ସୁରକ୍ଷା ବ୍ୟବସ୍ଥାର ଟିକି ନିଖି ଅନୁଧ୍ୟାନ କରିଥିଲେ । ବିଶେଷ କରି ଶ୍ରୀମନ୍ଦିର ମେଘନାଦ ପାଚେରୀ ଠାରୁ ତତ୍ ସଂଲଗ୍ନ ସାହି ଗୁଡ଼ିକର ଦ୍ରାଘିମା ଓ ଅକ୍ଷାଂଶ, କେଉଁ କେଉଁ ସ୍ଥାନରେ ୱାଚ୍ ଟାୱାର ଥିଲା, ପୁରୀକୁ ପ୍ରବେଶ ପଥ,ଶ୍ରୀମନ୍ଦିର ଭିତରେ ଓ ବାହାରେ ଏକ କାଳୀନ କେତେ ଭକ୍ତ ଜମା ହୁଅନ୍ତି,ଶ୍ରୀମନ୍ଦିର ଆନ୍ତଃ ଓ ବାହ୍ୟ ପରିକ୍ରମା ମାର୍ଗରେ ସାଧାରଣ ଦିନ ଓ ରଥଯାତ୍ରା ସମୟରେ କେତେ ଲୋକେ ରୁଣ୍ଡ ହୋଇଥାନ୍ତି, ଶ୍ରୀମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ ସେ ସବୁର ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତିଛ ଏହି ଟିମ ଜିଲ୍ଲା ପୋଲିସ ସହ ମଧ୍ୟ ପୂର୍ବରୁ ଆଲୋଚନା କରିଥିବା ବେଳେ ଆଜି ପୁରୀ ଏସପିଙ୍କ ସହ ଅଧିକ ଆଲୋଚନା କରିଛନ୍ତି । ଏହି ଟିମ ସିଂହଦ୍ୱାର ସମ୍ମୁଖ ଦର୍ଶନ ବ୍ୟବସ୍ଥା, ଭେଟମଣ୍ଡପ ସମ୍ମୁଖ ମେଘନାଦ ପାଚେରୀ ନିକଟ ଅଞ୍ଚଳ, ଦକ୍ଷିଣ ପାର୍ଶ୍ୱ ଅଞ୍ଚଳ ଆଦି ଯାଞ୍ଚ କରିବା ସହ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ସ୍ୱତନ୍ତ୍ର ନକ୍ସା ତଦାରଖ କରିଥିଲେ। ଶ୍ରୀମନ୍ଦିର ବିଭିନ୍ନ ସମୟରେ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବାରୁ ସୁରକ୍ଷା ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏନଏସଜି ପକ୍ଷରୁ ରୁଟିନ ୱର୍କ ଭାବେ ବିଭିନ୍ନ ସମୟରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି । ବିଗତ ଅନେକ ବର୍ଷ ଧରି ଆତଙ୍କବାଦୀଙ୍କ ଟାର୍ଗେଟ ରେ ଶ୍ରୀମନ୍ଦିର ରହିଥିବା ନେଇ ଆଶଙ୍କା କରାଯାଉଛି । ଅନ୍ୟପଟରେ ସାଂପ୍ରତିକ ପରିସ୍ଥିତି ରେ ଭାରତ ପାକ ମଧ୍ୟରେ ତିକ୍ତତା ଦେଖାଦେଇଛି । ଏଭଳି ପରିସ୍ଥିତିରେ ଏନ୍ ସି ଜି ର ଏହି ଯାଞ୍ଚ ପ୍ରକ୍ରିୟା ଗୁରୁତ୍ୱ ବହନ କରୁଛି । ଶ୍ରୀମନ୍ଦିର ସୁରକ୍ଷାରେ ବର୍ତ୍ତମାନ ୧୨ ପ୍ଲାଟୁନ ଫୋର୍ସ ରହିଛନ୍ତି । ଏଚଏଚଏମଡି ମେସିନ ଓ ଡିଏଫଏମଡି ମେସିନ ଓ ଏଫ୍ଏମଡି ମେସିନ ମାଧ୍ୟମରେ ସୁରକ୍ଷା ଯାଞ୍ଚ ହେଉଛି ଆଜି ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିଛନ୍ତି ।

## ୨୦ଫୁଟ ତଳ ନୟନଯୋରୀକୁ ଖସିଲା ଯାତ୍ରୀବାହୀ ବସ୍

# ୨୦ ଯାତ୍ରୀ ଗୁରୁତର : ଅଳ୍ପକେ ବର୍ତ୍ତିଲେ ୨ ନବଜାତ ଶିଶୁ

ବାଲେଶ୍ୱର, (ସବ୍ୟୁ) : ମଙ୍ଗଳବାର ପୂର୍ବାହ୍ନରେ ଚନ୍ଦନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ବାଲେଶ୍ୱରସହର ଉପକଣ୍ଠ ନୟନଯୋରିର ୨୦ଫୁଟ ତଳକୁ ଖସିପଡ଼ିଛି।ଫଳରେ ପ୍ରାୟ ୨୦ଜଣ ଆହତ ହୋଇଥିବାବେଳେ ସୌଭାଗ୍ୟବଶତଃ କୌଣସି ବସ୍ ଯାତ୍ରୀଙ୍କର ମୃତ୍ୟୁ ହୋଇନାହିଁ । ତେବେ ଏହି ବସ୍‌ରେ ଥିବା ୨ଜଣ ୬ମାସର ଶିଶୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଓଡ଼ି୦୧ଏଟି-୪୩୩୪ନମ୍ବର ବିଶିଷ୍ଟ ଶ୍ରୀ ଶନିଦେବ ନାମକ ବସ୍‌ଟି ମଙ୍ଗଳବାର ସକାଳେ ଚନ୍ଦନେଶ୍ୱରରୁ ଯାତ୍ରା ଆରମ୍ଭ କରି ବାଲେଶ୍ୱର ଅଭିମୁଖେ ଆସୁଥିବା ବେଳେ ବାଲେଶ୍ୱରର ଅନତୀ ଦୂରରେ ପ୍ରଥମେ ବସ୍‌ଟି ଏକ ଟ୍ରାକ୍ଟରକୁ ଧକ୍କା ଦେଇ ପରେ ନୟନଯୋରୀକୁ ଖସିପଡ଼ିଥିଲା। । ଏଥିରେ ଥିବା ପ୍ରାୟ ୪୦ଜଣ ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ଆହତ ଯାତ୍ରୀଙ୍କୁ ତୁରନ୍ତ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ସମ୍ପର୍କରେ ଖବର ପାଇଁ ସ୍ଥାନୀୟ ଲୋକ, ଏନ୍‌ଡିଆର୍‌ଏଫ୍ , ଓଡ୍ରାଫ୍ଟ ଟିମ୍ ଓ ଦମ୍‌କଳ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତ ଲୋକମାନଙ୍କୁ ଉଦ୍ଧାର କରି ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ଖବରପାଇ ଜିଲ୍ଲାପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଦୁର୍ଘଟଣାସ୍ଥଳୀରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ଏତଦ୍ ଭିନ୍ନ ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ବିଧାୟକ ସ୍ୱରୂପ ଦାସ ପ୍ରମୁଖ ଦୁର୍ଘଟଣାସ୍ଥଳରେ ପହଞ୍ଚି ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବତନ ବିଧାୟକ ଶ୍ରୀ ଦାସ ବିଜେଡ଼ିର ଏକ ଟିମ୍ ସହିତ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରାଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଗୁରୁତର ମାନଙ୍କ ମଧ୍ୟରେ ମାଳତୀ ବାରିକ(୪୧) ସିଆଳଦା ବସ୍ତା, କାଜଳ ପରମାଣିକ (୬୩) ନାମ୍ପୋ ଜଳେଶ୍ୱର, ସସ୍ମିତା ଗିରି (୩୭) ରେମୁଣା, ରାଧାମୋହନ ସାହୁ (୫୦) କସମିଳା, ଡେହା ଟୁଡୁ (୬୦) ବସ୍ତା ପ୍ରମୁଖ ଅନ୍ତର୍ଭୁକ୍ତ । ଏବାବଦରେ ସହଦେବଖୁଣ୍ଟା ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ବାବଦରେ ତଦନ୍ତ ଅବ୍ୟାହତ ରଖିଛି।




# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ ,(ସବ୍ୟୁ) :ମଙ୍ଗଳବାର ଦିନ ବାରଙ୍ଗ ଥାନା ଅନ୍ତର୍ଗତ ନେତଲ ଗ୍ରାମ ନିକଟରେ ଥିବା ରେଳ ଧାରଣାରୁ ଜଣେ ଯୁବକର କ୍ଷତବିକ୍ଷତ ମୃତ ଦେହକୁ ଉଦ୍ଧାର କରିଛି ବାରଙ୍ଗ ରେଳବାଇ ପୁଲିସ। ମୃତ ଯୁବକ ଜଣକ ବାଙ୍କୀ ଥାନା ଅନ୍ତର୍ଗତ ହରିରାଜପୁର ଗ୍ରାମର ଶ୍ରବଣ କୁମାର ସାହୁ(୨୫) ଓରଫ ପିଣ୍ଟୁ ବୋଲି ସୂଚନା ମିଳିଛି। ପିଣ୍ଟୁ କିଛିଦିନ ହେବ ଚନ୍ଦକା ଥାନାରେ ଡ୍ରାଇଭର ଭାବରେ ନିୟୋଜିତ ଥିବା ଜଣାପଡଉଛି। ସୂଚନା ଯୋଗ୍ୟ ଯେ , ଶ୍ରବଣ କୁମାର ସାହୁ ଓରଫ ପିଣ୍ଟୁ ଗତ ଏକ ମାସହେବ ଚନ୍ଦକାଥାନା ନିକଟରେ ନିଜର ପରିବାର ସହିତ ରହି ଚନ୍ଦକା ଥାନାରେ ନୂତନ କରି ଆସିଥିବା ସ୍କୋରପିଓ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ହେଲେ ସୋମବାର ବିଳମ୍ବିତ ରାତିରେ ଶ୍ରବଣ ଘରକୁ ଫେରିନଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ତାଙ୍କ ସ୍ତ୍ରୀ ବାରମ୍ବାର ଫୋନ୍ କରିଥିଲେ ।ହେଲେ ଫୋନ ନଲାଗିବାରୁ ତାଙ୍କ ପତ୍ନୀ ଏ ବିଷୟରେ ଚନ୍ଦକା ଥାନାକୁ ଖବର ଦେଇଥିଲେ। ଚନ୍ଦକା ଥାନା ପୋଲିସ ତାଙ୍କ ମୋବାଇଲ ରିଙ୍ଗ କରିବା ସହିତ ଟ୍ରାକ କରି ସେ ବାରଙ୍ଗ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ରାତାରାତି ଚନ୍ଦକାଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଶ୍ରବଣଙ୍କ ମୃତଦେହ ରେଳ ଧାରଣା ମଝିରେ ପଡିରହିଥିବାର ଦେଖିବାକୁ ପାଇଥିଲେ। ପୋଲିସଠାରୁ ଖବରପାଇ ବାରଙ୍ଗ ଜିଆରପି ପୋଲିସ ମଙ୍ଗଳବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେଛ ତେବେ ଶ୍ରବଣ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛି ସେନେଇ ଜିଆରପି ପୋଲିସ ତଦନ୍ତ ଆରମ୍ଭ କରିଛି।









# ୨୮ଲକ୍ଷର ବ୍ରାଉନସୁଗର ଜବତ : ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରାଜଧାନୀ ଉପକଣ୍ଠ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଲବଣଗିରି-ପାଞ୍ଚଗାଁ ରାସ୍ତାରେ ମଙ୍ଗଳବାର ସକାଳେ ଚଢାଉ କରି ଅଭିଯୁକ୍ତ ଜ୍ୟୋତିକ୍ରିଷ୍ଣ ସାମନ୍ତରାୟ (୩୭)କୁ ଗିରଫ କରିବା ସହ ତା'ନିକଟରୁ ୨୬୩ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଜବତ ବ୍ରାଉନସୁଗର ମୂଲ୍ୟ ପ୍ରାୟ ୨୮ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଜ୍ୟୋତିକ୍ରିଷ୍ଣ ଘର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବର୍ମିଖାଲରେ ।

ଗୁଇନ୍ଦା ତଥ୍ୟ ଆଧାରରେ ଲବଣଗିରି-ପାଞ୍ଚଗାଁ ରାସ୍ତାରେ ବ୍ରାଉନସୁଗର କାରବାରକୁ ନେଇ ଏସ୍‌ଟିଏଫ୍ ଟିମ୍ ସେଠାରେ ସତର୍କତାର ସହ ଜଗି ରହିଥିଲା । ରାସ୍ତାରେ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ରାଉନସୁଗର ବ୍ୟବସାୟୀ ଜ୍ୟୋତିର୍କ୍ରିଷ୍ଣ ପହଞ୍ଚିବା କ୍ଷଣି ଏସ୍‌ଟିଏଫ୍ ଟିମ୍ ତାକୁ କାବୁ କରିନେଇଥିଲା । ସେ ଦୀର୍ଘଦିନ ହେବ ବ୍ରାଉନସୁଗର ବାହାରୁ ଆଣି ଭୁବନେଶ୍ୱରର ବିଭିନ୍ନ ବ୍ୟବସାୟୀଙ୍କୁ ଲଗାଇଥାଏ । ଏ ସମ୍ପର୍କରେ ସୂଚନା ଥିଲେ ମଧ୍ୟ ଏସ୍‌ଟିଏଫ୍ ସୁଯୋଗକୁ ଅପେକ୍ଷା କରି ରହିଥିଲା । ମଙ୍ଗଳବାର ଗିରଫ ପରେ ଜ୍ୟୋତିକ୍ରିଷ୍ଣକୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ହଟ୍ଟଗୋଳ ମଧ୍ୟରେ ପଞ୍ଚାୟତ ସମିତି ବୈଠକ ଶେଷ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ପଂଚାୟତ ସମିତିର ୧୦ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ଉପମା ବେହେରାଙ୍କ ପୌରହିତ୍ୟରେ



ଆୟୋଜିତ ବୈଠକରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ. ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାସିଂଙ୍କ ସମେତ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକର ପ୍ରାରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ ପରେ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ବ୍ଲକ ପ୍ରଶାସନ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ଠପ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଏହି ଘଟଣାକୁ କେନ୍ଦ୍ର କରି ପଂଚାୟତ ଲୋକପ୍ରତିନିଧିମାନେ ପାଟିତୁଣ୍ଡ କରିବା ଯୋଗୁଁ ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଅଧ୍ୟକ୍ଷାଙ୍କୁ କୌଣସି ସୂଚନା ଦିଆଯାଉ ନଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ । ସେହିପରି ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ବନ୍ଦ ନେଇ ପ୍ରତିବାଦ ସ୍ୱରୂପ ତଳେ ବସି ରହି ହରତାଳ କରିଥିଲେ । ପଞ୍ଚାୟତ ଲୋକପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ବିଡିଓ ଦେଇ ନପାରି ହଡବଡେଇ ଯାଇଥିଲେ । ପରେ ବିଧାୟକ ଘଟଣାରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଆସନ୍ତା ୭ ଦିନ ମଧ୍ୟରେ ଖଣ୍ଡପଡା ବ୍ଲକ ଅଧିନ ୨୨ ଗୋଟି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ତ୍ୱରାନ୍ୱିତ କରିବା ଦିଗରେ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ବୈଠକରେ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ ବଡସେଟ ଓ ସମସ୍ତ ପଂଚାୟତର ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ । ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟକଳାପକୁ ନେଇ ଦିର୍ଘ ମାସ ଧରି ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଥିବା ପଞ୍ଚାୟତ ଲୋକପ୍ରତିନିଧିମାନଙ୍କ ପଂଜିଭୂତ ଅସନ୍ତୋଷ ପଞ୍ଚାୟତ ସମିତି ବୈଠକରେ ପ୍ରତିଫଳିତ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

# ପ୍ରତ୍ୟେକ ଘରକୁ ୫ ଗୋଟି ମୌଳିକ ସେବା ଯୋଗାଇ ଦିଆଯିବ : ସାଂସଦ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ବର୍ତ୍ତମାନ ସମୟ ଉପନୀତ । ଦଳମତ ନିର୍ବିଶେଷରେ ମିଶିକି କାମ କରି ଖୋର୍ଦ୍ଧା ଜିଲ୍ଲାକୁ ଶୀର୍ଷରେ ପହଁଚାଇବାର ଅଛି । ସବୁଠାରୁ ବଡ଼ କଥା ହେଉଛି କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚୁଛି । ନା ନାହିଁ ତାହାର ତଦାରଖ କରିବା ଆଜିର ବୈଠକର ମୁଖ୍ୟ ଆଭିମୁଖ୍ୟ । ଗତ ଅକ୍ଟୋବର ୫ତାରିଖ ରେ ଶେଷ ବୈଠକ ବସିଥିଲା । ମଙ୍ଗଳବାର ଦିଶା ବୈଠକ ପରେ ପ୍ରତ୍ୟେକ ୩ ମାସରରେ ଏଥର ନିରନ୍ତର ବୈଠକ ବସିବ । ପ୍ରତ୍ୟେକ ଘରେ ୫ ଗୋଟି ମୌଳିକ ସେବା ଯଥା ଛାତ ଘର, ବିଶୁଦ୍ଧ ପିଇବା ପାଣି ସଂଯୋଗ, ଶୌଚାଳୟ, ବିଜୁଳି, ଗ୍ୟାସ ସିଲିଣ୍ଡର ଏବଂ ସର୍ବୋପରି ଗାଁକୁ ରାସ୍ତା ସଂଯୋଗ ଯୋଗାଇ ଦିଆଯିବ ବୋଲି ସାଂସଦ ଭିଜନ ରଖିଛନ୍ତି ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା (ଦିଶା) ବୈଠକରେ ଅଧ୍ୟକ୍ଷତା କରି ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ବୈଠକରେ ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ କହିଲେ ଯେ ଦିଶା ବୈଠକ ଖୋର୍ଦ୍ଧା ଜିଲ୍ଲା ବିକାଶରେ ନିଶ୍ଚିତ ଭାବେ ଦିଶା ଦେଖାଇବ । ଜିଲ୍ଲାରେ ବର୍ତ୍ତମାନ ରାଜନୈତିକ ଏବଂ ପ୍ରଶାସନିକ ଦକ୍ଷତା ଅଛି । କେନ୍ଦ୍ର ଓ ରାଜ୍ୟରେ ସମାନ ସରକାର ଅଛି । ବିକାଶରେ କୌଣସି ଦଳ ନଥାଏ । ଏଣୁ ଖୋର୍ଦ୍ଧାର ଦୃତ ବିକାଶରେ ସମସ୍ତେ ଏକାଠି ହେଲେ ଲକ୍ଷ୍ୟ ସ୍ଥଳରେ ଆମେ ଖୁବ୍ ଶୀଘ୍ର ପହଁଚି ପାରିବା ସହ ଏକ ଜେନେରସନ୍ ପାଇଁ ଭିଜନ ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ ।

ବୈଠକରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ କହିଲେ ବର୍ତମାନ ଜିଲ୍ଲାରେ ରୌଦ୍ର ତାପ ଯୋଗୁଁ ପାଣି ସମସ୍ୟା ଦେଖାଦେଇଛି । ଏଣୁ ପାଣି ସମସ୍ୟା ଦୂର କରିବା ସହ ସ୍ୱାସ୍ଥ୍ୟ ଓ ଶିକ୍ଷା ସେବାର ବିଭିନ୍ନ ସମସ୍ୟାକୁ ସମାଧାନ ଦିଗରେ ସାଂସଦ ଗୁରୁତ୍ୱ ଦେବାକୁ କହିଥିଲେ । ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ଜନ ପ୍ରତିନିଧି ମାନଙ୍କ ସହଯୋଗରେ ସମସ୍ତ



ଯୋଜନାର ଉପକାରିତା ଲୋକଙ୍କ ପାଖରେ ପହଁଚାଇବାକୁ ଗୁରୁତ୍ୱାରୋପ କରିଥିଲେ । କଲ୍ୟାଣପୁର ପାଂଚଗାଁ ରୋଡ ମଧ୍ୟରେ କଲଭର୍ଟ ନିର୍ମାଣ ପାଇଁପ୍ରସ୍ତାବ ରଖିଥିଲେ ।

ଏହି ପରିପ୍ରେକ୍ଷୀରେ ସାଂସଦ କହିଲେ ଅପ୍ରେଲ ୧ତାରିଖ ଠାରୁ ଜିଲ୍ଲାରେ ଯୋଜନା ସଫଳ ରୂପାୟନରେ ରାଜନୈତିକ ଅଡିଟ କରାଯିବ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ । ୫ଗୋଟି ମୌଳିକ ସେବାର ଯୋଜନା ସଫଳତା ଦିଗରେ ଘରକୁ ଘର ବୁଲି ସର୍ଭେ କରାଯିବ । ପ୍ରତ୍ୟେକ ବ୍ଲକ ସଦର ମହକୁମା ରେ ରିଡ଼ିଂ ରୁମ୍ ହେବ ଏବଂ ଏହା ବ୍ଲକ୍ ଅଫିସ୍ ଦ୍ୱାରା ପରିଚାଳିତ ହେବ । ସେହିପରି କୋଚିଙ୍ଗ ସେଂଟର ମଧ୍ୟ ଖୋଲାଯାଇ ବିଦ୍ୟା ଅର୍ଜନ କୁ ଗୁରୁତ୍ୱ ପ୍ରଦାନ କରାଯିବ । ଗ୍ରାମୀଣ ଗୃହ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୭୪ ନିର୍ମାଣାଧୀନ ଅଛି । ଏ ସମ୍ବନ୍ଧରେ ୭୫୭ ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ପ୍ରଥମ କିସ୍ତି ୭୫୫ ହିତାଧିକାରୀଙ୍କୁ, ଦ୍ୱିତୀୟ କିସ୍ତି ୪୯୧ ହିତାଧିକାରୀଙ୍କୁ ଏବଂ ତୃତୀୟ କିସ୍ତି ୩୫୭ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଆସନ୍ତା ୧୫ ମଇ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସାଂସଦ ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ସର୍ଭେ କାର୍ଯ୍ୟ ଚାଲିଥିବାରୁ ଏହାକୁ ଆସନ୍ତା ୧୫ ମଇ ସୁଦ୍ଧା ଶେଷ କରିବାକୁ ମଧ୍ୟ ସାଂସଦ ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ୬୮୪ ଘରକୁ ୧୦୦ଦିନର କାର୍ଯ୍ୟ ଦିବସ ଯୋଗାଇ ଦିଆଯାଇଛି । ଅମୃତ ସରୋବର ଯୋଜନାରେ ୫୮୩ ପ୍ରକଳ୍ପକୁ ଚିହ୍ନଟ କରାଯାଇଥିବାବେଳେ ୧୯୦ ଗ୍ରାମ ପଂଚାୟତରେ ୫୭୦ ହିତାଧିକାରିଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ୨୫୫୪ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୧୫୫୮ନିର୍ମାଣ ଶେଷ ହୋଇଛି । ଏଥିସହ ସାଂସଦ ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଯୋଜନା ଅନ୍ତର୍ଗତ ନଳକୂପ ଖନନ, ପାଇପଲାଇନ ଜଳ ଯୋଗାଣ, ଜଳସେଚନ, ପ୍ରାଚୀ ନଦୀବନ୍ଧ ଖଣ୍ଡ ଯୋଜନା, ଉଠାଜଳସେଚନ ଯୋଜନା, ୮ଟି ବ୍ଲକରେ ୨୦୦ ପିଏମ କୁସୁମ ଯୋଜନା, ଗ୍ରାମୀଣ ରାସ୍ତା ନିର୍ମାଣ, ବୋଲଗଡ଼ ବାଙ୍କୋଇ ରୁ ପାଟବନ୍ଧ ରାସ୍ତା ମଇ ୩୧ ସୁଦ୍ଧା ସାରିବା, ଜିଲ୍ଲାରେ୧୦୮ ଗୋଟି ଗ୍ରାମୀଣ ରାସ୍ତା ନିର୍ମାଣ ଅଗ୍ରଗତି, ପିଏମ ଫସଲବୀମା ଯୋଜନା ଓ ଏହି ଯୋଜନାରେ ୨୦୨୩ ବର୍ଷରେ ମୋଟ୨୯୫୧୪୮ ଚାଷୀମାନଙ୍କ ୨୬୦୯୫ହେକ୍ଟର ଖରିପ ଚାଷରେ ଏବଂ ୧୧୮୮ଚାଷୀଙ୍କ ୨୬୦ହେକ୍ଟର ଚାଷ ଜମି ଯୋଜନାର ସମୀକ୍ଷା କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପ ଜିଲ୍ଲାପାଳ ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଉପଜିଲ୍ଲାପାଳ ଭୁବନେଶ୍ୱର, ଡ . ମନୋରଞ୍ଜନ ସାହୁ, ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟ ମେଂଟ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ ।

## ୬ ବର୍ଷର ନାବାଳିକାକୁ ବଳାତ୍କାର

# ୬୨ ବର୍ଷୀୟ ବୃଦ୍ଧକୁ ଆଜୀବନ କାରାଦଣ୍ଡ

କଟକ, (ସବ୍ୟୁ) : ମାହାଙ୍ଗା ଅଞ୍ଚଳରେ ଜଣେ ୬ବର୍ଷୀୟ ନାବାଳିକାଙ୍କୁ ୬୨ବର୍ଷୀୟ ବୃଦ୍ଧ ବଳାତ୍କାର କରିବା ଘଟଣାର ଶୁଣାଣି କରି କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଆସାମୀ ପୂର୍ଣ୍ଣଚନ୍ଦ୍ର ଧଳକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଆସାମୀ ଉପରେ ୫୦ ହଜାର ଟଙ୍କାର ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ଗୋଟେ ବର୍ଷ ଜେଲ୍ଦଣ୍ଡ ଭୋଗିବ । ଅପରପକ୍ଷରେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

୨୦୨୨ ମସିହା ଫେବୃଆରୀ ୧୦ତାରିଖ ଦିନ ପୀଡ଼ତାଙ୍କ ମା' ମାହାଙ୍ଗା ଥାନାରେ ଏକ ଏତଲା ଦେଇଥିଲେ । ଯେଉଁଥିରେ ସେ ଅଭିଯୋଗ କରିଥିଲେ ଯେ, ୯ ତାରିଖ ଦିନ ତାଙ୍କ ୬ବର୍ଷର ଝିଅ ସକାଳ ୧୦ଟା ସମୟରେ କେଉଁଆଡ଼େ ନିଖୋଜ ହୋଇଯାଇଥିଲା । ବହୁ ଖୋଜାଖୋଜି କରିବା ପରେ ପୀଡ଼ିତାଙ୍କର କାନ୍ଦ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଧଳର ଘରୁ ଶୁଭିଥିଲା । ସେଠାରୁ ଲୋକେ ପୀଡ଼ିତାଙ୍କୁ ଉଦ୍ଧାର କରି ଆଣିଥିଲେ ଛ ପୀଡ଼ିତା ସେଠାରୁ ଆସିବା ପରେ ଅଭିଯୁକ୍ତ ପୂର୍ଣଚନ୍ଦ୍ର କିପରି ତାଙ୍କ ସହ ଖରାପ ବ୍ୟବହାର କରିଥିଲା ସେ ସଂକ୍ରାନ୍ତରେ କହିଥିଲା । ଏନେଇ ପୀଡ଼ିତାଙ୍କ ମା' ୧୦ତାରିଖ ଦିନ ମାହାଙ୍ଗା ଥାନାରେ ଏତଲା ଦେଇଥିଲେ । ଏହି ଏତଲା ଆଧାରରେ ମାହାଙ୍ଗା ଥାନା ପକ୍ଷରୁ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ ଗିରଫ କରାଯାଇଥିଲା । ମାମଲାର ଶୁଣାଣି କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ହୋଇଥିଲା । ଅଦାଲତ ୨୦ଜଣ ସାକ୍ଷୀ ଏବଂ ୧୭ଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ପୂର୍ଣଚନ୍ଦ୍ର ଧଳକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

## ଭୁବନେଶ୍ୱରରେ ହେବ ଇନରହୁଇଲ ବାର୍ଷିକ ସମ୍ମିଳନୀ 'ସନ୍ନିତା'

ଭୁବନେଶ୍ୱର, (ସବ୍ୟୁ): ଅନ୍ତର୍ଜାତୀୟ ମହିଳା ଅନୁଷ୍ଠାନ ଇନରହୁଇଲ ଜିଲ୍ଲା ୩୨୬ର ଦୁଇଦିନିଆ ବାର୍ଷିକ ସମ୍ମିଳନୀ 'ସନ୍ନିତା' ଭୁବନେଶ୍ୱରଠାରେ ଆସନ୍ତା ୩୦ତାରିଖରେ ଆୟୋଜିତ ହେଉଛି । ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଓଡ଼ିଶାରେ ଥିବା ବିଭିନ୍ନ ଇନର୍ ହୁଇଲ କ୍ଲବରୁ ପ୍ରାୟ ୨୦୦ ସଦସ୍ୟା ଯୋଗଦେବାର କାର୍ଯ୍ୟକ୍ରମ ରହିଛିଛ ଏହି କାର୍ଯ୍ୟକ୍ରମରେ ଜିଲ୍ଲା – ୩୨୬ର ଆଗାମୀ ବର୍ଷର ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ କାର୍ଯ୍ୟଭାର ଗ୍ରହଣ କରିବେ ଓ ତାଙ୍କୁ ଦାୟତ୍ୱ ଅର୍ପଣ କରିବେ ଚଳିତ ବର୍ଷର ଜିଲ୍ଲାଧ୍ୟକ୍ଷା ସନ୍ଧ୍ୟାରାଣୀ ମିଶ୍ର । ଏହି ଅବସରରେ ସମାଜସେବା କ୍ଷେତ୍ର ରେ ଉତ୍ସାହାଗୀକୃତ କାର୍ଯ୍ୟ କରିଥିବା ବିଭିନ୍ନ ଇନରହୁଇଲ କ୍ଲବ ତଥା କ୍ଲବର ସଦସ୍ୟାମାନଙ୍କୁ ପୁରସ୍କୃତ କରାଯିବ । ଦୁଇଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀ 'ସନ୍ନିତା' ର ଅଧ୍ୟକ୍ଷତା କରିବେ ପୂର୍ବତନ ଜିଲ୍ଲାଧ୍ୟକ୍ଷା ମଧୁମିତା ମହାନ୍ତି ।

# ୩୦ଗ୍ରାମ୍ ବ୍ରାଉନସୁଗର ଜବତ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲକ୍ଷ୍ମୀସାଗର ଥାନା ପୋଲିସ ୩୦ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସ୍ୱନ୍ଦନ ମିଶ୍ର (୩୪), ଦୀପକ ନାୟକ (୨୫), ରୋଫିକୁଲ୍ ଶେଖ (୩୩) । ରୋଫିକୁଲ ଘର ପଶ୍ଚିମବଙ୍ଗ ହୋଇଥିବା ବେଳେ ଦୀପକ ଘର ନୟାଗଡ ଓ ସ୍ୱନ୍ଦନ ଘର ଖଣ୍ଡଗିରି ଜାଗମରାରେ ବୋଲି ପୋଲିସ କହିଛି ।

ଝାରପଡା ମେଳଣ ପଡିଆ ନିକଟ କଂସେଇଖାନା ପଛ ପାଖରେ ଅତର୍କିତ ଭାବେ ଲକ୍ଷ୍ମୀସାଗର ଥାନା ପୋଲିସ ଚଢାଉ କରି ୩ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବ୍ରାଉନସୁଗର ଜବତ କରିବାରେ ସମର୍ଥ ହୋଇଥିଲା । ଗିରଫ ଅଭିଯୁକ୍ତମାନେ ସେଠାରେ ବ୍ରାଉନସୁଗର କାରବାର କରୁଥିବା ପୋଲିସ ଖବର ପାଇଥିଲା । ରୋଫିକୁଲ୍ ପଶ୍ଚିମବଙ୍ଗରୁ ବ୍ରାଉନସୁଗର ଆଣିବା ପରେ ଏମାନେ ଏଠି ବେପାର କରନ୍ତି ବୋଲି ପୋଲିସରେ କହିଛନ୍ତି । ଗିରଫ ୩ ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ସିଭିଲ ଡିଫେନ୍ସ ମକଡ୍ରିଲ୍ ପାଇଁ ବ୍ୟାପକ ପ୍ରସ୍ତୁତି

# ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରରୁ ପରିଚାଳନା

ଭୁବନେଶ୍ୱର(ସବ୍ୟୁ): କୌଣସି ଯୁଦ୍ଧ ପରିସ୍ଥିତି ସମୟରେ ସମ୍ଭାବ୍ୟ ଆକାଶ ମାର୍ଗରୁ ଆକ୍ରମଣ କବଳରୁ ଧନଜୀବନ ସୁରକ୍ଷା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ



(ବିଏମ୍ସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ପରାମର୍ଶକ୍ରମେ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ଉକ୍ତ ସିଭିଲ ଡିଫେନ୍ସ ମକଡ୍ରିଲ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ମଙ୍ଗଳବାର ଏ ସଂପର୍କରେ ମଧ୍ୟ ସମୀକ୍ଷା କରିଛନ୍ତି ।

ଶତ୍ରୁ ପକ୍ଷରୁ ଯଦି ଆକ୍ରମଣ ହୁଏ, ଜନସାଧାରଣ କିଭଳି ନିଜର ଆତ୍ମରକ୍ଷା କରିପାରିବେ, ସେ ସଂପର୍କିତ ଅଭ୍ୟାସ ଏହି ମକଡ୍ରିଲରେ କରାଯିବ । ବିଏମସି ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରରେ ଖୋର୍ଦ୍ଧା ଜିଲ୍ଲାପାଳ ସମସ୍ତ ପ୍ରକାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଆକ୍ରମଣ ସମୟରେ ତ୍ୱରିତ ପଦକ୍ଷେପ ସହ ଯୋଗଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଅଧିକାରୀମାନଙ୍କ ସହ ସେ ଆଲୋଚନା କରିଛନ୍ତ । ଏହି ଅବସରରେ ବିଏମ୍ସି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବା ସହ ୧୯୨୯ରେ ଯୋଗାଯୋଗ କରିବାକୁ ଜନ ସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଥିପ୍ରତି ସଜାଗ ରହିବା ସହିତ, ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମକଡ୍ରିଲ ସମ୍ପର୍କିତ ପ୍ରସ୍ତୁତି ପାଇଁ ଆଲୋଚନା କରିଛନ୍ତ । ଏଥିରେ ଡାକ୍ତରୀ, ଅଗ୍ନିଶମ ସେବା, ସିଭିଲ ଡିଫେନ୍ସ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହଯୋଗର ଆବଶ୍ୟକତା ଥିବା ଦୃଷ୍ଟିରୁ ଏନେଇ ଜିଲ୍ଲାପାଳ ଶ୍ରୀ ରାଣା ଭିଡିଓ କନଫରେନ୍ସି ମାଧ୍ୟମରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ବିଏମ୍ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ସାଫଲ୍ୟମଣ୍ଡିତ ପ୍ରଧାନ, ଭୁବନେଶ୍ୱର ଉପଜିଲ୍ଲାପାଳ ଡକ୍ଟର ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ବିଏମ୍ସି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ**

**୧୯୨୯ରେ ଯୋଗାଯୋଗ କରିବାକୁ ପରାମର୍ଶ**

# ମହାବୀର ହନୁମାନଙ୍କ ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ



ଭୁବନେଶ୍ୱର, (ସବ୍ୟୁ): ବେଗୁନିଆ ବ୍ଲକସ୍ଥିତ ଚଣ୍ଡିଆପଲା ଗ୍ରାମରେ ପ୍ରତିଷ୍ଠିତ ମହାବୀର ହନୁମାନ ମନ୍ଦିରର ପ୍ରତିଷ୍ଠା ଦିବସ ଉପଲକ୍ଷେ ତିନିଦିନ ଧରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ବିଶ୍ୱଶାନ୍ତି ମହଯଜ୍ଞ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟପୁରୋଧା ଭାବେ ଗୋବର୍ଦ୍ଧନପୀଠର ଶଙ୍କରାଚାର୍ଯ୍ୟଙ୍କ ପ୍ରତିନିଧି ମାତୃପ୍ରସାଦ ମିଶ୍ର, ମାଳିକା ପ୍ରଚାରକ ଧାନକୁଦ ମଠର ମହାନସାଧୁ ପ୍ରେମସାଗର ବାବା, ନିମପୁରର ନାମାଚାର୍ଯ୍ୟ ବାୟାବାବାଙ୍କ ସମେତ ପଚାଶରୁ ଅଧିକ ସାଧୁସନ୍ଥ ଯୋଗଦେଇ କଳିକଲୁଷ ସଂସାରରୁ ମୁକ୍ତିପାଇବା ପାଇଁ ଆଧ୍ୟାତ୍ମିକ ପରାମର୍ଶ ଦେଇଥିଲେ । ସାଧୁସନ୍ଥ ମହାମିଳନ ପର୍ବକୁ ସିଦ୍ଧସାଧକ କାହ୍ନୁବାବା ପରିଚାଳନା କରିଥିଲେ । ଯଜ୍ଞର ପୂର୍ଣ୍ଣାହୁତି ସମୟରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମହାବୀରଙ୍କ କୃପାଲାଭ କରିଥିଲେ । ଶେଷରେ ଗ୍ରାମବାସୀଙ୍କ ତରଫରୁ ପ୍ରତାପ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ ।

# କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ଖୋଲିବାକୁ ଦାବି

ଭୁବନେଶ୍ୱର(ସବ୍ୟୁ): ଦୀର୍ଘ ଦିନ ଧରି କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ନିର୍ମାଣ ପାଇଁ ଦାବି ଉଠୁଛି । କିନ୍ତୁ ଏହି ଦାବି ଏଯାଏ ପୂରଣ ହୋଇ ପାରିନାହିଁ । ବର୍ତ୍ତମାନର ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି । ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

ପରିଷଦ ପକ୍ଷରୁ କୁହାଯାଇଛି, କେନ୍ଦ୍ରାପଡ଼ା ଜିଲ୍ଲାର ଲୋକମାନେ ସରକାରୀ ସ୍ୱାସ୍ଥ୍ୟସେବା ଉପରେ ନିର୍ଭର କରୁଛନ୍ତି । କିନ୍ତୁ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଭିତ୍ତିଭୂମିର ଘୋର ଅଭାବ ରହିଛି । ଲୋକମାନେ ଉନ୍ନତମାନର ସ୍ୱାସ୍ଥ୍ୟ ସେବାରୁ ଏବେ ବି ବଞ୍ଚିତ ଅଛନ୍ତି । ଜିଲ୍ଲାରେ ସାଂଖ୍ୟାଧିକ ଡାକ୍ତର ପଦବି ଖାଲି ପଡ଼ିଛି । ଏମ୍ଆର୍ଆଇ, ଆଇସିୟୁ, ଟ୍ରୋମା କେୟାର, ସିଟି ସ୍କାନ୍ ଓ ଏଣ୍ଡୋସ୍କୋପି ପରି ଆଧୁନିକ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ନାହିଁ । ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ କଟକ ମେଡିକାଲ କଲେଜ ଉପରେ ନିର୍ଭର କରିବାକୁ ପଡୁଛି । ଭୌଗଳିକ ଦୃଷ୍ଟିରୁ କେନ୍ଦ୍ରାପଡ଼ାର ଆଭ୍ୟନ୍ତରୀଣ ଅଞ୍ଚଳର ଲୋକମାନେ କଟକ ଯାଇ ସ୍ୱାସ୍ଥ୍ୟ ସେବା ପାଇବାରେ ଆର୍ଥିକ ଦୃଷ୍ଟିରୁ ସମ୍ଭବ ହେଉ ନାହିଁ । ଫଳରେ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଗତ କିଛି ବର୍ଷ ହେଲା ଏହି ଦାବି ନେଇ ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇ ଆସୁଛି ।

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ । ଏହା ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ସୁଦୃଢ଼ ହୋଇପାରିବ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ାରେ ଆବଶ୍ୟକତାକୁ ଉପଲବ୍ଧି କରି ଓ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ନଜରରେ ରଖି ଚଳିତ ବର୍ଷ ଏଠାରେ ମେଡିକାଲ କଲେଜ ଖୋଲିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରିଷଦ ନିବେଦନ କରିଛି ।

# ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ମଞ୍ଚେଶ୍ୱର ରେଲୱେ ରୋଡସ୍ଥିତ ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର (ଏସ୍ଏଲ୍ଡିସି) ପରିଦର୍ଶନ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଏସଏଲଡିସିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ସହିତ ଏହାର ନିୟନ୍ତ୍ରଣ କକ୍ଷ (କଂଟ୍ରୋଲ ରୁମ୍) ପରିଦର୍ଶନ କରି ସେଠାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକଳାପ ସଂମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏସ୍ଏଲ୍ଡିସିର କାର୍ଯ୍ୟାବଳୀ, ରାଜ୍ୟର ବିଦ୍ୟୁତ ବ୍ୟବସ୍ଥାରେ ଏହାର ଗୁରୁତ୍ୱ ଏବଂ ବିଦ୍ୟୁତ ଗ୍ରୀଡର ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା କିପରି କାର୍ଯ୍ୟ କରୁଛି ସେ ବିଷୟରେ କର୍ମକର୍ତ୍ତା ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

ଏସ୍ଏଲ୍ଡିସିର ଅଧିକାରୀମାନେ ରାଜ୍ୟରେ ବିଦ୍ୟୁତ ଚାହିଦା ଓ ଯୋଗାଣର ସନ୍ତୁଳନ ରକ୍ଷା, ଗ୍ରୀଡ ସ୍ଥିରତା ସୁନିଶ୍ଚିତ କରିବା ଏବଂ ଆଧୁନିକ ପ୍ରଯୁକ୍ତି ବ୍ୟବହାର ମାଧ୍ୟମରେ ବିଦ୍ୟୁତ ବଂଟନକୁ ଅଧିକ କ୍ରିୟାଶୀଳ କରିବା ଆଦି ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣ ଏବଂ ଅନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ଗ୍ରୀଡ ସହ ସମନ୍ୱୟ ରକ୍ଷା କରିବାରେ ଏସଏଲଡିସିର କାର୍ଯ୍ୟଧାରା ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ଏହି ପରିଦର୍ଶନ ସମୟରେ ଓପିଟିସିଏଲ୍ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ଏସ୍ଏଲ୍ଡିସିର ନିର୍ଦ୍ଦେଶକ ବି ବି ମେହତାଙ୍କ ସମେତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ଦୁଗ୍ଧ ଚାଷୀଙ୍କ ଜୀବନ ଜୀବିକାକୁ ଅଧିକ ସୁରକ୍ଷିତ କରିଛି ଗୋ ପାଳନ ଯୋଜନା

# ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ରହିଛି ଲକ୍ଷ୍ୟ

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋ–ପାଳନ ଯୋଜନାକୁ ମିଳିଛି ପ୍ରାରମ୍ଭିକ ସଫଳତା । ଗତ ତିନି ମାସ ମଧ୍ୟରେ ଏକ ହଜାରରୁ ଉର୍ଦ୍ଧ୍ୱ ଅଧିକ ଦୁଗ୍ଧ ଉତ୍ପାଦନକ୍ଷମ ଗାଈ ଗୋ–ପାଳନ ଯୋଜନାରେ ସାମିଲ ହୋଇଛନ୍ତି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆନ୍ଧ୍ର–ପ୍ରଦେଶ, ଛତିଶଗଡ଼, ତାମିଲନାଡୁ ଆଦି ରାଜ୍ୟରୁ ଏହି ଗାଈ ଅଣାଯାଇଛି । ଫଳରେ ଦୁଗ୍ଧ–ଚାଷୀଙ୍କ ଜୀବନ–ଜୀବିକାକୁ ଗୋ–ପାଳନ ଯୋଜନା ଅଧିକ ସୁରକ୍ଷିତ ଓ ସଶକ୍ତ କରିଛି । ଆମ ରାଜ୍ୟରେ ଉନ୍ନତ ପ୍ରଜାତିର ଗୋ–ପାଳନ ପାଇଁ ମଧ୍ୟ ଏହା ସହାୟକ ହେବ ଓ ଅନ୍ୟମାନଙ୍କୁ ପ୍ରେରିତ କରିବ । ମତ୍ସ୍ୟ–ପ୍ରାଣୀ ସମାବେଶ ଓଡ଼ିଶା – ୨୦୨୫ ଆୟୋଜନ ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଚାଷୀମାନଙ୍କୁ ଗୋ–ଆହେଡ୍ ଲେଟର୍ ବା କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଥିଲେ । ସରକାରୀ ସହାୟତା ପାଇ ଚାଷୀମାନେ ବାହାର ରାଜ୍ୟରୁ ଦୁଧିଆଳୀ ଗାଈ କ୍ରୟ କରିଛନ୍ତି । ଏବେ ଏହି ଉତ୍କୃଷ୍ଟମାନର ଦୁଧିଆଳୀ ଗାଈ ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଗେମ୍ଚେଞ୍ଜର୍ ଭାବେ ଉଭା ହୋଇଛି । କନ୍ଧମାଳ ଜିଲ୍ଲାରେ ଏହି ଗୋପାଳନ ଯୋଜନାରେ ପ୍ରଥମ କରି ତିନୋଟି ୟୁନିଟ ପ୍ରତିଷ୍ଠା ହୋଇଛି । ସମସ୍ତ ତିନି ଦୁଗ୍ଧ ଚାଷୀ ହେଉଛନ୍ତି ମହିଳା । ଏହି ସଫଳତା ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ସମାନତାକୁ ପ୍ରତିଫଳିତ କରୁଛି । ଗୋପାଳକଙ୍କ ଜୀବିକାକୁ ଅଧିକ ସଶକ୍ତ ଓ ସୁରକ୍ଷିତ କରିବା ନିମନ୍ତେ ରାଜ୍ୟ ସରକାର ଗୋ–ପାଳନ ଯୋଜନା ଆରମ୍ଭ କରିଛନ୍ତି । ଦୈନିକ ଅତି କମରେ ୧୦ ଲିଟରରୁ ଅଧିକ ଦୁଗ୍ଧ ଦେଉଥିବା ଗାଈ କ୍ରୟ କରିବା ନିମନ୍ତେ ରାଜ୍ୟ ସରକାର ୭୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ପ୍ରଦାନ କରୁଛନ୍ତି । ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଚାଷୀମାନେ ସେମାନଙ୍କର ପସନ୍ଦ ମୁତବକ ଗାଈ ବାହାର ରାଜ୍ୟରୁ କ୍ରୟ କରି ପାରୁଛନ୍ତି । ଏହି ଯୋଜନାରେ ଗାଈ କ୍ରୟ କରିବାର ୭–୧୦ ଦିନ ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସବସିଡି ପ୍ରଦାନ କରାଯାଇଥାଏ । ତେଣୁ ଅଧିକରୁ ଅଧିକ ଲୋକ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ ଯୋଜନାରେ ସାମିଲ ହେବାକୁ ମତ ପ୍ରକାଶ ପାଉଛି ।

## ନନ୍ଦନକାନନ ଦାୟିତ୍ୱରେ ପ୍ରଶାନ୍ତ

ବାରଙ୍ଗ ,(ସବ୍ୟୁ) : ମଙ୍ଗଳବାରଠାରୁ ନନ୍ଦନକାନନ ଉପ–ନିର୍ଦ୍ଦେଶକ ଭାବେ ପ୍ରଶାନ୍ତ କୁମାର ପଣ୍ଡା ଦାୟିତ୍ୱରେ ରହିଛନ୍ତି। ନନ୍ଦନକାନନ ଉପ ନିର୍ଦ୍ଦଶକ ଦାୟି ରେ ଥିବା ସନତ କୁମାର ଏନ୍ ୨୨ଦିନ ପାଇଁ ଛୁଟିରେ ଯିବାପରେ ପଣ୍ଡା ଅସ୍ଥାୟୀ ଭାବେ ତାଙ୍କ ଦାୟିତ୍ୱରେ ରହିଥିବାର ଜଣାପଡିଛି।ଏବେ ପିସିସିଏଫ୍ କାର୍ଯ୍ୟାଳୟରେ ପ୍ରଶାନ୍ତ କୁମାର ପଣ୍ଡା ଉପ–ବନସଂରକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ୬ତାରିଖଠାରୁ ୨୮ତାରିଖ ୨୨ଦିନ ପର୍ଯ୍ୟନ୍ତ ସେ ନନ୍ଦନକାନନ ଦାୟିତ୍ୱବରେ ରହିବେ। ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବାପରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଯାଇ ବୁଲିକି ଦେଖିଛନ୍ତି।ଉଭୟପାର୍କର ରେଞ୍ଜଅଫିସର ଓ ପଦାଧିକାରୀ ମାନେ ତାଙ୍କୁ ଭେଟି ପରିଚାଳନା କ୍ଷେତ୍ର ବିଷୟରେ ବିଭିନ୍ନ ଆଲୋଚନାମାନ କରିଥିବାର ଜଣାପଡିଛି।

# ତୃତୀୟ ଥର ପାଇଁ ବିଜେଡ଼ି ରାଜ୍ୟ କୋଷାଧ୍ୟକ୍ଷ ହେଲେ ସୁବାସ ସିଂ

କଟକ,(ସବ୍ୟୁ):ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ,କଟକ ମେୟର ସୁବାସ ସିଂହ ଙ୍କୁ ଭରସା କରି ୩ୟ ଥର ପାଇଁ ବିଜୁ ଜନତା ଦଳ ର ରାଜ୍ୟ କୋଷାଧ୍ୟକ୍ଷ ପଦରେ ନିଯୁକ୍ତି କରିଛନ୍ତି । ପୂର୍ବରୁ ୨ ଥର ୮ ବର୍ଷ ଧରି ଶ୍ରୀ ସିଂହ ଦଳର କୋଷାଧ୍ୟକ୍ଷ ପଦ ରେ ରହି ନିଷ୍ଠା, ବିଶ୍ୱାସ ଓ ଆସ୍ଥା ଅର୍ଜନ କରି ବିଜୁ ଜନତା ଦଳର କାର୍ଯ୍ୟ କରି ଆସୁଛନ୍ତି । ଶ୍ରୀ ସିଂହ ବିଜୁ ଜନତା ଦଳ ର ରାଜ୍ୟ କୋଷାଧ୍ୟକ୍ଷ, ବିଜୁ ଶ୍ରମିକ ସାମୁଖ୍ୟ ର ମହାସଚିବ ତଥା କଟକ ସହରର ପ୍ରଥମ ପ୍ରତ୍ୟକ୍ଷ ନିର୍ବାଚିତ ମେୟର ଭାବରେ ନିଷ୍ଠାର ସହିତ ନିଜର କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି । ନବୀନ ପଟ୍ଟନାୟକ ଙ୍କର ଜନ୍ମ ମାଟି କଟକ କୁ ଜାତୀୟ ମାନଚିତ୍ରରେ ଆଣିବା ପାଇଁ ବହୁ ଯୋଜନା ପ୍ରଣୟନ କରି କାର୍ଯ୍ୟକୁ ଆଗକୁ ବାଢାଇଅଛି । ଶ୍ରୀ ସିଂହ ରାଜ୍ୟସଭାକୁ ମନୋନୀତ ହୋଇ କାର୍ଯ୍ୟ କରିବାପରେ ସୁପ୍ରିମୋଙ୍କ



ଡାକରା ପାଇ କରକଟକ ମହାନଗର ନିର୍ବାଚନରେ ପ୍ରଥମ ପ୍ରତ୍ୟକ୍ଷ ନିର୍ବାଚନରେ ପ୍ରାର୍ଥି ଭାବେ ଜିତି କଟକର ବିକାଶ କାର୍ଯ୍ୟକୁ ତ୍ୱରାନିତ କରିବାକୁ ସକ୍ଷମ ହୋଇଛନ୍ତି । ନେତାଜୀ ବସ ଟର୍ମିନାଲ ,ବକ୍ସ ଡ୍ରେନ, ଜାଇକା କାର୍ଯ୍ୟ, ଘର ଘର ପାନୀୟ ଯୋଗାଣ ଭଳି ବହୁ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହବାକୁ ଯାଉଛି । ବିଜୁ ଜନତା ଦଳକୁ ସାଧାରଣ ଲୋକଙ୍କ ନିକଟତର କରିବା କାର୍ଯ୍ୟରେ ଶ୍ରୀ ସିଂହ ପ୍ରମୁଖ ଭୂମିକା ପାଳନ କରିଆସୁଛନ୍ତି । ବିଜୁ ଶ୍ରମିକ ସାମୁଖ୍ୟ ର ମହାସଚିବ ଓ କଟକ ମେୟର ଭାବରେ ଜନସାଧାରଣ ଙ୍କ ପାଇଁ ଦିନରାତି ଏକ କରି ଓ ଅକ୍ଳାନ୍ତ ପରିଶ୍ରମ କରି ଶ୍ରମିକ ଶ୍ରେଣୀର ଲୋକ ଙ୍କ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିଆସୁଛନ୍ତିଛ ନବୀନ, ତୃତୀୟ ଥର ପାଇଁ ସୁବାସଙ୍କୁ ଭରସା କରିବା ହେଉଛି ଆଶା ଓ ବିଶ୍ୱାସର ପରିପ୍ରକାଶ ।

# କଳା ବାଘ ଶିକାରର ମୋଷ୍ଟ ୱାଣ୍ଟେଡ ହାର୍ଡକୋର ଶିକାରୀ ଗିରଫ



ବାରିପଦା, (ସବ୍ୟୁ) : ଗିରଫ ହେଲା ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରେ ନିକଟରେ ହୋଇଥିବା କଳା ବାଘ ଶିକାର ଘଟଣାର ମାଷ୍ଟରମାଇଁଣ୍ଡ ତଥା କୁଖ୍ୟାତ ଶିକାରୀ ରବୀନ୍ଦ୍ର ନାଏକ (୨୪)। ଅଭିଯୁକ୍ତ ରବୀନ୍ଦ୍ରର ଘର ମୟୂରଭଞ୍ଜ ଜିଲ୍ଲା ଡୁକୁରା ୱାଇଲ୍ଡ ଲାଇଫ୍ ରେଞ୍ଜ୍ ଅନ୍ତର୍ଗତ ବଣିଆଦର (କାସିକୁଣ୍ଡଳ) ଗ୍ରାମର ହୋଇଥିବା ବେଳେ ଘଟଣା ଘଟିବା ପରଠାରୁ ସେ ଫେରାର ରହିଥିଲା। ଗୁଇନ୍ଦା ସୂତ୍ରରୁ ଅଭିଯୁକ୍ତକୁ ଗୁଜରାଟରୁ ଠାବ କରାଯାଇଥିବା ବେଳେ ଡବ୍ଲ୍ୟୁସିସିବି ସେଣ୍ଟ୍ରାଲ ରିଜିଓନ୍ ଭୋପାଳ ସହାୟତାରେ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ରବୀନ୍ଦ୍ରକୁ ସେଠାରୁ ଧରିଆଣିବରେ ସକ୍ଷମ ହୋଇଥିଲା । ଗତ ୪ତାରିଖରେ ତାକୁ ଗିରଫ କରି ୫ତାରିଖରେ କୋର୍ଟଚାଲାଣ କରାଯାଇଛି। ଅନୁସନ୍ଧାନ ବେଳେ ଅଭିଯୁକ୍ତ ଠାରୁ ବାଘକୁ ଶିକାର କରିବା ପାଇଁ ବ୍ୟବହର କରୁଥିବା ଅନେକ ଅସ୍ତ୍ରଶସ୍ତ୍ର ସହିତ ଗୋଟିଏ ଦେଶୀ ବନ୍ଧୁକ୍ ଏବଂ ୪ଟି ବାଘ ନଖ ମଧ୍ୟ ଜବତ୍ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ମୋଟ୍ ୧୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪ ଅଭିଯୁକ୍ତ ଏବେବି ଫେରାର ରହିଥିବା ସୂଚନା ଦେଇଛନ୍ତି ଶିମିଳିପାଳ ଦକ୍ଷିଣ ଡିଭିଜନର ଡେପୁଟି ନିର୍ଦ୍ଦେଶକ ସମ୍ରାଟ୍ ଗୌଡ଼ ।

# ଫୁଲଟା'ରେ ବୋମାମାଡ ଓ ଆତଙ୍କରାଜ : ଦୁଇ ଗୋଷ୍ଠୀର ୮ ଗିରଫ



ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗାଁ'ରେ ଦୀର୍ଘ ବର୍ଷ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ପଡିଆରା ପାଇଁ ଚକାପଞ୍ଝା ଲାଗି ରହିଛି। ଶାନ୍ତି କମିଟି ଗଠନ ହୋଇଥିଲେ ମଧ୍ୟ ତାକୁ କେହି ନମାନି ଆକ୍ରମଣ ଓ ପ୍ରତି ଆକ୍ରମଣ ଭଳି ଘଟଣା ଘଟିଥିଲା । ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ହେଲେ ସେଠାରେ ଶାନ୍ତି ଫେରୁନି। ଗତ ଦୁଇ ତାରିଖ ରାତ୍ର ଗାଁ' ଦାଣ୍ଡରେ ବିଭିନ୍ନ ବୋମାମାଡ ସହ ଆତଙ୍କରାଜ ଦେଖା ଦେଇଥିଲା। ଉକ୍ତ ଘଟଣାରେ ଏବେ ପୋଲିସ ଉଭୟ ଗୋଷ୍ଠିର ୮ ଜଣଙ୍କୁ ବାନ୍ଧିଛି। ସେମାନେ ହେଲେ ଲିଙ୍ଗରାଜ ଚର୍ଚ୍ଚା(୩୮), ବଳରାମ ନାହାକ (୨୫), ସନ୍ୟାସୀ ସାଶମଲ(୨୫), ସୁକାନ୍ତ ନାହାକ(୩୦), ଦଣ୍ଡପାଣି ସାଶମଲ(୨୭), ପୂର୍ଣ୍ଣ ବସ୍ତିଆ(୩୨), ତପନ ଚର୍ଚ୍ଚା(୨୫), ସନ୍ତୋଷ ମଲିକ ଓରଫ ବାୟା(୩୫)। ମାମଲା ନଂ୧୩୨/୨୫ରେ ଗିରଫ କରି ଅଭିଯୁକ୍ତ ମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ ଜାରି ରହିଛି । ଯେଉଁମାନଙ୍କ ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଗାଁ'ରେ ଏବେବି ପୋଲିସ ଫୋର୍ସ ମୁତୟନ ରହିଛି । ଘଟଣା ପରେ ବିଭିନ୍ନ ସ୍ଥାନରେ ଲୁଚି ରହିଥିବା ଅଭିଯୁକ୍ତ ମାନଙ୍କୁ ପୋଲିସ ଏବେ ଖୋଜିଖୋଜି ଧରୁଛି। ଘଟଣାରୁ ପ୍ରକାଶଯେ, ଗତ ୨ ତାରିଖ ରାତ୍ର ପ୍ରାୟ ୧୦ ଟା'ରେ ଉକ୍ତ ଗ୍ରାମରେ ଘନଘନ ବୋମାମାଡ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ହେବାରୁ ସଧାରଣ ଲୋକେ ଭୟଭୀତ ହୋଇଥିଲେ। ଘଟଣା ପରେ ଗାଁ'ରେ ତାଟି କବାଟ ପଡିଯାଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିବା ସହ ବୋମା ଜବତ କରିଥିଲା। ପୂର୍ବରୁ ଦୁଇଗୋଷ୍ଠି ପକ୍ଷରୁ ଆକ୍ରମଣ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଯୁବକ ମାନେ ଗାଁ'କୁ ଫେରିବା ପରେ ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଗାଁ'ରେ କେହିବି ଲୋକ ଥାନାରେ ଅଭିଯୋଗ କରିବାକୁ ସାହସ କରିନଥିଲେ। ଏଣୁ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିଲା ।

# ରାଞ୍ଚିରେ ଜାତୀୟ କରାଟେ ପ୍ରତିଯୋଗିତା

# ମୟୂରଭଞ୍ଜ କରାଟେ ଦୋ ଆସୋସିଏସନ୍‌ର ସଫଳତା



ବାରିପଦା, (ସବ୍ୟୁ) : ଜାତୀୟ କରାଟେ ପ୍ରତିଯୋଗିତା ରାଞ୍ଚି ଖେଲଗାଉରେ ବିଶ୍ୱନାଥ ସହଦେବ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ସେଥିରେ ବାରିପଦାରୁ ୨୨ଜଣ ଅଂଶଗ୍ରହଣ କରିଥିଲେ। ତେବେ ମୟୂରଭଞ୍ଜ କରାଟେ ଦୋ ଆସୋସିଏସନ୍‌ର ତନିସା ମହାନ୍ତ କାତାରେ ସ୍ୱର୍ଣ୍ଣ, ଜୟଦୀପ ମହାନ୍ତ କୁମିତେରେ ରୌପ୍ୟ, କାବ୍ୟାଂଶ ଗୀରି କାତାରେ ସ୍ୱର୍ଣ୍ଣ, ଦୀପକ କୁଆଁର କାତାରେ ସ୍ୱର୍ଣ୍ଣ, ପ୍ରିୟାଂଶି ବସୁରି କାତାରେ ରୌପ୍ୟ, ଆରହି ମହାପାତ୍ର କାତାରେ କଂଗସୀୟ, ସାଇ ସୁରୀୟାଂଶୁ ସାହୁ କାତାରେ ରୌପ୍ୟ, ଇତିଶ୍ରୀ ନାୟକ କାତାରେ ରୌପ୍ୟ, ଜିଜ୍ଞାଶା ବାସୁରୀ କାତାରେ ସ୍ୱର୍ଣ୍ଣ, ଇସାନ ମହାନ୍ତ କୁମିତେ ରୌପ୍ୟ, ଜୟାନି ସେଠୀ କାତାରେ ସ୍ୱର୍ଣ୍ଣ, ଶୁଭଙ୍କର ପ୍ରତିହାରୀ କୁମିତେରେ କାଂଗସୀୟ, ତେଜାସ ବିଶ୍ୱାଳ କୁମିତେରେ କାଂଗସୀୟ, ବୈଭବ ପଟ୍ଟନାୟକ କାତାରେ ସ୍ୱର୍ଣ୍ଣ, ସାଇ ପରିନିତା ମଣ୍ଡଳ କାତାରେ ରୌପ୍ୟ, କିସ୍କିନ୍ଦା ମୁର୍ମୁ କାତାରେ ରୌପ୍ୟ, ଆଦିର ଦେ କାତାରେ ସ୍ୱର୍ଣ୍ଣ, ଅଞ୍ଜନା କାତାରେ ସ୍ୱର୍ଣ୍ଣ, ଅର୍କିତା ସିଂ କାତାରେ ରୌପ୍ୟ, ଗୌତମୀ ସିଂ କାତାରେ କଂଗସୀୟ ଓ ବିଶ୍ୱାମିତ୍ରା ସିଂ ଟିମ କାତାରେ ରୌପ୍ୟ ହାସଲ କରିଛନ୍ତି। ଶିକ୍ଷକ କିୟନ୍ସି ଶ୍ରୀକାନ୍ତ ବାରିକ ଓ ହଂସି ସୁଶାନ୍ତ ବାରିକ, ଟିମ୍ କୋଚ୍ ସାଇ ସୁନ୍ଦର ବାରିକ ଓ ଟିମ୍ ମ୍ୟାନେଜର ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ନାଗରିକମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଶାରୀରିକ କାର୍ଯ୍ୟକଳାପକୁ ସାମିଲ କରିବାକୁ ଉତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଏକ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଏକ ସାଇକେଲ ର୍‍ୟାଲିର ଆୟୋଜନ କରାଯାଇଥିଲା। ଏଥିରେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଫ୍ଲାଗ୍-ଅଫ୍ ପୂର୍ବରୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ସମାବେଶକୁ ସମ୍ବୋଧନ କରି ନିଜ ବକ୍ତବ୍ୟରେ ନିୟମିତ ବ୍ୟାୟାମର ଗୁରୁତ୍ୱ ଉପରେ ଆଲୋକପାତ କରି ସାଇକେଲ୍ ଚାଳନା କେବଳ ଏକ ଶାରୀରିକ କାର୍ଯ୍ୟକଳାପ ନୁହେଁ ବରଂ ସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ଆମର ଦାୟିତ୍ୱ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡଃ ପ୍ରିୟ ରଞ୍ଜନ ଦେବତା, ସହଯୋଗୀ ପ୍ରଫେସର ଡଃ ଗୁଣନିଧି ଧାଙ୍ଗଡା ମାଝୀ, ଡଃ ଯତୀନ୍ଦ୍ରନାଥ ବେଶ୍ରା, ଡଃ ଜନ୍ମେଞ୍ଜୟ ନାୟକ ଏବଂ ଡଃ ପ୍ରିୟଙ୍କା ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ରାସ୍ତା କିସମ ଜମିକୁ ବେଆଇନ ଜବର ଦଖଲ ନେଇ ଅଭିଯୋଗ

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକ ଅନ୍ତର୍ଗତ ଜାହାଡା ଗ୍ରାମର ସ୍ୱପ୍ନେଶ୍ୱର ଶିବ ମନ୍ଦିର ସମ୍ମୁଖରେ ସର୍ବସାଧାରଣ ସଡ଼କ କିସମ ଜମିରେ ଗ୍ରାମର କିଛି ବ୍ୟକ୍ତି ବେଆଇନ ଭାବେ ଜବର ଦଖଲ କରି ପକାଘର ନିର୍ମାଣ କାର୍ଯ୍ୟ କରିବା ନେଇ ଗ୍ରାମର ବହୁ ବ୍ୟକ୍ତି ଧରାକୋଟ ତହସିଲଦାରଙ୍କ ପାଖରେ ଅଭିଯୋଗ କରିଛନ୍ତି। ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ପରିଚାଳନା କମିଟି ଜାହାଡାର ସଭାପତି ନୀଳମଣି ସ୍ୱାଇଁ, ସଂପାଦକ ବିଜୟ ବାଡତ୍ୟାଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଜବର ଦଖଲ ଏବଂ ବେଆଇନ ନିର୍ମାଣ ନେଇ ଗଞ୍ଜାମ ଜିଲ୍ଲାପାଳ, ଧରାକୋଟ ଥାନାରେ ମଧ୍ୟ ଏବିଷୟ ନେଇ ଅଭିଯୋଗ କରିଛନ୍ତି। ଗ୍ରାମର ସର୍ବସାଧାରଣଙ୍କ ଦାବି ହେଲା ବିଭିନ୍ନ ଜାନୀ ଯାତ୍ରା, ଦଣ୍ଡ ଯାତ୍ରା, ଶୀତଳ ଷଷ୍ଠୀ ଯାତ୍ରା, ମହାଶିବରାତ୍ରି, ପୌଷ ପୂର୍ଣ୍ଣିମା ଭଳି ପର୍ବରେ ହଜାର ହଜାର ସଂଖ୍ୟାରେ ଜନ ସମାଗମ ହେଇଥିବା ବେଳେ ଜାହାଡା ଗ୍ରାମର କିଛି ଲୋକ ବେଆଇନ ଭାବେ ସେଇ ସ୍ଥାନକୁ ଜବର ଦଖଲରେ ରଖିଛନ୍ତି। ତୁରନ୍ତ ଏହି ଜବର ଦଖଲକୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମ୍ୟ କମିଟି ସଭ୍ୟ ଧର୍ମବର ପ୍ରଧାନ, ନାରାୟଣ ସାବତ, ଗୋକୁଳ ସ୍ୱାଇଁ, ଭଗବାନ ପରିଡ଼ା, ସୁରେନ୍ଦ୍ର ପରିଡ଼ା, ଶିବରାମ ପ୍ରଧାନଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ମିଳିତ ଭାବେ ଆସି ଅଭିଯୋଗ ପ୍ରଦାନ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଧରାକୋଟ ଥାନା ଅଧିକାରୀ ଏବଂ ଗଞ୍ଜାମ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ଧରାକୋଟ ଗଡ଼ରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି

ଧରାକୋଟ, (ସବ୍ୟୁ): ଧରାକୋଟ ଗଡ଼ରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ସୁପରିଚାଳନା ଓ ପାରମ୍ପାରିକ ରୀତିନୀତିରେ ଯାତ୍ରାକୁ ପାଳନ କରିବା ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଦିଲିପ୍ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଶିବ ପାର୍ବତୀଙ୍କ ଦେବ ରୀତିନୀତି ଅନୁଯାୟୀ ବିବାହ, ଦେବ ଦେବୀଙ୍କ ନଗର ପରିକ୍ରମା ଏବଂ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ କରାଇବା ପାଇଁ ନିଷ୍ପତ୍ତି ହେଇଥିଲା। ଅନ୍ତିମ ଦିବସରେ ଜଗନ୍ନାଥ ନାଟ୍ୟ ସଂସଦର କଳାକାରଙ୍କୁ ନେଇ ସାମାଜିକ ନାଟକ କଳଙ୍କ ମୋ ପାଇଁ ଚନ୍ଦନ ଟୋପା ମଞ୍ଚସ୍ଥ କରାଯିବା ନେଇ ଆଲୋଚନା ହୋଇଥିଲା। ଶୀତଳଷଷ୍ଠୀ ଯାତ୍ରା ପରିଚାଳନା ପାଇଁ ଦିଲୀପ କୁମାର ସ୍ୱାଇଁଙ୍କୁ ସଭାପତି ରୂପେ ମନୋନୀତ କରାଯାଇଥିବାବେଳେ ଉପସଭାପତି ଭାବେ ସୁନୀଲ କୁମାର ଗୌଡ ଏବଂ ଯାତ୍ରା ପରିଚାଳକ ଭାବେ ସୁନୀଲ କୁମାର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ଏହା ସହ ପୂଜା କମିଟି, ଯାତ୍ରା ପରିଚାଳନା କମିଟି, ନାଟ୍ୟ ପରିଚାଳନା କମିଟି, ଶାନ୍ତି ଶୃଙ୍ଖଳା ରକ୍ଷା କମିଟି ସହ ଅନ୍ୟାନ୍ୟ କମିଟି ଗଠନ କରାଯାଇଥିଲା। ଏହି ଯାତ୍ରା ପରମ୍ପରା ଅନୁଯାୟୀ ତିନିଦିନ ଧରି ଅନୁଷ୍ଠିତ ହେବ ମୁଖ୍ୟତଃ ଭାବେ ଦେବ ଦେବୀଙ୍କ ବିବାହ ସଂପନ୍ନ ପାଇଁ ଶ୍ୟାମ ସୁନ୍ଦର ତ୍ରିପାଠୀ, ରବିନ୍ଦ୍ର ମହାପାତ୍ର, ରଜନୀ ବେହେରା, ଶିବରାମ ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶହଶହ ବର୍ଷ ଧରି ଧରାକୋଟ ଗଡ଼ରେ ଶୀତଳଷଷ୍ଠୀ ଯାତ୍ରାର ପରମ୍ପରା ରୀତିନୀତିର ଖ୍ୟାତି ରହିଛି । ଏହି ବୈଠକରେ ଧରାକୋଟ ଗଡ଼ର ସମସ୍ତ ଜନସାଧାରଣ ଯୋଗଦେଇ ଯାତ୍ରାକୁ ସହଯୋଗ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆସନ୍ତା ବୁଧବାର ଦିନ ଶୁଭ ତିଥିରେ ଶୁଭ ଖୁଣ୍ଟି ସ୍ଥାପନ ସହ ଧର୍ମ ଝାଣ୍ଡା ପ୍ରତିଷ୍ଠା କରାଯିବ।

# ଟଙ୍କା ଦାବି କରି ମହିଳା ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରର ଜଣେ ଜମି ମାଲିକଙ୍କୁ ଟଙ୍କା ଦାବି କରିବା ଅଭିଯୋଗରେ ଗୋସାଇଁ ନୂଆଗାଁ ଥାନା ପୁଲିସ୍ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଗୋସାଇଁ ନୂଆଗାଁର ଏସ୍ ଲକ୍ଷ୍ମୀ ରାଓ(୪୫) । ହାଉସିବୋର୍ଡ ମିନାକ୍ଷୀନଗରର ସନ୍ତୋଷ କୁମାର ପାଢୀଙ୍କ ଷ୍ଟେସନ ନିକଟରେ ଏକ ପ୍ଲଟ ରହିଛି । କିଛି ମାସ ତଳେ ଲକ୍ଷ୍ମୀ ସେହି ପ୍ଲଟ ନିକଟକୁ ଆସି ଏହାର ତାଙ୍କର ବୋଲି ଦାବି କରିବା ସହ ପ୍ଲଟ ମାଲିକ ସନ୍ତୋଷଙ୍କୁ ଟଙ୍କା ଦାବି କରିଥିଲେ । ହେଲେ ମହିଳା ଜଣଙ୍କ ସେଠାକୁ ଯାଇ ସନ୍ତୋଷଙ୍କୁ ଟଙ୍କା ଦାବି କରିବା ସହ ଗାଳିଗୁଲଜ କରିଥିଲେ। ଏନେଇ ସନ୍ତୋଷ ଗୋସାଇଁ ନୂଆଗାଁରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଉକ୍ତ ମହିଳାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

# ୧୦ ରେ ଅନୁଷ୍ଠିତ ହେବ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବାରିପଦାଙ୍କ ତରଫରୁ ଚଳିତ ମଇମାସ ୧୦ତାରିଖ ତଥା ଶନିବାର ବାରିପଦା ସ୍ଥିତ ସିଭିଲ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ ) ଚେକ ବାଉନ୍ସ, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିଦ୍ୟୁତ୍, ଜଳ ବିଲ ପୈଠ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁସଙ୍ଗିକ ମାମଲା, ଖାଉଟି ବିବାଦ ଆଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ବିଚାରଧୀନ ମାମଲା ବ୍ୟତୀତ ପ୍ରାକ-ମକଦ୍ଦମା ସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇନଥିବା) ବିଭିନ୍ନ ମାମଲା ଗୁଡିକର ମଧ୍ୟ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମାଧାନ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଲାଗେ ନାହିଁ ଏବଂ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଅଟେ। ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ତେବେ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ତେଣୁ ଦୀର୍ଘ ଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଏବଂ ଅଯଥା ଆର୍ଥିକ ଖର୍ଚ୍ଚାନ୍ତରୁ ତଥା ସମୟ ଅପଚୟରୁ ମୁକ୍ତି ପାଇବା ପାଇଁ ଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପରାମର୍ଶ ଦିଆଯାଉଛି।

# ରେଳଧାରଣରୁ ଅଜଣା ବୃଦ୍ଧାଙ୍କ ଶବ ଜବତ

ବ୍ରହ୍ମପୁର, (ସବ୍ୟୁ): ଜିଆରପି ଥାନା ପୋଲିସ ମଙ୍ଗଳବାର ଅପରାହ୍ଣରେ ରେଳଧରଣାରୁ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ତାଙ୍କର ପରିଚୟ ମିଳିପାରିନାହିଁ। ତାଙ୍କର ବୟସ ଆନୁମାନିକ (୬୫) ବର୍ଷ ହେବ ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରି ଏସଂକ୍ରାନ୍ତରେ ୪୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉକ୍ତ ବୃଦ୍ଧା ଜଣଙ୍କ ରେଳଧାରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ମୃତ୍ୟୁ ବରଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରକାଶ ଯେ, ଅପରାହ୍ଣ ସାଢେ ୩ଟା ବେଳେ ଜଣେ ବୃଦ୍ଧାଙ୍କ ମୃତଦେହ ଆମ୍ବପୁଆ ନିକଟରେ ଥିବା ହାଉସିଂ ବୋର୍ଡ଼ ପଛପଟ ଦେଇ ଯାଇଥିବା ରେଳଧରଣା କଡରେ ପଡିଥିବା ଖବର ମିଳିଥିଲା। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରିଚୟ ଜାଣିବା ପାଇଁ ପୋଲିସ ଆଖପାଖ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ କେହି ବି ମୃତ ବୃଦ୍ଧାଙ୍କୁ ଚିହ୍ନଟ କରିପାରିନଥିଲେ ।

# ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜନୈକା ଯୁବତୀଙ୍କୁ ଚାକିରି କରାଇଦେବାକୁ କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ପଦ୍ମତୋଳା ଗ୍ରାମର ରାହୁଲ କୁମାର ସ୍ୱାଇଁ(୨୩) । ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାପ୍ରକାରେ, ବଡବଜାର ଅଞ୍ଚଳର ଜଣେ ଯୁବତୀଙ୍କ ସହ ରାହୁଲଙ୍କ ପରିଚୟ ହୋଇଥିଲା। ଯୁବତୀଙ୍କୁ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇ ରାହୁଲ ତାଙ୍କ ସହ ମିଳାମିଶା ଆରମ୍ଭ କରିଥିଲେ। ଏପରିକି ତାଙ୍କ ସହ ବନ୍ଧୁତା ସ୍ଥାପନ କରି ତାଙ୍କ ଇଚ୍ଛା ବିରୁଦ୍ଧରେ ବାରମ୍ବାର ବଳାତ୍କାର କରିଥିଲେ। ଚାକିରୀ ମିଳିଯିବା ଆଶାରେ ସେ ବାଧହୋଇ ଚୁପ ହୋଇ ରହୁଥିଲେ। ଚାକିରି ନମିଳିବାରୁ ଯୁବତୀ ଜଣଙ୍କ ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରିଥିଲା।

# ମାଟ୍ରିକ ପରୀକ୍ଷା

# କୁଲାଡ କବି ସମ୍ରାଟ ସରକାରୀ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳତା

କୁଲାଡ, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ୨୦୨୪-୨୫ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଭଞ୍ଜନଗର ବ୍ଲକ କୁଲାଡ କବି ସମ୍ରାଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛି । ଏହି ପରୀକ୍ଷାରେ ୧୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଏ-୨ ଗ୍ରେଡରେ ସର୍ବୋଚ୍ଚ ନମ୍ବର ୫୦୩ ରଖି ରେଶ୍ମାରାଣୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୧ ଗ୍ରେଡରେ ୮ଜଣ, ୨ ଗ୍ରେଡରେ ୧୪ଜଣ, ସିଗ୍ରେଡରେ ୪୬ ଜଣ, ଡି ଗ୍ରେଡରେ ୨୯ଜଣ ଓ ଇ ଗ୍ରେଡରେ ୧୮ଜଣ ଏମିତି ମୋଟ ୧୧୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତାରେ ବିଦ୍ୟାଳୟ ତଥା ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ କର୍ମଶାଳା




ଫୁଲବାଣୀ, (ସବ୍ୟୁ) : ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ କର୍ମଶାଳା ସ୍ଥାନୀୟ ପଞ୍ଚାୟତ ଭବନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଫୁଲବାଣୀ ପକ୍ଷରୁ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗଦେଇ ପାଣି ପଞ୍ଚାୟତ ହେଉଛି କୃଷକମାନଙ୍କ ଏକ ସ୍ୱାଧୀନ ବ୍ୟକ୍ତି ସାମୂହିକ ପରିଚାଳକ ଅମଳ, ବଣ୍ଟନ ୱେଲ ଏବଂ ପେରୋକ୍ୱିନ୍ ଟ୍ୟାଙ୍କରେ ନିୟୋଜିତ କୃଷକ ପରିଚାଳନା । ଭୂତଳ ଟ୍ୟାଙ୍କରେ ନିୟୋଜିତ ଚାଷ ଜୋନର ଏକ ସ୍ୱେଚ୍ଛାକୃତ କାର୍ଯ୍ୟକଳାପ । ଏଣୁ ସମସ୍ତ କୃଷକମାନେ ନିଜ ନିଜ ଜମିକୁ ପଡିଆ ନରଖି ଧାନ ଅମଳ ପରେ ଅନ୍ୟ କିଛି କୃଷି କରିବାକୁ ପରାମର୍ଶ ଦେଇଥିଲେ । ଏଥି ସହିତ ଜମିରେ ରାସାୟନିକ ସାର ପ୍ରୟୋଗ ନକରି ଜୈବିକ ସାର ପ୍ରୟୋଗ କରିବା ପାଇଁ କହିଥିଲେ । ଏହା ଦ୍ୱାରା ପାଣି ପ୍ରଦୂଷିତ ହେବନାହିଁ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ସଂଯୋଜକ ତଥା ଅଧୀକ୍ଷକ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ ଇଂ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ସାମାଜିକ କର୍ମୀ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ ଇଂ ଅଶୋକ କୁମାର ପାଢ଼ି ସମ୍ମାନିତ ଅତିଥିଭାବେ ଯୋଗଦେଇ କନ୍ଧମାଳ ଜିଲ୍ଲାରେ ଜୈବିକ କୃଷି ତଥା ଫସଲ ବିବିଧିକରଣ ଉପରେ ଉପସ୍ଥିତ ଚାଷୀମାନଙ୍କୁ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପ-ବିଭାଗ ଅଧିକାରୀ ଗୋଲକ କୁମାର ସାହାଣୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପାଣି ପଞ୍ଚାୟତର ସଦସ୍ୟ, ଚାଷୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଡ୍ରିମ୍‌ସ ନର୍ସିଂ ସ୍କୁଲରେ ବିଶ୍ୱ ଧାତ୍ରୀ ଦିବସ



କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ବିଶ୍ୱ ଧାତ୍ରୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ଦେଇ ଗର୍ଭବତୀ ମା'ର ଓ ନବଜାତକର ଯତ୍ନ କ୍ଷେତ୍ରରେ ଧାତ୍ରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଶିକ୍ଷାନୁଷ୍ଠାନର ସହକାରୀ ଡିନ୍ ଏନ୍ ପ୍ରେମଲତା ଦେବୀଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପଦ୍ମିନୀ କେୟାର ହସ୍‌ପିଟାଲର ସ୍ତ୍ରୀ ରୋଗ ଓ ପ୍ରସୂତିବିଭାଗର ମୁଖ୍ୟ ପ୍ରଫେସର ଡା. ପ୍ରତିମା ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଲେ ଗର୍ଭଧାରଣର ପୂର୍ବ ଓ ପରବର୍ତ୍ତୀ ସମୟରେ ମା' ଓ ଶିଶୁର ଉତ୍ତମ ଯତ୍ନ ଓ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏଥିପାଇଁ ତାଲିମପ୍ରାପ୍ତ ଧାତ୍ରୀଙ୍କର ଆବଶ୍ୟକତା ରହିଛି । ସଚେତନତା ଦ୍ୱାରା ହିଁ ଅନେକାଂଶରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ହୋଇପାରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ହସ୍‌ପିଟାଲର ଡେପୁଟୀ ନର୍ସିଂ ସୁପରିଟେଣ୍ଡେଣ୍ଟ ପ୍ରିୟଦର୍ଶିନୀ ମହାରଣା, ସହକାରୀ ପ୍ରାଧାପିକା ଉର୍ମିଳା ସ୍ୱାଇଁ, ସଂଗୀତା ନାୟକ, ଦେବସ୍ମିତା ବାରିକ, ଶୁଭସ୍ମିତା ସାହୁ, ସୁମିତ୍ରାରାଣୀ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ପଦ୍ମିନୀ କେୟାର ହସ୍‌ପିଟାଲର ସ୍ତ୍ରୀ ରୋଗ ଓ ପ୍ରସୂତି ୱାର୍ଡରେ କାର୍ଯ୍ୟରତ ସେବିକାମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ଉପହାର ପ୍ରଦାନ କରାଯାଇଥିଲା ।

# ରଥ ନିର୍ମାଣ ପାଇଁ ଉତ୍ତର ଘୁମୁସର ବନଖଣ୍ଡରୁ ଗଲା ୨୩ ଖଣ୍ଡ ରଥ କାଠ



ଭଞ୍ଜନଗର, (ସବ୍ୟୁ): ଘଣ୍ଟ ଘଣ୍ଟା, ମୃଦଙ୍ଗ ବାଜଣାରେ ଜୟ ଜଗନ୍ନାଥ କହି, ପୁରୀକୁ ପଠାଗଲା ୨୪ ଖଣ୍ଡ ରଥକାଠ । ଭଂଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରାସିଙ୍ଗି ବନାଞ୍ଚଳ ଅନ୍ତର୍ଗତ ଘୋଗଡ ଜଙ୍ଗଲରୁ ସଂଗୃହିତ କାଠକୁ ଟ୍ରଲର ସାହାଯ୍ୟରେ ପଠା ଯାଇଛି । ମଙ୍ଗଳବାର ଅପରାହ୍ଣରେ ଏନେଇ ଘୋଗଡ ଜଙ୍ଗଲ ନିକଟରେ ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ଉପସ୍ଥିତ ରହିଥିଲେ। ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ ବେହେରା ଏବଂ ବନଖଣ୍ଡ ଅଧିକାରୀ ଶ୍ରୀ ମହାନ୍ତି ଆୟୋଜିତ ହୋମ୍‌ରେ ସାମିଲ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ପୁରୁଷ ଓ ମହିଳା ଯୋଗ ଦେଇ ପୂଜାର୍ଚ୍ଚନା କରିବା ସହ କୀର୍ତ୍ତନ କରିଥିଲେ। ଏହି ବନଖଣ୍ଡ ପକ୍ଷରୁ ଚତୁର୍ଥ ପାଳିରେ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରଥମ ପର୍ଯ୍ୟାୟରେ ୪୦ ଫୁଟ ଲମ୍ବର ୨୧ଟି ଢଉରା ଏବଂ ୨ଟି ଅସନ କାଠ ସଂଗ୍ରହ କରାଯାଇଥିଲା । ଯାହାକି ରଥର ଅଖ ନିର୍ମାଣ କରାଯିବ ବୋଲି କୁହାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ବନଖଣ୍ଡର ବାଇବାଲି ଜଙ୍ଗଲରୁ ସଂଗୃହିତ କାଠ ପଠାଯିବ ଏବଂ ସମୁଦାୟ ୯୦ ଖଣ୍ଡ ରଥକାଠ ପଠାଯିବ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ମହାନ୍ତି କହିଛନ୍ତି । ରଥକାଠ ପଠାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଏସିଏଫଓ ରଶ୍ମିରଞ୍ଜନ ସ୍ୱାଇଁ, ବିବେକ ଦାସଙ୍କ ସମେତ ସମସ୍ତ ବନ କର୍ମଚାରୀ, ସ୍କାର୍ଡ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଯୁବକଙ୍କୁ ପିଟିପିଟି ହତ୍ୟା ମାମଲାରେ ଜଣେ ଗିରଫ



ଧର୍ମଶାଳ,(ସବ୍ୟୁ) :ଧର୍ମଶାଳା ବ୍ଲକ ରାହାଡପୁର ପଦ୍ମାବତୀ କ୍ରସରରେ କାମ କରୁଥିବା ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗରେ ପୁଲିସ ଆଜି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଧର୍ମଶାଳା ଥାନା ଜାରକା ଜାମୁବଣିଆ ମୌଜାର ଅଜୟ ଜେନାଙ୍କ ପୁଅ ଅର୍ଜିତ ଜେନା (୨୨) ଜେନାପୁର ଥାନା ରାହାଡପୁରସ୍ଥିତ ଜ୍ଞାନରାଞ୍ଜନ ମହାପାତ୍ର ( ସିଲୁ)ଙ୍କ ପଦ୍ମାବାତୀ କ୍ରସରରେ କର୍ମଚାରୀ ଭାବେ କାମ କରୁଥିଲେ । ତେବେ ଅର୍ଜିତ ଗତ ୨୬ ତାରିଖରେ ଘରୁ କ୍ରସକୁ ଯାଇଥିବା ବେଳେ ତାର ମୋବାଲ ନଲାଗିବାରୁ ତାର ମା ଏବଂ ସମ୍ପର୍କିୟ ଭାଇ ତାକୁ ଖୋଜିବା ଲାଗି ରାହାଡୁରସ୍ଥିତ କ୍ରସରକୁ ଯାଇଥିଲେ । ତେବେ ତାକୁ ଧର୍ମଶାଳା ଥାନା ଭଡଙ୍ଗାସ୍ଥିତ ମାଲିକ ଘରକୁ ନେଇଯାଇଥିବା କ୍ରସରର କର୍ମଚାରୀମାନଙ୍କ ଠାରୁ ଜାଣିବା ପରେ ସେମାନେ ସେଠାକୁ ଯାଇଥିଲେ । ତେବେ ସେଠାରେ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଓ ପରେ ତାକୁ କଟକ ମେଡିକାଲରେ ଭର୍ତି କରିଥିଲେ । ସେଠାରେ ତାର ଚିକିତ୍ସା ଚାଲିଥିବା ବେଳେ ୩୦ ତାରିଖ ଅପରହ୍ନରେ ତାର ମୃତ୍ୟୁ ହୋଇଥିଲା । ସୁଦୁର ସୁରଟରେ କାମ କରୁଥିବା ତାର ବାପା ଅଜୟ ଜେନା ଖବର ପାଇ ଘରେ ପହଁଚି ତାଙ୍କ ପୁଅକୁ କ୍ରସର ମାଲି ଜ୍ଞାନରଞ୍ଜନ ମହାପାତ୍ର ସମେତ ଅନ୍ୟ କର୍ମଚାରୀମାନେ ଲୁହାରଡରେ ଅମାନୁଶିକ ଭାବେ ମାଡ ମାରିବା ସହିତ ଲୁହାରଡରେ ଚେଙ୍କ ଦେଇଥିଲେ. ଯାହା ଫଳରେ ତାଙ୍କ ପୁଅର ମୃତ୍ୟୁ ହୋଇଛି ବୋଲି ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ୨୫୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏହି ଘଟଣାରେ ପୁଲିସ କ୍ରସର ମାଲିକ ବଡଚଣା ଥାନା ଖୋସାଲୀପୁର ଗ୍ରାମର ଜ୍ଞାନରଞ୍ଜନ ମହାପାତ୍ର (ସିଲୁ), ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର କ୍ରସର କର୍ମଚାରୀ ସତ୍ୟରାଞ୍ଜନ ବଳ,କୁଆଖିଆ ଥାନା ଜାବରା ଗ୍ରାମର ହେମାନ୍ତ କୁମାର ଦେଓ, ଧର୍ମଶାଳା ଥାନା ହରିଦାସପୁର ଗ୍ରାମର ସୋମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଛି । ତେବେ ପୁଲିସ ଆଜି କ୍ରସର କର୍ମଚାରୀ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସତ୍ୟରଞ୍ଜନ ବଳ (୨୪)ଙ୍କୁ ଗିରଫ କରିବା ସହ ୬ ଗୋଟି ପ୍ଲାଷ୍ଟିକ ପାଇପ ଖଣ୍ଡ,୩ ଗୋଟି ମୋବାଇଲ ଫୋନ ଓ ୨ଟି ବାଇକ ଜବତ କରିଛି ବୋଲି ଏକ ପ୍ରେସ ବିବୃତିରେ ଜଣାଇଛି । ଆଜି ଅପରାହ୍ନରେ ସତ୍ୟରଞ୍ଜନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବାରୁ ପୁଲିସ ତାଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ । ଅଭିଯୁକ୍ତମାନଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଯାଜପୁର ରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ସୂଚନା ଦେଇଛନ୍ତି ।

## ଦୁଷ୍କର୍ମ ନାବାଳିକା ପିଡିତାକୁ ଅପହରଣ ଉଦ୍ୟମ, ୬ଗିରଫ

ସମ୍ବଲପୁର,(ସବ୍ୟୁ): ଦୁଷ୍କର୍ମ ନାବାଳିକା ପିଡିତାକୁ ଅପହରଣ ଉଦ୍ୟମ ମାମଲାରେ ଯୁଯୋପୁରା ଥାନା ପୋଲିସ ୬ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୬ଜଣ ସାବାଳକ ଓ ଜଣେ ନାବାଳକ ଥିବା ଜଣାପଡିଛି । ସେମାନଙ୍କ ଠାରୁ ଏକ କାର, ପିସ୍ତଲ, ଗୁଳି, ବେସବଲ ବ୍ୟାଟ, ଷ୍ଟିଲ ରଡ, ପ୍ଲାଷ୍ଟିକ ଦଉଡି, ମୁଖା, ୧୨ହଜାର୫୦୦ଟଙ୍କା ଓ ୬ଟି ମୋବାଇଲ ଫୋନ ଜବତ ହୋଇଛି । ଏନେଇ ୮୭/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ୨୦୨୪ ମସିହାରେ ଯୁଯୋପୁରା ଥାନା ଅନ୍ତର୍ଗତ କୁଶପୁରା ଗ୍ରାମର ଜଣେ ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ନବକିଶୋର ନାଏକ ଗିରଫ ହୋଇଥିଲେ । ପିଡିତା ନାବାଳିକା ଜଣକ ଅଭିଯୁକ୍ତଙ୍କ ଘରେ ସହାୟିକା ଭାବେ କାମ କରୁଥିଲେ । ଏହାର ସୁଯୋଗ ନେଇ ସେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଯୁଯୋପୁରା ଥାନା ପୋଲିସ ୧୦୨/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନବକିଶୋରଙ୍କୁ ଗିରଫ କରିଥିଲା । ପରବର୍ତ୍ତୀ ସମୟରେ କୋର୍ଟରୁ ଜାମିନ ପାଇଁ ଅଭିଯୁକ୍ତ ଘରକୁ ଫେରିବା ପରେ ପିଡିତାକୁ ଅପହରଣ କରିବା ପାଇଁ ବାରମ୍ବାର ଯୋଜନା କରିଥିଲେ । ଏପରିକି କୋର୍ଟରେ ମାମଲାକୁ ଦଫାରଫା କରିବା ପାଇଁ ପିଡିତାର ପରିବାରକୁ ଧମକ ମଧ୍ୟ ଦେଇଥିଲେ । ଏଥିରେ କୌଣସି ସୁଫଳ ନମିଳିବାରୁ ଅଭିଯୁକ୍ତ ଯୋଜନା ମୁତାବକ ପିଡିତାକୁ ଅପହରଣ କରିବା ପାଇଁ ଅଭିଶେକ ପଲେଇ ଓ ଅନ୍ୟ ସାଥିଙ୍କ ସହ ୩୦ହଜାର ଟଙ୍କା ଡିଲ କରିଥିଲେ । ଡିଲ ମୁତାବକ ପିଡିତାକୁ ଅପହରଣ କରିବା ପାଇଁ ଅଭିଯୁକ୍ତ ମାନେ ଉପରୋକ୍ତ ସାମଗ୍ରୀ ସହ କାର ଗାଡି ନମ୍ବର( ଓଆର୧୫ଇ-୫୪୮୮) ଯୋଗେ କୁଶପୁରା ଗ୍ରାମକୁ ଗତ ୪ତାରିଖ ରାତିରେ ଆସିଥିଲେ । ମାତ୍ର ପରିବାର ଲୋକେ କବାଟ ନଖୋଲି ଏ ସମ୍ପର୍କରେ ପୋଲିସକୁ ଅବଗତ କରିଥିଲେ । ଏହାର ଦିନକ ପରେ ପୁଣି ସେମାନେଯୋଜନା ମୁତାବକ ଆସି ପୋଲିସ ଦ୍ୱାରା ଗିରଫ ହୋଇଥିଲେ । ଏହି ଘଟଣାରେ ପୋଲିସ ହୀରାକୁଦ ନ୍ୟୁ ମାର୍କେଟ ଅଞ୍ଚଳର ଅଭିଶେକ ପଲାଇ(୨୭), ବିବେକ ସିଦ୍ରିଆ(୨୫) ଓ ପ୍ରକାଶ ଗୌଡ(୨୧), ଗୌଡପାଲିର ବବୁଲୁ ବେହେରା(୨୩), ଫଲସାକଟାର ରୋହିତ ଛାନଚନ(୨୪) ଏବଂ ଗାନ୍ଧିନଗର କୁଲୁ ବାହାଦୁର(୨୯)ଙ୍କ ସମେତ ଜଣେ ନାବାଳକକୁ ପୋଲିସ ଗିରଫ କରିଛି । ତେବେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ନବ କିଶୋର ନାଏକ ଫେରାର ରହିଛି । ଅନ୍ୟପଟେ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣୀ ଆସନ୍ତା ୧୪ତାରିଖରେ ହେବ ବୋଲି ଜଣାପଡିଛି । ତେଣୁ ଅଭିଯୁକ୍ତଙ୍କ ଦ୍ୱାରା ଅପହରଣ ସହ ହତ୍ୟା ଉଦ୍ୟମ କରାଯାଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

## ବିଧାୟକଙ୍କ ସମୀକ୍ଷା ବୈଠକ
## ପାନୀୟଜଳ ସମସ୍ୟା ଦୂର ପାଇଁ ନିର୍ଦ୍ଦେଶ

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ରାଜନଗର ବିଧାୟକ ଧ୍ରୁବ ସାହୁ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ରାଜନଗର ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମୀକ୍ଷା ବୈଠକ ବିଧାୟକ ଶ୍ରୀ ସାହୁ ବ୍ଲକର ୨୯ଟି ପଂଚାୟତରେ ମେଗାପାଇପ ପାନୀୟଜଳ ଯୋଗାଣ ପାଇଁ ସମୟ ଲାଗୁଥିବାରୁ ପଂଚାୟତରେ ପାନୀୟଜଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ନଳକୂପ ଗୁଡିକ ଶୀଘ୍ର ଖୋଲିବା ପାଇଁ ତାଗିଦା କରିଥିଲେ । ପଂଚାୟତର ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ପଂଚାୟତ ଓ ବ୍ଲକ ପାଣ୍ଠିରୁ ଅତିରିକ୍ତ ନଳକୂପ ଖନନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଏଥିସହିତ ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପ ଗୁଡିକର ତ୍ୱରାନ୍ୱିତ ପାଇଁ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାବାଦେ ବିଧାୟକଙ୍କ ଅନୁଦାନ ଅର୍ଥ, ଆମ ଓଡିଶା ନବୀନ ଓଡିଶାରେ ଆସିଥିବା ଅର୍ଥ ଏବଂ ବାକିଥିବା ଉନ୍ନୟନମୂଳକ କାର୍ଯ୍ୟ ଶିଘ୍ର ସାରିବା ପାଇଁ କହିଥିଲେ । ସମୀକ୍ଷା ବୈଠକରେ ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ସହକାରୀ ନିର୍ବାହୀଯନ୍ତ୍ରୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ନାୟକ, ଜିପିଇଓ ଧର୍ମେନ୍ଦ୍ର ଦାସ, କନିଷ୍ଠଯନ୍ତ୍ରୀ ପ୍ରଭାତ କୁମାର ମାଝି, ଅନିରୁଦ୍ଧ ନାୟକ, ଅର୍ପଣ ମଲ୍ଲିକ, ରାଜେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କେଉଁ ପଞ୍ଚାୟତରେ କେଉଁ କାମ କାହିଁକି ଆଗେଇ ପାରୁନି କେତେ ସମୟ ମଧ୍ୟରେ କାମ ସାରିବେ ସେ ନେଇ କହିଥିଲେ ।

## ନାବାଳିକା କୋଲକାତାରୁ ଉଦ୍ଧାର

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ କଲିକତାରୁ ନାବାଳିକା ଉଦ୍ଧାର ହେବାରେ ସାହାଯ୍ୟ କରିବା ଘଟଣା ଯେତିକି ଚାଞ୍ଚଲ୍ୟ ସୃଷ୍ଟି କରିଛି, ସେତିକି ମଧ ପ୍ରଶଂସା ସାଉଁଟିଛି । ଘଟଣାକ୍ରମ ଏହାଥିଲା ଯେ, ସୋମା ମୁଣ୍ଡାଙ୍କ ମୃତ୍ୟୁ ହେଲାପରେ ତାଙ୍କ ଧର୍ମପତ୍ନୀ ସୋନିବାରୀ ମୁଣ୍ଡା କେନ୍ଦୁଝର ଜିଲ୍ଲା ବାମ୍ବେରୀ ଥାନା ଓ ନିଜ ଗ୍ରାମ କାଶିଆ ଛାଡି ସୁଦୂର ପଶ୍ଚିମବଙ୍ଗରେ ଏକ ଇଟାଭାଟିରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଉକ୍ତ କାର୍ଯ୍ୟ କରିବା ସମୟରେ ନିଜର ଏକ ନାବାଳିକା ଝିଅକୁ ସାଙ୍ଗରେ ନେଇ ଯାଇଥିଲେ । ସେଠାରେ ଅବସ୍ଥାପିତ ହେବାପରେ ଝିଅ ନିଖୋଜ ରହିଥିଲା । ଚବିଶ ପ୍ରଗଣାର ଶିଶୁ ମଙ୍ଗଳ ଅଧିକାରୀ ଦିଗମ୍ବର ଅଙ୍ଗୀକାର ଭବନ ଉକ୍ତ ନାବାଳିକାକୁ ଶିଶୁ ସୁରକ୍ଷା ସେଣ୍ଟରରେ ଥଇଥାନ କରିଥିଲେ । ଚବିଶ ପ୍ରଗଣାର ଆଇନସେବା ପ୍ରାଧିକରଣ ସଚିବ କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମିତ୍ରା ସାହୁଙ୍କୁ ଉକ୍ତ ଘଟଣାବଳୀ ବିଷୟରେ ଅବଗତ କରାଇଥିଲେ । ତତ୍‌କ୍ଷଣାତ୍ ସଚିବ ସୁମିତ୍ରା ସାହୁ କେନ୍ଦୁଝର ଆଇନସେବା ପ୍ରାଧିକରଣର ସଚିବ ଓ କେନ୍ଦୁଝର ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରାଇବା ସହ ଉକ୍ତ ଘଟଣା ବାବଦରେ ସେମାନେ ପତ୍ର ମାଧ୍ୟମରେ ଜଣାଇଥିଲେ । ଯାହା ଫଳରେ ତ୍ୱରି ଏହାର ପଦକ୍ଷେପ ସ୍ୱରୂପ ଉକ୍ତ ନାବାଳିକା ଉଦ୍ଧାର ହୋଇ ପହଁଚିବା ନିଶ୍ଚିତ ହୋଇଯାଇଛି ।

## ୧୦ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କେନ୍ଦ୍ରାପଡା**,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ଆସ'। ୧୦ ତାରିଖ (ଶନିବାର) ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି । କେନ୍ଦ୍ରାପଡା କୋର୍ଟ ବ୍ୟତୀତ ଏହାର ତାଲୁକସ୍ତରୀୟ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ରେ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଜନ ସାଧାରଣଙ୍କୁ ବିନା ମୂଲ୍ୟରେ ଅଇନ ଯୋଗାଇ ଦେବା ଉକ୍ତ ଲୋକ ଅଦାଲତର ଉଦ୍ଦେଶ୍ୟ । ଏଥିରେ ସାଲିସ ଯୋଗ୍ୟ, ଫୌଜଦାରୀ ମାମଲା, ଚେକ୍ ବାଉନ୍ସ ଟଙ୍କା ପୁନଉଦ୍ଧାର, ମଟର ଯାନ ଦୁର୍ଘଟଣା ଜନିତ ମାମଲା, ଶ୍ରମ ବିବାଦ, ବିଦ୍ୟୁତ୍ ଓ ଅନନ୍ୟ ବିଲ୍ ଇତ୍ୟାଦି ଉକ୍ତ ଲୋକ ଅଦାଲତ ରେ ସମାଧାନ ହୋଇପାରିବ । ଆସ'। ୧୦ ତାରିଖ ପୂର୍ବାହ୍ନ ୧୦ଟା ରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରାଜଜଙ୍କ ତତ୍ୱବଧାନରେ ଆରମ୍ଭ ହୋଇ ଉପରୋକ୍ତ ମାମଲା ସମାଧାନ କରାଯିବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁ ପ୍ରକାଶ କରଛନ୍ତି ।

## ନଦୀରେ ବୁଡି ଯୁବକ ମୃତ

ସାଲେପୁର,(ସବ୍ୟୁ) :ମୃତ୍ୟୁ ଏମିତି ବି ଆସେ । ନିଜ ସମ୍ପର୍କୀୟ ଦାଦାଙ୍କ ଶୁଦ୍ଧ କ୍ରିୟାରେ ଯୋଗଦେବାକୁ ଆସି ଚିତ୍ରୋପ୍ତଳା ନଦୀକୁ ଗାଧେଇବାକୁ ଯାଇ ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ । ଏଭଳି ଅଭାବନୀୟ ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ବ୍ଲକ ବାଲିଶାହି ପଞ୍ଚାୟତ ରୋଧପୁର ଗାଁରେ । ମୃତ ଯୁବକ ଜଣଙ୍କ ହେଲେ ନେମାଳ ଥାନା ଅଂଚଳର କୈଳାଶ ଚନ୍ଦ୍ର ସାହୁ । କୈଳାଶ ରୋଧପୁର ଗାଁରେ ରହୁଥିବା ତାଙ୍କ ସଂପର୍କୀୟ ଦାଦାଙ୍କ ଶୁଦ୍ଧକ୍ରିୟାରେ ଯୋଗଦେବାକୁ ଆସିଥିଲେ । ଆଜି ସେ ଅନ୍ୟ ସଂପର୍କୀୟମାନଙ୍କ ସହ ମିଶି ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡିଯାଇଥିଲେ । ଖବର ପାଇ ସାଲେପୁର ଦମକଳ ବାହିନୀ ନଦୀରେ ଖୋଜା ଖୋଜି କଲାପରେ କୈଳାଶଙ୍କ ମୃତଦେହ ଉଦ୍ଧାର କରି ସାଲେପୁର ଡାକ୍ତରଖାନାକୁ ଆଣିଥିଲେ ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ଏ ଖବର ପ୍ରଚାରିତ ହେବା ପରେ ନେମାଳ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ନିଶ୍ଚିନ୍ତକୋଇଲି ବଜାର ରାସ୍ତା ଜବରଦଖଲ ଉଚ୍ଛେଦ ନୋଟିସ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ନିଶ୍ଚିନ୍ତକୋଇଲି ବଜାରରେ ଟ୍ରାଫିକ ବ୍ୟବସ୍ଥା ଏବେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ବଜାରରେ ଥିବା ରାସ୍ତାର ଉଭୟପାର୍ଶ୍ୱର ଦୋକାନୀମାନେ ରାସ୍ତାକୁ ଏଭଳି ଭାବରେ ଜବରଦଖଲ କରିଛନ୍ତି ଯେ ବଜାର ମଧ୍ୟରେ ସବୁ ସମୟରେ ଯାନବାହନ ଯାତାୟତ ପାଇଁ ନାହିଁ ନଥିବା ଭିଡ଼ ହୋଇ ଟ୍ରଫିକ୍ ସମସ୍ୟା ଉପୁଜିଛି । ଯାହାଦ୍ୱାରା ବଜାର ମଧ୍ୟରେ ଯାନବାହନ ଅତିକ୍ରମ କରିବା ପାଇଁ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବଜାରରେ ଜବରଦଖଲକାରୀ ବ୍ୟବସାୟଙ୍କୁ ଉଚ୍ଛେଦ କରିବା ପାଇଁ ନିଶ୍ଚିନ୍ତକୋଇଲି ତହସିଲଦାର ବଜାର ବ୍ୟବସାୟୀ ସଂଘକୁ ନୋଟିସ କରିଛନ୍ତି । ତହସିଲଦାରଙ୍କର ଉକ୍ତ ନୋଟିସକୁ ଗୁରୁତ୍ୱ ଦେଇ ସଂଘର ସଭାପତି ପ୍ରମୋଦ ପଣ୍ଡା ଓ ସମ୍ପାଦକ ଜୀବନାନନ୍ଦ ଦାଶ ଏଥିରେ ହସ୍ତକ୍ଷେପ କରି ଏହି ନୋଟିର୍ସ ସଂକ୍ରାନ୍ତରେ ଡ଼ାକବାଜୀ ଯନ୍ତ୍ର ଦ୍ୱାରା ପ୍ରତ୍ୟେକ ବ୍ୟବସାୟୀଙ୍କୁ ଅବଗତ କରାଇଛନ୍ତି । ବ୍ୟବସାୟୀ ସଂଘ ମାଧ୍ୟମରେ ବୁଝାମଣା ହୋଇ ଯଦି ଜବରଦଖଲକାରୀମାନେ ରାସ୍ତା ଉପରୁ ସେମାନଙ୍କର ବ୍ୟବସାୟ ପସରାକୁ ଉଚ୍ଛେଦ କରଦେବେ ତାହେଲେ ସହଜରେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଜଣାଯାଇଛି । ବ୍ୟବସାୟୀ ସଂଘର ବୁଝାମଣାରେ ଯଦି ଜବରଦଖଲକାରୀମାନେ ନହଟନ୍ତି ତାହେଲେ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ବ୍ୟବସାୟୀ ସଂଘକୁ ଜଣାଇ ଦିଆଯାଇଛି । ଉକ୍ତ ଘଟଣାର ସମାଧାନ ପାଇଁ ସଂଘ ପକ୍ଷରୁ ବୁଧବାର ଦିନ ବ୍ୟବସାୟୀ ମାନଙ୍କର ଏକ ସାଧାରଣ ବୈଠକ ହେବା ପାଇଁ ସ୍ଥିର ହୋଇଥିବା ସଭାପତି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି ।

## ମଣ୍ଡଳସ୍ତରୀୟ ମେଧା ପ୍ରତିଭା ସମ୍ମାନ -୨୦୨୫

ସାଲେପୁର,(ସବ୍ୟୁ) :ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ- ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ସାଲେପୁର ଶିକ୍ଷା ମଣ୍ଡଳ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ସାଲେପୁର ହାଇସ୍କୁଲ ଅଡିଟୋରିୟମରେ ମଣ୍ଡଳସ୍ତରୀୟ ମେଧା ପ୍ରତିଭା ସମ୍ମାନ - ୨୦୨୫ ଅନୁଷ୍ଠିତ ହୋଇଯାଇଛି ।ନିଖିଳ ଉତ୍କଳ ଶିକ୍ଷକ ସଂଘର ଉପଦେଷ୍ଟା ଗୌର ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ପିଲାମାନେ ଏ ମାଟିର ଭବିଷ୍ୟତ, ଯିଏ ଅଧିକ ପରିଶ୍ରମ କରିଛି ସିଏ ନିଶ୍ଚିତ ସଫଳତା ପାଇଛି ।ପାଠ ପଢିବା ସହିତ ଭଲ ମଣିଷ ହେବା ନିହାତି ଜରୁରୀ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ।ମୁଖ୍ୟବକ୍ତା ଭାବେ ସାଲେପୁର ଶିକ୍ଷା ମଣ୍ଡଳ ଅଧିକାରୀ ଲଖେହିରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥି ଭାବେ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ଟାଙ୍ଗୀ ଶିକ୍ଷା ମଣ୍ଡଳ ଅଧିକାରୀ କୁନ୍ତଳା ଖଟୁଆ, ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ ଯୋଗଦେଇ ପିଲାମାନଙ୍କୁ ଆଗକୁ ଯିବା ପାଇଁ ବିଭିନ୍ନ ପ୍ରେରଣା ଓ ଉପଦେଶ ଦେଇଥିଲେ ।ଏହି ଅବସରରେ ସାଲେପୁର ଶିକ୍ଷା ମଣ୍ଡଳ ଅଧୀନରେ ଚଳିତ ବର୍ଷ ଦଶମ ବାର୍ଷିକ ପରୀକ୍ଷାରେ ଏ ୧ ଗ୍ରେଡ ରେ ଉତ୍ତୀର୍ଣ୍ଣ ହୋଇଥିବା ସାଫିଜା ଫାରିଦ୍ ତଓ୍ୱିଲ୍ ପଦ୍ମପୁର ସରକାରୀ ହାଇସ୍କୁଲ୍,ସ୍ୱା ପ୍ରିୟଦର୍ଶିନୀ ସାହୁ ବିବେକାନନ୍ଦ ବିଦ୍ୟାପୀଠ,ବହୁଗ୍ରାମ ଚିରଞ୍ଜିତ ପଣ୍ଡା,ପୂର୍ବକଚ୍ଛ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଲିପ୍ସା ରାଣୀ ସାହୁ,ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଗୋପୀନାଥ ପୁର,ଏବଂ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଆଦିତ୍ୟ ମିଶ୍ର, ଜେ ପି ସାଇପ୍ରଜ୍ଞାନ ଶର୍ମା,ସବ୍ୟସାଚୀ ସାହୁ,ସୋନାଲି ପ୍ରଧାନ,ଦେବସ୍ମିତା ଦାସ, ଜ୍ୟୋତି ପ୍ରକାଶ ରାଉତରାୟ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର, ମେଡାଲ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜାକି ଅମିନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘ ସମ୍ପାଦକ ଜ୍ଞାନ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ କୁ ସାଲେପୁର ଶିକ୍ଷା ମଣ୍ଡଳ ରେ ଥିବା ସମସ୍ତ ସି ଆର ସି ସି ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ଆମ୍ବେଦକର ଓ ଗଣତନ୍ତ୍ର ଶୀର୍ଷକ ଆଲୋଚନାଚକ୍ର



କୁଆଖିଆ,(ସବ୍ୟୁ) :ରସୁଲପୁର ବ୍ଲକ ଅନର୍ଗତ ନଠୁଆବର ପଂଚାୟତ କୃଷ୍ଣପଡା ଠାରେ ଧର୍ମଶାଳା ୩୪ଓ ୩୫ ନଂ ଜୋନ ସ୍ତରୀୟ ଆମ୍ବେଦକର ଓ ଗଣତନ୍ତ୍ର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବି ଜେ ପି ପକ୍ଷ୍ୟରୁ ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ପାଳନ ପାଇଁ ନିଷ୍ପତି ନିଆଯାଇଥିବାରୁ ସେହି କ୍ରମରେ କୃଷ୍ଣପଡା ଠାରେ ବିଜେପି ନେତା କଳ୍ପତରୁ ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ବିଶିଷ୍ଟ ସମାଜସେବୀକା ମିନତୀ ସାହୁ ଯୋଗ ଦେଇ ଭରତରତ୍ନ ଆମ୍ବେଦକରଙ୍କ ଅବଦାନ ସମ୍ପର୍କ ରେ କହିଥିଲେ । ମୁଖ୍ୟବକ୍ତା ଭାବେ ଦଳିତ ନେତା ନାରାୟଣ ମଳିକ ,ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁରେନ୍ଦ୍ର ତିଆଡି, ବାରବାଟୀ ମଣ୍ଡଳ ସଭାପତି ତିଁଥ ବାସି ପଣ୍ଡା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମଳିକ ଯୋଗ ଦେଇ ଆମ୍ବେଦକର ଓ ଗଣତନ୍ତ୍ର ସମ୍ପର୍କ ରେ ଆଲୋଚନା କରିଥିଲେ । କାହ୍ନା ମଳିକ ସ୍ୱାଗତ ଭାଷଣ ଓ ତୋଫାନ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରୀ ଅଙ୍କିତାଙ୍କୁ ଶୁଭେଚ୍ଛା ଜଣାଇଲେ କଂଗ୍ରେସ ନେତା

ମାହାଙ୍ଗା ,(ସବ୍ୟୁ) : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ମାହାଙ୍ଗା ବ୍ଲକରେ ପ୍ରଥମସ୍ଥାନ ଅଧିକାର କରିଥିବା ଲଳିତଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ତ୍ରିପାଠୀ ମାଟ୍ରିକ ପରୀକ୍ଷାରେ ୫୬୦ ନମ୍ବର ରଖି କଟକ ଜିଲ୍ଲାରେ ପଂଚମ ସ୍ଥାନ ଅଧିକାର କରିଛନ୍ତି । ସେ ଲଳିତଗିରି ପଂଚାୟତ କେଶରାଇପୁର ଗ୍ରାମର ପ୍ରଭାତ ତ୍ରିପାଠୀ ଓ ସୂଚୀସ୍ମିତା ତ୍ରିପାଠୀଙ୍କ କନ୍ୟା ଅଟନ୍ତି । ମାହାଙ୍ଗା ବ୍ଲକରେ ପ୍ରଥମସ୍ଥାନ ଅଧିକାର କରିଥିବାରୁ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ଅଙ୍କିତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ଗ୍ରୀଷ୍ମ ଋତୁରେ ମହାକାଳପଡ଼ାବାସୀଙ୍କୁ ପାଣିଟାଙ୍କି ହିଁ ଭରସା

ମହାକାଳପଡ଼ା,(ସବ୍ୟୁ) :କେନ୍ଦ୍ରାପଡ଼ା ଜିଲ୍ଲା ଉପକୂଳ ମହାକାଳପଡ଼ା ବ୍ଲକର ୩୧ପଂଚାୟତବାସୀ ଆଜିବି ପାନୀୟ ଜଳ ସଙ୍କଟ ଦେଇ ଗତି କରୁଛନ୍ତି । ବ୍ଲକ ର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୧୦ପଂଚାୟତକୁ ବାଦ ଦେଲେ ବାକି୨୧ ପଂଚାୟତ ରେ ଖରାଦିନେ ଲୋକେ ଜଳ ସଙ୍କଟ ସମସ୍ୟାରେ ଘାଣ୍ଟି ହେଉଛନ୍ତି । ପିଢ଼ି ପିଢ଼ି ଧରି ସ୍ଥାନୀୟ ଅଂଚଳରେ ଜଳ ସମସ୍ୟା ଲାଗି ରହିଥିବା ବେଳେ ସରକାରୀ କଳର ନିଘା ରହୁନି । ଏପରିକି ସ୍ୱାଧୀନତାର ହୀରକ ଜୟନ୍ତୀ ପାଳନ ପରେ ବି ଅଞ୍ଚଳବାସୀ ଙ୍କ ପ୍ରମୁଖ ସମସ୍ୟାର ସ୍ଥାୟୀ ସମାଧାନ ପରିବର୍ତ୍ତେ ପ୍ରଶାସନ ସାମୟିକ ଭାବେ ଖରାଦିନେ ଟାଙ୍କି ଯୋଗେ ଜୁନ ମାସ ପର୍ଯ୍ୟନ୍ତ ପାଣି ଯୋଗାଇ ଦେଇ ଚୁପ ବସୁଛନ୍ତି । ଖରା ଦିନେ ସମୁଦ୍ର କୂଳିଆ ଓ ତତସଂଯୁକ୍ତ ନଦୀ ଆଖପାଖ ପଂଚାୟତର ଜଳ ଉତ୍ସ ଗୁଡିକ କିଛି ମାତ୍ରାରେ ଶୁଖି ଯିବା ସହିତ ନଦୀର ପାଣି ଲୁଣିଆ ହୋଇଯାଇଥାଏ । ଯାହା ଫଳରେ ନଦୀ କୂଳିଆ ଲୋକେ ପାଣି ଅଭାବରୁ ଗାଧୁଆ ପାଧୁଆ, ଗାଈ ଗୋରୁ ପିଆଇବା ଓ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ହୀନସ୍ତା ହେଉଛନ୍ତି । ତଟବର୍ତ୍ତୀ ଅଂଚଳରେ ଘେରି ବନ୍ଧ ବାଡ଼ ଠିକ ରହୁନଥିବାରୁ ସାମୁଦ୍ରିକ ଜୁଆର ଫଳରେ ଲୁଣା ଜଳ ଗାଡ଼ିଆ ପୋଖରୀରେ ଗଛିତ ମଧୁର ଜଳକୁ ମଧ ଲବଣାକ୍ତ କରିପକାଉଛି । ସେହିପରି ଖରିଫ ଋତୁ ପୂର୍ବରୁ କେନାଲ ଶୁଖିଯିବା ଫଳରେ କେନକାଲ କୂଳିଆ ଲୋକେ ବି ସମଦଶା ଭୋଗୁଛନ୍ତି ।

## ଭିତରକନିକାରେ ପ୍ରଶିକ୍ଷଣ ନେଲେ ୨୮ ରେଞ୍ଜର

ରାଜନଗର ,(ସବ୍ୟୁ) : ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆଦ୍ରଭୂମୀ, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି ୨୮ଜଣ ରେଂଜର । ମହାରାଷ୍ଟ୍ର ଚନ୍ଦ୍ରପୁର ଫରେଷ୍ଟ ଏକାଡେମୀର ୨୮ ଜଣ ରେଂଜର ଭିତରକନିକା ଜାତୀୟ ଉଦ୍ୟାନରେ ପହଁଚି ଭିତରକନିକା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଛନ୍ତି । ଭିତରକନିକା ଘଂଚ ଜଙ୍ଗଲ ଭିତରେ ଦୁଃସାହାସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡି, ହରିଣ, ବାରହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି । ଏଥିସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଏବଂ ଅଲିଭରିଡଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି । ଐତିହାସିକ ହୁକିଟୋଲା ଦ୍ୱୀପ, କାଳିଭଂଜଡିଆ ଦ୍ୱିପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି । ଭାରତର ଦ୍ୱିତୀୟ ବୃହତମ ଲୁଣା ଜଙ୍ଗଲର ବୈଶିଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସଂପର୍କରେ ଅବଗତ ହୋଇଛନ୍ତି ।ଏସିଏଫ ମାନସ କୁମାର ଦାସ,ଗଗନ ବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନ କୁମାର ନାୟକ,ନିରାକାର ବେହେରା ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ରେଂଜର ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।

## ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ବିଧାୟକ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅର୍ନ୍ତଗତ ମୂଳାପାଳ ପଂଚାୟତର ବରପଦା ଗ୍ରାମରେ ଅନାମ ଖଟୁଆଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଅନାମଙ୍କ ସ୍ତ୍ରୀ ଲକ୍ଷ୍ମୀ ଜୀବନ୍ତ ଦଗ୍ଧ ହେବା ସହ ପରଦିନ ଆକ୍ରାନ୍ତ ଅନାମର କଟକରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ଦୁଃସାହାସିକତା ଦେଖାଇ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ନାତି ଅଶୋକ (୨୫) ଅର୍ଦ୍ଧଦଗ୍ଧ ଅବସ୍ଥାରେ କଟକ ବଡ ମେଡିକାଲରେ ଚିକିତ୍ସିତ ଥିବା ବେଳେ ଆଜି ମଧ୍ୟାନ୍ନରେ ତାର ମୃତ୍ୟୁ ଘଟିଥିଲା । ଅଗ୍ନିକାଣ୍ଡରେ ସମସ୍ତ ଆସବାସ ପତ୍ର, ଧାନ, ଚାଉଳ, ଟଙ୍କା ପୋଡି ଯାଇଥିବା ବେଳେ ଘରେ ଖାଇବାକୁ ଦାନା ମୁଠାଏ ନାହିଁ । ଏହି ଘଟଣା ସମଗ୍ର ମୂଳାପାଳ ପଂଚାୟତରେ ଶୋକର ଛାୟା ଖେଳାଇ ଦେଇଥିଲା । ଦଳଗତ ନିର୍ବଶେଷରେ ପଂଚାୟତବାସୀ ଶବାଧାରରେ ଯୋଗଦେଇଥିଲେ । ଆଜି କୋରେଇ ବିଧାୟକ ଆକାଶ ଦାସନାୟକ, ପ୍ରକାଶ ଧଳ, ଜହର ଅଲ୍ଲୀ, ପିନାକ ରଂଜନ ଦାସ, କାର୍ତିକ ସାହୁ, ଆଲୋକ ମଲ୍ଲିକ, ବିଜୟ ଦତ ସମତେ ବହୁ ଦଳୀୟ କର୍ମୀ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

# ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ନିମନ୍ତେ ପାରାଦ୍ୱୀପରେ ମକଡ୍ରିଲ ଆଜି




ଜଗତସିଂହପୁର,(ସବ୍ୟୁ) :ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ର ମୁକାବିଲା ନିମନ୍ତେ ପାଇଁ ସମସ୍ତ ନାଗରିକମାନଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ଓଡିଶାର ଯେଉଁ ୧୨ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଯୁଦ୍ଧକୁ ନେଇ ସତର୍କ ସୂଚନା ଦିଆଯାଇଛି ସେମାନଙ୍କ ମଧ୍ୟରୁ ଜଗତସିଂହପୁର ଅନ୍ୟତମ।ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଜିଲ୍ଲାପାଳ ଜେ ସୋନାଲ ଓ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା ଯୁଗ୍ମ ଭାବେ ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରିଥିଲେ।ଏହି ସମ୍ମିଳନୀରେ ଆସନ୍ତା କାଲି ବୁଧବାର ଅପରାହ୍ନ ୪ଟା ସମୟରେ ପାରାଦ୍ୱୀପ ସ୍ଥିତ ଷଣ୍ଢକୁଦ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମକଡ୍ରିଲର ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ ଜେ ସୋନାଲ ସୂଚନା ଦେଇଥିଲେ।ଜିଲ୍ଲାପାଳ ମକଡ୍ରିଲ ପାଇଁ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ଅନୁରୋଧ କରିଥିଲେ।ସମ୍ଭାବ୍ୟ ଯୁଦ୍ଧ ପରି ସମୟରେ ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ, ଧନଜୀବନ କିଭଳି ନଷ୍ଟ ନହେବ ଏବଂ ଏହାର ପରବର୍ତ୍ତୀ ସମୟରେ କିଭଳି ଉଦ୍ଧାର ଓ ଚିକିତ୍ସା କରାଯିବ ଓ ଯଦି କୌଣସି ଆପତ୍ତିକାଳୀନ ଅସୁବିଧା ହୁଏ ତେବେ ସେ ସମୟରେ କଣସବୁ କାର୍ଯ୍ୟପନ୍ଥା ରହିବ ସେ ବିଷୟରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ଅପରାହ୍ନ ୪ଟା ରେ ସାଇରନ ୫ ମିନିଟ ପାଇଁ ବାଜିବ।ସାଇରନ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତ ଘର,କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟକୁ ପ୍ରବେଶ କରି ସୁରକ୍ଷିତ ରହିବେ।ସେମାନଙ୍କୁ ସୁରକ୍ଷା କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିବେ। ସିଭିଲ ଡିଫେନ୍ସର କର୍ମକର୍ତ୍ତା ମାନେ ଏଥିରେ ସହଯୋଗ କରିବେ ।ଆକ୍ରମଣ ଶେଷ ହେବାର ସୂଚନା ଭାବେ ପୁନଶ୍ଚ ସାଇରନ ବାଜିଲେ ନାଗରିକ ମାନେ ପୂର୍ବବତ ସ୍ୱଭାବିକ କାର୍ଯ୍ୟ କରି ପାରିବେ।ଏହି ମକ ଡ୍ରିଲ ସମୟରେ ଅଭ୍ୟାସ ପାଇଁ ଆହତ ହୋଇ ଥିବା ଲୋକଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ ପ୍ରସ୍ତୁତ ହୋଇ ରହିଥିବ। ଏ ସବୁ ମକ ଡ୍ରିଲ ବା ଛାୟା ଯୁଦ୍ଧ ର ଅଭ୍ୟାସ କାର୍ଯ୍ୟକ୍ରମ ହୋଇ ଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ।ଗୁଜବରେ ବିଶ୍ୱାସ କରିବା ନାହିଁ କିମ୍ବା ପ୍ରସାର କରିବା ନାହିଁ ବୋଲି ସେ କହିଛନ୍ତି। ଏହି ମକ ଡ୍ରିଲ ସମ୍ପର୍କରେ ଆବଶ୍ୟକୀୟ ସତର୍କ ସୂଚନା ଏବଂ ସଚେତନତା ବାର୍ତ୍ତା ସ୍ୱଚ୍ଛ ସାଥୀ, ଅଙ୍ଗନୱାଡି କର୍ମୀ, ୱାର୍ଡ ଅଫିସର ଆଦି ମାନଙ୍କ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଂଚଳ ରେ ପ୍ରଚାର କରାଇବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।ଏହିପରି ସ୍ଥିତି ରେ ଛୋଟ ପିଲା, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଉଦ୍ଧାର କରିବା ପାଇଁ ସେ ପରାମର୍ଶ ଦେବା ସହ ଯୁବପିଢୀଙ୍କୁ ମଧ ସ୍ୱତଃ ସ୍ଫୁର୍ତ୍ତ ଭାବେ ଏହି ଉଦ୍ଧାର କାର୍ଯ୍ୟ ରେ ଭାଗ ନେବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।ଏହି ବୈଠକରେ ଉପସ୍ଥିତ ରହି ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦ୍ଗାତା କହିଲେ ଯେ ଭୟଭୀତ ନ ହୋଇ ସତର୍କ ତଥା ସଜାଗ ରହିଲେ ସମସ୍ତ ବିପତ୍ତିକୁ ଏଡ଼ାଇ ଯାଇପାରିବା।ଜଗତସିଂହପୁର ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ତେଣୁ ସମ୍ଭାବ୍ୟ ଯୁଦ୍ଧ ପରି ଏକ ଅଭାବନୀୟ ପରିସ୍ଥିତି କୁ ମଧ ଆବଶ୍ୟକ ସ୍ଥଳେ ମୁକାବିଲା କରିବା ପାଇଁ ସମସ୍ତ ସାଧ ଅତ୍ୟାବଶ୍ୟକ ସାମଗ୍ରୀ ଓ ସଚେତନ ଜନ ସାଧାରଣଙ୍କ ସହଯୋଗ ଆବଶ୍ୟକ। ଭୟଭୀତ ନ ହୋଇ ସତର୍କ ରହିବାକୁ ଜନ ସାଧାରଣଙ୍କୁ ଅନୁରୋଧ କରିଥଲେ। ଆଜି ପାରାଦ୍ୱିପ ଠାରେ ମଧ ଏହି ପରିପ୍ରେକ୍ଷୀରେ ପାରାଦ୍ୱିପ ବନ୍ଦର କର୍ତ୍ତୃପକ୍ଷ ଉପାଧକ୍ଷ,ଆରକ୍ଷୀ ଅଧିକ୍ଷକ,ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ , ଜିଲ୍ଲା ର ସମସ୍ତ ଶିଳ୍ପ ସଂସ୍ଥା ର ମୁଖ୍ୟ, ଜିଲ୍ଲା ସ୍ତରୀୟ ଅଧିକାରୀ, ସିଭିଲ ଡିଫେନ୍ସ କର୍ମକର୍ତ୍ତା, କୋଷ୍ଟ ଗାର୍ଡଆଦି ମାନଙ୍କ ସହ ପାରାଦ୍ୱୀପର ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ଅବସରପ୍ରାପ୍ତ ଗ୍ରନ୍ଥାଗାରିକଙ୍କୁ ସମ୍ବର୍ଦ୍ଧନା

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ଗ୍ରାମପଂଚାୟତ ଅନ୍ତର୍ଗତ ଛଚିଣାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆଜି ସଦ୍ୟ ସେବାନିବୃତ୍ତ ଗ୍ରନ୍ଥାଗାରିକ ଅନନ୍ତ ଭୂୟାଁଙ୍କୁ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ସଦସ୍ୟ ଶୁକଦେବ ବେହେରା ସଭାପତିତ୍ୱ କରିଥିବା ବେଳେ ସଂଘର ସମ୍ପାଦକ ଗୌରହରି ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପରେ ଜଣେ ସଂଗଠକ ଓ ସମାଜସେବା ପ୍ରତି ଆଗ୍ରହ ରଖିଥିବା ସେବାନିବୃତ୍ତ ଶ୍ରୀ ଭୂୟାଁ ସଂଘ ପରିବାରର ସଦସ୍ୟ ହେବା ଆମ ପାଇଁ ବଡ଼ ଗୌରବର କଥା ବୋଲି କହିଥିଲେ । ତାଙ୍କର ପରାମର୍ଶ ଉପରେ ସଂଘ ଗୁରୁତ୍ୱ ଦେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଶ୍ରୀ ଭୂୟାଁ ତାଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଅବସର ସମୟ ସଂଘ ଓ ସମାଜ ପାଇଁ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରପ୍ରକାଶ ମହାପାତ୍ର, ଲୋକନାଥ ସାହୁ, ଜଳଧର ପରିଡ଼ା, ରଘୁନାଥ ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବିଜୟ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାକ୍ତନ ସରପଞ୍ଚ ମଙ୍ଗୁଲ ଚାଚାଙ୍କ ବିୟୋଗ



ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲା ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ବରିଷ୍ଠ ସାମ୍ବାଦିକ ସେକ ସବିରୁଦ୍ଦିନଙ୍କ ପିତା ସେକ କମ୍ମାମମୁଦ୍ଦିନ (ମଙ୍ଗୁଲ ଚାଚା)ଙ୍କର ମଙ୍ଗଳବାର ଦିନ ତାଙ୍କ ସୁଙ୍ଗୁଡା ସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି! ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା ! ସେ ୧୯୯୨ ରୁ ୧୯୯୭ ପର୍ଯ୍ୟନ୍ତ ସୁଙ୍ଗୁଡା ପଞ୍ଚାୟତର ସରପଞ୍ଚ ଭାବେ ର୍ନିବାଚିତ ହୋଇ ଲୋକ ମାନଙ୍କ ପାଇଁ ବହୁ ଉନ୍ନତି ମୂଳକ କାର୍ଯ୍ୟ କରି ପଞ୍ଚାୟତ ବସୀଙ୍କ ପ୍ରିୟ ପାତ୍ର ହୋଇଥିଲେ! ମଙ୍ଗୁଲ ଚାଚା ନାମରେ ସମଗ୍ର ବଡଚଣାରେ ସେ ବେସ ପରିଚିତ ଥିଲେ! କୋଣାର୍କ ଝୋଟକଳ ଶ୍ରମିକ ସଂଗଠନ ସହିତ ଯଡିତ ହୋଇ ସେମାନଙ୍କ ପାଇଁ ବହୁ କାର୍ଯ୍ୟ କରିବା ସହିତ ଧାନମଣ୍ଡଳ ବଜାର କମିଟିର ସଭ୍ୟ ଥିଲେ! ସେ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଥିଲେ! ସେ ବିଜୁ ପଟ୍ଟନାୟକଙ୍କ ଜଣେ ଦୃଢ଼ ସମର୍ଥକ ଭାବେ ଶେଷ ପର୍ଯ୍ୟନ୍ତ ବିଜେଡ଼ିରେ ରହିଥିଲେ! ଦୀର୍ଘବର୍ଷ ଧରି ସେ ସୁଙ୍ଗୁଡା ମୁସଲିମ ବସ୍ତିର ସର୍ଦ୍ଦାର ଥିଲେ! ଧଝନମଣ୍ଡଳ ସ୍ଥିତ କଳିଙ୍ଗ ଫାଉଣ୍ଡରିର ଶ୍ରମିକ ନେତା ଭାବେ ବହୁ ବର୍ଷ କାର୍ଯ୍ୟ କରିଥିଲେ! ତାଙ୍କ ବିୟୋଗ ପ୍ରଚାର ହେବାପରେ ସମଗ୍ର ବଡଚଣାରେ ଶୋକରଛାୟା ଖେଳିଯାଇଥିଲା! ବଡଚଣା ବିଧାୟକ ଅମରକୁମାର ନାୟକ, ପୁର୍ବତନ ବିଧାୟକ ଅମରପ୍ରସାଦ ଶତପଥୀ,ସୀତାକାନ୍ତ ମହାପାତ୍ର,ବିଜେଡି ନେତା ରାଜ ନାରାୟଣ ମହାପାତ୍ର,ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାସଚନ୍ଦ୍ର ନନ୍ଦ, ଗଣେଶ୍ୱର ବରାଳ,ପୁର୍ବତନ ସରପଞ୍ଚ ଚାଟଝଲିନ ସ୍ୱାଇଁ, ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟକୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମର ମହାନ୍ତି, ସୁଙ୍ଗୁଡ଼ଝ ସରପଞ୍ଚ ଅଞ୍ଜୁଳତା ସ୍ୱାଇଁ, ପ୍ରେସ କ୍ଲବ ଚଣ୍ଡିଖୋଲର ସଭାପତି ବେଣୁଧର ପଣ୍ଡା,ସମ୍ପାଦକ ଦିଲ୍ଲୀପକୁମାର ମହାନ୍ତି, ଚଣ୍ଡିଖୋଲ ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ମାହାଲାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ମଙ୍ଗୁଲ ଚାଚାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି!ସ୍ୱଧର୍ମ ରିତି ନିତି ଅନୁଯାଇ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା! ମର ଶରୀର ନିକଟରେ ତାଙ୍କ ପୁତ୍ର ସାମ୍ବାଦିକ ସେକ ସବିର ଉଦ୍ଦିନଙ୍କ ସହ ପରିବାର ବର୍ଗ ଉପସ୍ଥିତ ଥିଲେ!

# ଏନଏସି ହାଇସ୍କୁଲର ମାଟ୍ରିକ ଏ-୧ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନୟାଗଡ଼,(ସବ୍ୟୁ) : ଚଳିତ ମାଟ୍ରିକ ପରୀକ୍ଷାରେ ଏନଏସି ହାଇସ୍କୁଲର ୫୬୦ ନମ୍ବର ରଖି ଏ-୧ ପାଇଥିବା ଛାତ୍ରୀ ପିଙ୍କି କୁମାରୀ ସିଂଙ୍କୁ ବିଦ୍ୟାଳୟ ପକ୍ଷରୁ ଉଚ୍ଛର୍ସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥି ସହିତ ଏ-୨ ପାଇଥିବା ଅନ୍ୟ ୫ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଏହି ଛାତ୍ରଛାତ୍ରୀ ମାନେ ହେଲେ ଐଶ୍ୱର୍ଯ୍ୟା ପ୍ରଧାନ,ଶୁଭମ ମୁଦୁଲି,ପ୍ଲାଜା ରାଣୀ ପାତ୍ର,ଶୁଭଶ୍ରୀ ଶୁଭସ୍ମିତା ମହାପାତ୍ର ଏବଂ ଆୟୁଷ କୁମାରଛ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ସେମାନଙ୍କୁ ଫୁଲତୋଡ଼ା ଏବଂ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ଡାକୁଆ, ପୂର୍ଣ୍ଣିମା ତ୍ରିପାଠୀ, ସୁଚିତ୍ରା ଦେବୀ, ରୋଜାଲିନ ମିଶ୍ର, ଜ୍ୟୋର୍ତିମୟୀ ରଥ, ଉମାକାନ୍ତ ମିଶ୍ର, କାଦମ୍ବିନୀ କରଣ, ସୌଦାମିନୀ ପ୍ରଧାନ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେଛ ସୂଚନା ଯୋଗ୍ୟ ଯେ ଏନଏସି ହାଇସ୍କୁଲର ମୋଟ ୧୧୪ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରି ବିଦ୍ୟାଳୟ ପାଇଁ ଶତ ପ୍ରତିଶତ ସଫଳତା ଆଣିଛନ୍ତି।

### ଚିକିତ୍ସାରେ ଅବହେଳାରୁ ଯୁବକ ମୃତ ଅଭିଯୋଗ

# ଡ଼ାକ୍ତରଖାନା ପରିସରରେ ଉତ୍ତେଜନା

ଟାଙ୍ଗୀ,(ସବ୍ୟୁ) :ଚାନ୍ଦପୁର ବସନ୍ତ ମଞ୍ଜରୀ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳାରୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ମଙ୍ଗଳବାର ଅପରାହ୍ଣ ୪ଟାରୁ ରୁ ରିପୋର୍ଟ ଲେଖା ହେବା ବେଳକୁ ଚିକିତ୍ସାଳୟ ପରିସରରେ ଉତେଜନା ଜାରି ରହିଛି। ପ୍ରକାଶ ଯେ ଚାନ୍ଦପୁର ଥାନା ଅଧିନସ୍ଥ କନ୍ଧନୟାଗଡ ଗ୍ରାମର ପବିତ୍ର ପଲାଇଙ୍କ ପୁଅ ସୋମନାଥ (୨୫)ର ଜ୍ୱର ହେବାରେ ଚିକିତ୍ସା ପାଇଁ ଗତ ୪ ତାରିଖ ଦିନ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟକୁ ଆସିଥିଲେ । ଡାକ୍ତର ରକ୍ତ ପରୀକ୍ଷା କରିବା ପାଇଁ ଲେଖିଥିଲେ। ୫ ତାରିଖ ଦିନ ଡାକ୍ତର ବିଭୁତି ଭୂଷଣ ବଳବନ୍ତରାୟ ରକ୍ତ ପରୀକ୍ଷା ରିପୋର୍ଟ ଦେଖି କିଛି ଔଷଧ, ଇଂଜେକସନ ଲେଖି ରୋଗୀକୁ ଘରକୁ ପଠାଇ ଦେଇଥିଲେ। ମଙ୍ଗଳବାର ଦିନ ସୋମନାଥପୁଣି ଅସୁସ୍ଥ ହେବାରୁ ପରିବାର ଲୋକେ ଏହି ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ସୋମନାଥଙ୍କ ମୃତ୍ୟୁହୋଇଥିଲା। ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଏଭଳି ଘଟଣା ଘଟିଥିବା ନେଇ ଗ୍ରାମବାସୀଙ୍କ ତରଫରୁ ସଂପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ନିକଟରେ ସୋମନାଥଙ୍କ ବାପା ପବିତ୍ର ପଲାଇ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଲୋକେ ବୁଝିନଥିଲେ। ଡାକ୍ତରଙ୍କ ସୁରକ୍ଷା ପାଇଁ ଚିକିତ୍ସାଳୟ ପରିସରରେ ପୋଲିସ ମୁତୟନ ହୋଇଥିବା ଜଣାପଡିଛି। ଖବର ପାଇ ନୟାଗଡ଼ ଜିଲ୍ଲା ପବ୍ଲିକ ହେଲଥ ଅଫିସର ପୁଷ୍ପା ନଳୀନି ଲାକ୍ରା ଚିକିତ୍ସାଳୟରେ ପହଞ୍ଚି ଆଲୋଚନା ଜାରି ରହିଥିବା ଜଣାପଡିଛି।।

# ଖୋଣ୍ଡଲାଇଟ୍ ପଥର ଖଣି ଉପରେ ଖଣି ନିଗମର ଚଢ଼ାଉ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଟାଙ୍ଗୀ ତହସିଲ ଛଣଗିରି ପଂଚାୟତ ଦେଉଳି ଅରାଙ୍ଗ ମୌଜାରେ ଦିନ ଦ୍ୱିପ୍ରହରରେ ଚାଲିଥିବା ବେଆଇନ ଖୋଣ୍ଡଲାଇଟ୍ ଖଣି ଉପରେ ମଙ୍ଗଳବାର ଦିନ ଚଢ଼ାଉ ହୋଇଥିବା ଜଣାପଡିଛି। ଏହି ଖଣିରୁ ଦୈନଦିନ ମୂଲ୍ୟବାନ ଖୋଣ୍ଡଲାଇଟ୍ ପଥର ଖନନ କରାଯାଇ ଚୋରା ଚାଲାଣ ହେଉଥିଲା। ପୂର୍ବରୁ ଏହି ଅଞ୍ଚଳରେ ଏହି ଖୋଣ୍ଡଲାଇଟ୍ ପଥର ଖନନ ରାତିରେ ଜେସିବି ମେସିନ ମାଧ୍ୟମରେ ମାଫିଆମାନେ କରୁଥିବାବେଳେ ଉକ୍ତ ଅରାଙ୍ଗ ଜଙ୍ଗଲରେ ପ୍ରାୟେ ସମୟରେ ୧୪/୧୫ ଟି ହାତୀ ରହୁଥିବା ଯୋଗୁ ଏବେ ମାଫିଆ ମାନେ ସକାଳୁ ମୂଲିଆ ଲଗାଇ ଦିନ ୧୧ ଟା ପର୍ଯ୍ୟନ୍ତ ଏହି ପଥର ଖନନ କରୁଥିଲେ। ବିଭିନ୍ନ ମହଲରୁ ଅଭିଯୋଗ ପରେ ଆଜି ସକାଳ ୯ ଟାରେ କଟକ ଖଣି ନିଗମ ବିଭାଗ ତରଫରୁ ଉକ୍ତ ସ୍ଥାନରେ ଚଢ଼ାଉ ହୋଇଥିଲା। ଚଢ଼ାଉ ଖବର ସୁରାକ ପାଇ ଆଜି ମାଫିଆ ମାନେ ଖନନ କାର୍ଯ୍ୟ ବନ୍ଦ କରିଥିଲେ। ତେବେ ଚଢ଼ାଉର ସାମିଲ ଅଧିକାରୀମାନେ ଉକ୍ତସ୍ଥାନକୁ ଖନନ ପାଇଁ ବନ୍ଦ କରି ଥିବାବେଳେ ଏଥିରେ ସଂପୃକ୍ତ ବ୍ୟକ୍ତି ମାନଙ୍କ ନାମରେ ମାମଲା ରୁଜୁ କରିବା ପାଇଁ ସଂପୃକ୍ତ ବ୍ୟକ୍ତି ମାନଙ୍କ ନାମ ସଂଗ୍ରହ କରିଥିବା ଜଣାପଡିଛି। ଘଟଣାସ୍ଥଳକୁ କଟକ ଖଣି ନିଗମ ତଥା ଟାଙ୍ଗୀ ତହସିଲ ଅଞ୍ଚଳ ଦାୟିତ୍ୱରେ ଥିବା ସହ ଖଣି ଅଧିକାରୀ ରଞ୍ଜିତ କୁମାର ବେହେରା ସମେତ ଖଣି ନିଗମର ଅନ୍ୟ କିଛି ଅଧିକାରୀ, , ଛଣଗିରି ରାଜସ୍ୱ ନୀରିକ୍ଷକ ବନମାଳୀ ସାହୁ ପ୍ରମୁଖ ଆସି ଉକ୍ତ ଜାଗା ଓ ଏଥିରେ ସଂପୃକ୍ତ ବ୍ୟକ୍ତି ମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରି କିଛି କଟା ଯାଇଥିବା ପଥର ଜବତ କରିଥିଲେ।

# ମା'ଜାଡ଼ମଲ୍ଲୀଙ୍କ ବାର୍ଷିକ ଉତ୍ସବ

ଫୁଲନଖରା, (ସବ୍ୟୁ) :ସଦର ଥାନା ଅନ୍ତର୍ଗତ ସନ୍ତୋଳ-ନଗରୀଠାରେ ଥିବା ମା'ଜାଡ଼ମଲ୍ଲୀଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ମା'ଙ୍କ ପୀଠରେ ତିନି ଦିନ ଧରି ବିଶ୍ୱ କଲାଣ ଆୟୋଜନ ହୋଇଥିଲା। ଏଥିରେ ସୁନ୍ଦରପ୍ରକାଶ ଦାସ ଓ ରତ୍ନମରୀ ଦାସ ର୍କାଭାବେ କାର୍ଯ ସମ୍ପାଦନ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଜେପି ରାଜ ଉପସଭାପତି ଗୋଲକ ମହାପାତ୍ର, ଜଗତସିଂହପୁର ସାଂସଦଙ୍କ ବାରଙ୍ଗ ବ୍ଲକ ପ୍ରତିନିଧି ଦିଲୀପକୁମାର ପାତ୍ର, ସଦର ଥାନା ଏସିପି ଅମିତାଭ ମହାପାତ୍ର, ଆଇଆଇସି ଓମପ୍ରକାଶ ମହାନ୍ତି ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ। ଏହି ଅବସରରେ ମା'ଜାଡ଼ମଲ୍ଲୀଙ୍କ ଉଦ୍ଦେଶରେ ନାଟକାର ତଥା ଲେଖକ ଶରତଚନ୍ଦ୍ର ଦାସଙ୍କଦ୍ୱାରା ପ୍ରକାଶିତ ଏକ କ୍ଷୁଦ୍ର ପୁସ୍ତିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଉତ୍ସବର ବିଭିନ୍ନ ଦିବସରେ ପାଲା, ଭଜନ ସଂଧା ଓ ସଂର୍କୀନ ଆଦି ପରିବେଷଣ ହୋଇଥିଲା। ପୂର୍ଣ୍ଣାହୁତି ସଂଧାରେ ଆଖପାଖ ଅଞ୍ଚଳରୁ ୩ହଜାରରୁ ଉର୍ଦ୍ଧ୍ୱ ସଂଖକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ମହିଳାଙ୍କୁ ଅସଦାଚାରଣ : ଯୁବକ ଗିରଫ

ଓଡ଼ଗାଁ,(ସବ୍ୟୁ) :ଓଡ଼ଗାଁ ଆଦର୍ଶଥାନା ଅନ୍ତର୍ଗତ ଗିରିଡିପଲ୍ଲୀ ପଞ୍ଚାୟତର ପଥରାପଲ୍ଲୀଗ୍ରାମର ଜଣେଯୁବକ, ଜନୈକ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଓଡ଼ଗାଁପୁଲିସ ଯୁବକକୁ ଗିରଫକରି ମଙ୍ଗଳବାର ଦିନ କୋର୍ଟଚାଲାଣ କରିଛି। ଜାମିନଖାରଜ ହୋଇଯିବାରୁ ବିଚାରଧୀନ ବିଭାଗୀୟ ହାଜତକୁ ପଠାଇଦିଆଯାଇଛି । ଯୁବକ ଜଣକହେଲେ କନ୍ଦର୍ପ ପ୍ରଧାନ ( ଡାକ): ଗତ ୩ ତାରିଖ ରାତିରେ ଅନ୍ଧାରରସୁଯୋଗନେଇ, ଯୁବକଜଣକ ମହିଳାଙ୍କଘରେପଶି ଅସଦାଚରଣ କରି କାହାରିକୁ ସୂଚନା ନଦେବାପାଇଁ ଧମକ ଚମକ ଦେଇଥିଲେ। ମହିଳାଜଣକ ଏ ନେଇ ପରବର୍ତ୍ତୀ ୪ ତାରିଖଦିନ ଓଡ଼ଗାଁଥାନାରେ ଅଭିଯୋଗ କରିବାପରେ ପୁଲିସ ଏକ ମାମଲା ରୁଜୁକରି ଯୁବକକୁ ଗିରଫ କରିଥିଲେ ।

# ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ

ଦଶପଲ୍ଲା,(ସବ୍ୟୁ): ମଙ୍ଗଳବାର ଦଶପଲ୍ଲା ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିବା ବିମଳ କୁମାର ପଟନାଏକଙ୍କୁ ସ୍ୱାଗତ କରାଯାଇଛି।ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ପତ୍ର ସଂଖ୍ୟା ୩୧୯୭/୩.୫.୨୦୨୫ ଅନୁଯାୟୀ ଶ୍ରୀଯୁକ୍ତ ପଟନାଏକ ଏହି ପଦବୀରେ ଯୋଗଦାନ କରିଛନ୍ତି । ଦୀର୍ଘଦିନ ବିଦ୍ୟାଳୟର ସ୍ଥାୟୀ ପ୍ରଧାନ ଶିକ୍ଷକ ପଦ ଖାଲି ପଡ଼ିଥିବା ବେଳେ ଦଶପଲ୍ଲା ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାଏକ ଏହାର ଦାୟିତ୍ୱ ତୁଲାଇ ଆସୁଥିଲେ । ନୂତନ ପ୍ରଧାନ ଶିକ୍ଷକଙ୍କୁ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପୁଷ୍ପଗୁଚ୍ଛ ଦେଇସ୍ୱାଗତ କରିଥିବା ବେଳେ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ମିଶି କାର୍ଯ୍ୟକରିବାକୁ ସମସ୍ଥ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସେ ପରାମର୍ଶ ଦେଇଥିଲେ ।

# ଜୈବିକ ସାର ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ଭାପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କରବର ଗ୍ରାମ ଠାରେ ବିଶ୍ୱ ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଜୈବିକ ସାର ବିକ୍ରୟ କେନ୍ଦ୍ରକୁ ସୋମବାର ଦିନ ସ୍ଥାନୀୟ ବିଧାୟକ ଇଁ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ସାଂସଦ ଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ୍ କୁମାର ପଟ୍ଟନାୟକ, ଜିଲ୍ଲା ସହକାରୀ କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ, ସ୍ଥାନୀୟ ସରପଞ୍ଚ ଉଷାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବିକ୍ରୟ କେନ୍ଦ୍ରରେ ଜୈବିକ ସାର, ପ୍ରାକୃତିକ ଖତ ଓ ଜୈବିକ କୀଟ ନାଶକ ଔଷଧ ଉପଲବ୍ଧ ରହିଛି। ମୁଖ୍ୟତଃ ଜୀବା ମୃତ, ବିଜାମୃତ ଓ ହାଣ୍ଡି ଖତ ପ୍ରସ୍ତୁତ କରାଯାଇ ସେଗୁଡିକୁ ବୋତଲ ରେ ଭର୍ତି କରାଯାଇ ବିକ୍ରୟ କରାଯାଉଛି। ଏହା ଖତ ବ୍ୟବହାର କରିବା ଦ୍ୱାରା ଦ୍ୱାରା ଗଛ ଉନ୍ନତ ମାନର ହେବା ସହ ଫଳ ଗୁଡିକ ଅଧିକ ଦିନ ନଷ୍ଟ ନ ହୋଇ ସୁରକ୍ଷିତ ରହି ପାରିବ। ଏହି ଖତ ଦେଇ ଅମଳ କଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବଛ ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ଜୈବିକ ସାର ବିକ୍ରୟ କରି ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ବିଧାୟକ ଶ୍ରୀ ସ୍ୱାଇଁ ସେମାନଙ୍କ ର ଉଦ୍ୟମ କୁ ସାଧୁବାଦ ଜଣାଇଥିଲେ।

# ମଦ ଜବତ, ୨ ଗିରଫ

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ଏବଂ ଟାଙ୍ଗୀ ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇ ମିଳିତ ଭାବେ ମଙ୍ଗଳବାର ଚଢ଼ାଉ କରି ପୃଥକ ଭାବେ ଦୁଇଟି ସ୍ଥାନରୁ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ଦୁଇ ଜଣ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି । ସେମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡା ଗ୍ରାମର ଜଗନ ବଳବନ୍ତରାୟ ଏବଂ ନରମାନବୀ ଗ୍ରାମର ଅକ୍ଷୟ ରାଉତ । ଜଗନ ନିକଟରୁ ଦେଶୀ ମହୁଲି ମଦ, ଆସ୍କା ଫୋର୍ଟି ଏବଂ ବିଅର ଜବତ କରାଯାଇଥିବା ବେଳେ ଅକ୍ଷୟ ଠାରୁ ୧୦ ଲିଟର ଆସ୍କା ଫୋର୍ଟି ଜବତ ହୋଇଛି । ବିଭାଗୀୟ ପକ୍ଷରୁ ଏ ନେଇ ୨୫/୨୫ ଏବଂ ୨୬/୨୫ ରେ ଦୁଇଟି ମାମଲା ରୁଜୁ ହୋଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏ ଏସ ଆଇ ସଞ୍ଜୟ ସୁବୁଦ୍ଧି, କନେଷ୍ଟବଲ ଆଶିଷ ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା ଏବଂ କାଳୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

# ଆମଣ ରୁଣେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଫୁଲନଖରା,(ସବ୍ୟୁ) : କଟକ ସଦର ଥାନା ଅନ୍ତର୍ଗତ ଆମଣ ଗ୍ରାମରେ ଶ୍ରୀ ଶ୍ରୀ ରୁଣେଶ୍ୱର ମହାଦେବ, ଶ୍ରୀ ଶ୍ରୀ ଗୋପୀନାଥଜୀୟୁ ଓ ମା'କ୍ଷେତ୍ରପାଳୀଙ୍କ ପୀଠସ୍ଥଳୀରେ ୫୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଉକ୍ତ ବିଶ୍ୱଶାନ୍ତି ମହାଯଜ୍ଞ ୫ ତାରିଖଠାରୁ ଆରମ୍ଭ ହୋଇ ୮ ତାରିଖରେ ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।ଏହି ଉପଲକ୍ଷେ ମଙ୍ଗଳବାର ଅପରାହ୍ଣରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ପବିତ୍ର ପୁଷ୍କରିଣୀରୁ ଜଳ ଉତ୍ତୋଳନ କରି ରୁଣେଶ୍ୱରଙ୍କ ପୀଠରେ ପହଞ୍ଚି ଥିଲେ। ଉକ୍ତ ମହାଯଜ୍ଞରେ ସୁକାନ୍ତ ଚନ୍ଦ୍ର ଭୋଳ କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଥିବା ବେଳେ ପୂର୍ବତନ ସମିତି ସଭ୍ୟ ରସାନନ୍ଦ ଭୋଳ, ସମିତି ସଭ୍ୟ ରାଜକିଶୋର ପଟ୍ଟନାୟକ, ବିପ୍ରଚରଣ ଭୋଳ,ବିନୟ ବେହେରା,ବାବାଜି ଭୋଳ, ବିନୋଦ ସେନାପତି, ଚନ୍ଦନ କୁମାର ଦାଶ,ପ୍ରଭାତ ସେନାପତି, ବାସୁଦେବ ଭୋଳଙ୍କ ସମେତ ଆମଣ ଗ୍ରାମର ସମସ୍ତ ଗ୍ରାମବାସୀ ବୃନ୍ଦ ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପଞ୍ଚାୟତ ଚନ୍ଦନପୁର ଗ୍ରାମ ସ୍ଥିତ ମା ଅଁଳାବାଙ୍କ ଭଗବତୀଙ୍କ ପୀଠରେ ୪ ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ର ସମାପନ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟେକ ଦିନ ହୋମ, ଯଜ୍ଞ,ସୂର୍ଯ୍ୟ ପୂଜା ଇତ୍ୟାଦି ହେବା ସହ ବିଭିନ୍ନ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତ ମାନଙ୍କୁ ପୀଠ ରେ ବାନ୍ଧି ରଖୁଥିଲା। ଶେଷଦିନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଇ ଠାକୁରାଣୀଙ୍କ ଆଶିଷ ଲାଭ କରିଥିଲେଛ ଏହି କାର୍ଯ୍ୟକ୍ରମରେ ଚନ୍ଦନପୁର ଗ୍ରାମବାସୀ ସହଯୋଗ କରିଥିବାବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଠାକୁରାଣୀଙ୍କ ପୂଜାର୍ଚ୍ଚନା କରିଥିଲେ।ଶେଷରେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# କାଳବୈଶାଖୀ ବର୍ଷା : ଉଜୁଡିଲା ବିରି ମୁଗ ଫସଲ

ସାକ୍ଷୀଗୋପାଳ ,(ସବ୍ୟୁ) : କାଳ ବୈଶାଖୀ ବର୍ଷା ଉଜାଡି ଦେଲା ଚାଷୀଙ୍କ ମୁଗ ବିରି ଫସଲ । ପୂର୍ବରୁ ଧାନ ଫସଲ ର କ୍ଷୟ କ୍ଷତି ବର୍ତ୍ତମାନ ସୁଦ୍ଧା ଅନେକ ଚାଷୀ ପାଇନଥିବା ବେଳେ ପୁଣି ବୋଝ ଉପରେ ଲଳିତା ବିଡା ଭଳି ବର୍ଷା ଦେଇଛି ଦାରୁଣ ଦୁଃଖ । ରାତି ପାହିଥିଲେ ଚାଷୀ ଙ୍କ ମୁଗ,ବିରି ଓ କୋଳଥ ଅମଳ ହୋଇଥାନ୍ତା । କିନ୍ତୁ ଗତ ୩ ତାରିଖ ରାତି ୧ ଟାରୁ ୨ ଭିତରେ କାଳ ବୈଶାଖୀ ର ବର୍ଷା ପବନ କଲା ତାଣ୍ଡବ । ବୁଡାଇ ଦେଲା ବିଲରେ ଶୁଖିଲା ବିରି,ମୁଗ ଓ କୋଳଥ। ଅମଳ କରିଲେ ବି ନେବେନାହିଁ ବେପାରୀ । ଏପଟେ ମୁଗ, ବିରି ଓ କୋଳଥ ବର୍ଷା ମାଡ଼ ଖାଇଲା ପରେ ଟିକେ ଖରା ବାଜିଲା ମାତ୍ରେ ଗଜା ହେବାର ଅନେକ ସମ୍ଭାବନ ଅଛି । ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର, କେତକୀପାଟଣା, ମହୁରା, ରାୟଖଣ୍ଡି, ବିଶ୍ୱନାଥ ପୁର, ସାରଙ୍ଗଯୋଡ଼ି , ଗଡ଼ ବଳରାମପୁର, ବିଦ୍ୟାଧର ପୁର, ଶୁକଳ, ଅଳଗୁମ, ମଧୁବନ, ନରେନ୍ଦ୍ର ପୁର, ନୂଆ ସୋମେଶ୍ୱର ପୁର ଆଦି ୨୪ ଗୋଟି ପଞ୍ଚାୟତର ଶହ ଶହ ମୁଗ,ବିରି ଓ କୋଳଥ ଚାଷୀ ଙ୍କ ଅମଳ ଫସଲ ନଷ୍ଟ କରିଛି କାଳ ବୈଶାଖୀ ବର୍ଷା,। ଏପଟେ ପୁରା ଅମଳ ପାଇଁ ପୁରା ପ୍ରସ୍ତୁତ ଥିବା ବେଳେ କାଳ ସାଜିଲା କାଳ ବୈଷଖୀ ବର୍ଷା । ଚାଷୀ ଅନେଇ ବସିଛି ସରକାରୀ ବାବୁଙ୍କୁ ଆସିବେ କରିବେ ଉଜୁଡା ଫସଲ ପରିଦର୍ଶନ । ମିଳିବ ବୋଧହୁଏ କ୍ଷତି ପୂରଣ । ଚାଷୀ ଙ୍କ ଅଭିଯୋଗ ଏପର୍ଯ୍ୟନ୍ତ ସରକାରୀ ବାବୁ ଙ୍କର ପାଦ ପଡ଼ିନାହିଁ । ପୁରୀ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଥିଲେ ଅନେକ ଚାଷୀ ଅମଳ କରି ନେଇଆସିଛନ୍ତି ଯଦି ଆଉ କୋଉ ଚାଷୀ ଆଣିନାହାନ୍ତି କିମ୍ବା ବର୍ଷା ପବନ ରେ କ୍ଷୟକ୍ଷତି ହୋଇଥାଏ ତାହାଲେ ନିଶ୍ଚିତ ଅନୁଧ୍ୟାନ କରି କ୍ଷତି ପୂରଣ ସହାୟତା ଦିଆଯିବ । ଜିଲ୍ଲା କୃଷି ଅଧିକାରୀଙ୍କ କଥା ଅନୁସାରେ କ୍ଷତି ହେଇଥିବା ଚାଷୀଙ୍କ ପାଖକୁ କେବେ ପହଞ୍ଚୁଛନ୍ତି କୃଷି ବିଭାଗ କର୍ମଚାରୀ କେବେ କରୁଛନ୍ତି ତଦନ୍ତ ତାହା କେବଳ ସମୟ କହିବ ।

# ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଏକ ଷଡଯନ୍ତ୍ର

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ପ୍ରାଥମିକ ଶିକ୍ଷକ ସଂଘର ଗୋଟିଏ ଗୋଷ୍ଠୀ ଅଭିଯୋଗ ଉଠାଇ ଥିବା ବେଳେ ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସଂପୂର୍ଣ୍ଣ ଭିତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଖଣ୍ଡପଡା ବ୍ଲକ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ମତ ଦେବା ସହ କିଛି ଶିକ୍ଷକ ନେତା ବୋଲାଉଥିବା ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ଏହା ଏକ ଷଡଯନ୍ତ୍ର ବୋଲି ମତ ଦେଇଛନ୍ତି । ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ସଂପାଦକ ଦୀନବନ୍ଧୁ ସାହୁଙ୍କ ଆବାହକତ୍ୱରେ ଖଣ୍ଡପଡା ସହରର ମା ଉମାଦେବୀଙ୍କ ପୀଠ ପରିସରରେ ସୋମବାର ମଧ୍ୟାହ୍ନରେ ଆୟୋଜିତ ଏକ ବୈଠକରେ ୭୦ରୁ ଉର୍ଦ୍ଧ ଶିକ୍ଷକ, ଶିକ୍ଷୟତ୍ରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । କ୍ରମାଗତ ଭାବେ କର୍ତବ୍ୟରେ ଅବହେଳା ପ୍ରଦର୍ଶନ କରି ଆସୁଥିବା କିଛି ଶିକ୍ଷକଙ୍କର ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବେତନ ବାବଦ ପ୍ରାପ୍ୟ ବନ୍ଦ କରାଯାଇଥିଲା । ପରବର୍ତୀ ସମୟରେ ସଂପୃକ୍ତ ଶିକ୍ଷକମାନେ ପ୍ରତିଶୋଧ ପରାୟଣ ହୋଇ ଉଠି ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ କୁତ୍ସାରଟନା ରଚିଥିବା ନେଇ ନୂତନ ପେନସନ ଭୁକ୍ତ ସଂଘର ସଦସ୍ୟମାନେ ମତ ଦେଇଛନ୍ତି । ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ହୋଇଥିବା ମିଥ୍ୟା ଅଭିଯୋଗକୁ ନେଇ ସଂଘର ସଦସ୍ୟମାନେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରିଛନ୍ତି । ଅପରପକ୍ଷେ ଅଭିଯୋଗ ସଂପର୍କରେ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କୁ ପଚାରିବାରେ ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ପ୍ରଦାନ କରାଯାଇଥିବା ଅନୁଦାନ ଅର୍ଥ କେଉଁ କେଉଁ ବାବଦରେ ଖର୍ଚ୍ଚ ହେଲା ସେ ସଂପର୍କୀତ ବିନିଯୋଗ ପ୍ରମାଣପତ୍ର କିଛି ଶିକ୍ଷକ ଦେଉ ନଥିବା ବେଳେ କଂପୋଜିଟ ଗ୍ରାଂଟ ଅନୁଦାନ ଅର୍ଥକୁ ମନଇଚ୍ଛା ଖର୍ଚ୍ଚ କରି ମିଥ୍ୟାରେ ବିଲ ପାସ କରାଇଦେବା ପାଇଁ ତାଙ୍କ ଉପରେ ଚାପ ପ୍ରୟୋଗ କରୁଥିବା ସେ ପ୍ରକାଶ କରିଛନ୍ତି । ସେଥିରେ ବିଇଓ ରାଜି ନହେବାରୁ ନିର୍ଦ୍ଦିଷ୍ଟ ଏକ ଶିକ୍ଷକ ଗୋଷ୍ଠୀ ତାଙ୍କୁ ବଦନାମ କରିବା ପାଇଁ ଏଭଳି ପ୍ରୟାସ କରିଥିବା ସେ ମତ ଦେଇଥିଲେ । ତେବେ ଏ ସଂପର୍କରେ ବ୍ଲକ ଶିକ୍ଷାଧିକାରୀ ,ନୟାଗଡ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିବା ନେଇ ସୂଚନା ଦେଇଥିଲେ। ନୟାଗଡଜିଲ୍ଲା ଶିକ୍ଷାଧିକାରୀ ଚିତରଂଜନ ପାଣ୍ଡେଙ୍କୁ ପଚାରିବାରେ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ସେଭଳି କୌଣସି ଅଭିଯୋଗ ତାଙ୍କର ହସ୍ତଗତ ହୋଇ ନଥିବା ପ୍ରକାଶ କରିବା ସହ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ପହଲଗାମ ଆତଙ୍କୀ ଆକ୍ରମଣରେ ମୃତକଙ୍କୁ ଓଡ଼ିଶା ପ୍ରଗତି ଦଳର ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର ,(ସବ୍ୟୁ) : ଜାମ୍ମୁ-କାଶ୍ମୀର ପହଲଗାଓଁ ପାକିସ୍ତାନୀ ଆତଙ୍କୀବାଦୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ନିରୀହ ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପ୍ରଗତି ଦଳ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଶ୍ରୀରାମ ମନ୍ଦିର ସମ୍ମୁଖରେ ସାମୂହିକ ଦୀପଦାନ ସହିତ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଗତି ଦଳର ରାଜ୍ୟ ସଭାପତି ଜନ୍ମେଜୟ ରୋହିଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶୋକସଭାରେ ମୃତ ପର୍ଯ୍ୟଟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ଗୁରୁତର ଆହତ ପର୍ଯ୍ୟଟକଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଲିଙ୍ଗରାଜ ଦାସ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୌମ୍ୟରଞ୍ଜନ ଜେନା, ଆଧ୍ୟାତ୍ମିକ ଯୋଗଗୁରୁ ବାବା ପଞ୍ଚଦେବ, ବିଶିଷ୍ଟ ସମାଜସେବୀ ସରୋଜିନୀ ମହାନ୍ତି, ଇଂ କୃଷ୍ଣପ୍ରସାଦ ବାରିକ, ସରୋଜ ପାତ୍ର, ସୁବାସ ମହାନ୍ତି ପ୍ରମୁଖ ଯୋଗଦେଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପୁଲିସ ପକ୍ଷରୁ ବରିଷ୍ଠ ନାଗରିକ ସମ୍ମିଳନୀ

କଣ୍ଟାପଡ଼ା, (ସବ୍ୟୁ) :କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁର ଥାନା ଆନୁକୂଲରେ ବରିଷ୍ଠ ନାଗରିକ ସମ୍ମିଳନୀ ତଥା ସଚେତନତା କାର୍ଯକ୍ରମ ସୁନ୍ଦରଗ୍ରାମସ୍ଥ ଦଧିଚି ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ମୁଖ ଅତିଥିରୂପେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ନିରାପତ୍ତା ଓ ପରିଣତ ବୟସରେ ସେମାନଙ୍କ ନାଯ ଅଧିକାର ବାବଦରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ କଣ୍ଟାପଡ଼ାର ସଭାପତି ପଦ୍ମନାଭ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ା, କଟକ ସଦର ଏସଡ଼ିପିଓ କିରଣ ହେମ୍ବ୍ରମ, ଦଧିଚି ଶିକ୍ଷାନୁଷ୍ଠାନ ସମୂହ ଅଧ୍ୟକ୍ଷ ଡଃ.ମନୋଜକୁମାର ଦାଶ ପ୍ରମୁଖ ମଞ୍ଚାସୀନ ରହି ବରିଷ୍ଠ ନାଗରିକଙ୍କ ସମସା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଥାନାରେ ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ସହ ସେମାନଙ୍କ ସମସାକୁ ଗୁରୁତ୍ୱଦେଇ କାର୍ଯ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ବ୍ରଜକିଶୋର ପ୍ରଧାନ କାର୍ଯକ୍ରମ ସଞ୍ଚାଳନ କରିଥିଲାବେଳେ ଓଲଟପୁର ଥାନା କର୍ମଚାରୀ ସହାୟତା କରିଥିଲେ।

# ତାଳଦା ପଞ୍ଚାୟତକୁ ଗଡ଼ିଲା ସରକାରି ବସ

ଅସ୍ତରଙ୍ଗ,(ସବ୍ୟୁ) :ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକର ତାଳଦା ପଞ୍ଚାୟତକୁ ସରକାରୀ ବସ ଗଡ଼ିଛି। ତାଳଦା, ଦେବୀ ନଦୀ ଭିତରେ ଥିବା ଦୀପାଞ୍ଚଳକୁ ରାସ୍ତା ସଂଯୋଗୀ କରଣ କରାଯାଇ ଏକ ସେତୁ ନିର୍ମାଣ କରାଯାଇଥିଲେ ବି ଏହି ଅଞ୍ଚଳ କୁ ସରକାରୀ ଲକ୍ଷ୍ମୀ ବସ ସେବା ଯୋଗାଇ ଦିଆ ଗଲାନାହିଁ ।ଏହାକୁ ନେଇ ଗତ କିଛିମାସ ଧରି ବିଭିନ୍ନ ଗଣ ମାଧ୍ୟମ ରେ ପ୍ରକାଶ ପାଇବା ପରେ ମଙ୍ଗଳବାର ଦିନ ଜିଲ୍ଲା ଓ ବ୍ଲକ ପ୍ରଶାସନର ମିଳିତ ଆଲୋଚନା ପରେ ଅସ୍ତରଙ୍ଗ ବଜାର ରୁ ନଗର ନଈଗୁଆ ଦେଇ ତାଳଦା ପଞ୍ଚାୟତ କୁ ସରକାରି ବସ ସେବା ଆରମ୍ଭ ହୋଇଛି।

# ମେଧାବୀ ପରୀକ୍ଷାର୍ଥୀଙ୍କୁ ଶିଶୁ ବିଦ୍ୟା ମନ୍ଦିରର ସମ୍ବର୍ଦ୍ଧନା



କାକଟପୁର ,(ସବ୍ୟୁ) :କାକଟପୁର ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଛାତ୍ର ଛାତ୍ରୀ ମାନେ ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସଭାପତି ପ୍ରମୋଦ କିଶୋର ପୃଷ୍ଟି ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟା ମନ୍ଦିର ସଂକୁଳ ପ୍ରମୁଖ ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସହ ପ୍ରଧାନାଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ,ରାଜକିଶୋର ମଲ୍ଲିକ, ଅନ୍ନଦା କୁମାର ବେହେରା ପ୍ରମୁଖ ଯୋଗଦେଇ ବ୍ଲକରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଥିବା ଅଂଶୁମାନ ରାଉତ(୫୬୦), ଏ୧ ରେ ପାସ କରିଥିବା ପ୍ରତୀକ୍ଷା ତ୍ରିପାଠୀ, ଅଙ୍କିତା ମିଶ୍ର, ସ୍ୱାତିଲିନା ଦାଶ ଓ ଏ-୨ ରେ ପାସ କରିଥିବା (୮) ଜଣ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦୀପ ପ୍ରଧାନ, ପ୍ରକାଶ ଷଡ଼ଙ୍ଗୀ, ଦିଲ୍ଲୀପ ଶତପଥି, ପ୍ରଦୀପ୍ତ ମିଶ୍ର, ବ୍ରହ୍ମୋତ୍ରୀ ମଚ୍ଛନ, ସୁବର୍ଣ୍ଣଚାନ୍ଦ, ଲକ୍ଷ୍ମୀଧର ମହାପାତ୍ର, ପ୍ରମିଳା ମହାରଣା, ଶୁଭଶ୍ରୀ ରାଉତ, ଗୀତାଞ୍ଜଳି ପରିଡା, ଅକ୍ଷୟ ସାହୁ ପ୍ରମୁଖ ଗୁରଜୀ ଗୁରୁମା ମାନେ ଯୋଗଦେଥିଲେ । ଶେଷରେ ବିଦ୍ୟାମନ୍ଦିର ବିଦ୍ୟୁତ ପରିଷଦ ର ସଭ୍ୟ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୫/୩)

-ପୁରୁଷୋତ୍ତମଯୋଗଃ-

(ଶ୍ରୀଭଗବାନୁବାଚ )

**ନ ରୂପମସ୍ୟେହ ତଥୋପଲଭ୍ୟତେ**
**ନାନ୍ତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା ।**
**ଅଶ୍ୱତ୍ଥମେନଂ ସୁବିରୂଢମୂଳ-**
**ମସଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା ।।୩।।**

ଏହି ସଂସାରସ୍ଥ ଜୀବମାନେ ଏ ସଂସାରରୂପ ବୃକ୍ଷର (ଊର୍ଦ୍ଧ୍ୱମୂଳାଦି) ରୂପ ଉପଲବ୍ଧି କରିପାରନ୍ତି ନାହିଁ, ସେହିପରି (ଅନାଦି ଓ ଅନନ୍ତ ହେତୁରୁ) ଏହାର ଆଦି, ଅନ୍ତ ଓ ସ୍ଥିତି ଉପଲବ୍ଧି କରିପାରନ୍ତି ନାହିଁ । ଏହି ଦୃଢ ବଦ୍ଧମୂଳ ଅଶ୍ୱତ୍ଥ ବୃକ୍ଷକୁ ସୁଦୃଢ (ବିବେକ ଓ ଅଭ୍ୟାସଦ୍ୱାରା ଶାଣିତ) ଅନାସକ୍ତିରୂପ ଖଡ୍‌ଗଦ୍ୱାରା ଛେଦନ କରି ଏହାର ମୂଳଭୂତ ସେହି ବସ୍ତୁଟିକୁ (ବୈଷ୍ଣବପଦ) ଅନୁସନ୍ଧାନ କରିବାକୁ ହେବ, ଯାହା ପାଇଲେ ପୁଣି ଆଉ ଜନ୍ମ ହେବାକୁ ହେବ ନାହିଁ । ଯାହାଙ୍କଠାରୁ ଏହି ଚିରନ୍ତନୀ ସଂସାରପ୍ରବୃତ୍ତି ବିସ୍ତାରଲାଭ କରିଛି, ମୁଁ ସେହି ଆଦିପୁରୁଷଙ୍କର ଶରଣ ନେଲି, ଏହିପରି (ଏକାନ୍ତ ଭକ୍ତିରେ) ସେହି ବ୍ରହ୍ମପଦକୁ ଅନୁସନ୍ଧାନ କରିବାକୁ ହେବ ।।୩।।

## ଦୀଘାରେ ଜଗନ୍ନାଥ ମନ୍ଦିର ସ୍ଥାପନା

### ସମ୍ପାଦକୀୟ

ଗତ ପବିତ୍ର ଅକ୍ଷୟ ତୃତୀୟା ଦିବସରେ ପଶ୍ଚିମବଙ୍ଗର ଦୀଘା ସମୁଦ୍ର ଉପକୂଳରେ ଶ୍ରୀଜଗନ୍ନାଥ ମନ୍ଦିର ଓ ମୂର୍ତ୍ତି ସ୍ଥାପନ ଘଟଣାକୁ କେହି ବିରୋଧ କରୁନାହାନ୍ତି । ମାତ୍ର ସେହି ମନ୍ଦିରକୁ ଜଗନ୍ନାଥ ଧାମ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ କହିଲେ କିପରି ? ଭାରତରେ ଚାରି ଧାମର ଲୋକପ୍ରିୟତା ଏବେ ବି ରହିଛି । ହିନ୍ଦୁମାନଙ୍କର ତୀର୍ଥସ୍ଥାନ ଭାବେ ବଦ୍ରିନାଥ, ଦ୍ୱାରକା, ପୁରୀ ଓ ରାମେଶ୍ୱରକୁ ସର୍ବାପେକ୍ଷା ପବିତ୍ର ଧାମ ବୋଲି କୁହାଯାଇଥାଏ । ତେଣୁ ଦୀଘାରେ ମନ୍ଦିର ନିର୍ମିତ ହୋଇ ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ବିଗ୍ରହମାନେ ହୁଏତ ପୂଜା ପାଉଛନ୍ତି । ତାମିଲନାଡୁରେ ମଧ୍ୟ ସମୁଦ୍ର ତଟରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ରହିଛି । ଦିଲ୍ଲୀ, ମୁମ୍ବାଇ ଓ କୋଲକାତା ମହାନଗର କେବଳ ନୁହେଁ, ସୁଦୂର ଆମେରିକା, ଇଂଲଣ୍ଡ ତଥା ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କରେ ମଧ୍ୟ ଏକାଧିକ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ ହୋଇଛି । ଠାକୁରମାନେ ପୂଜା ପାଉଛନ୍ତି । ଭାରତର ବଡ଼ ଓ ଛୋଟ ସହରମାନଙ୍କରେ ମଧ୍ୟ ଏକାଧିକ ଜଗନ୍ନାଥ ମନ୍ଦିର ରହିଛି ଏବଂ ବିଗ୍ରହମାନଙ୍କର ପୂଜାର୍ଚ୍ଚନା ପ୍ରତିଦିନ ଚାଲିଛି । ଅଥଚ ଦୀଘା ସମୁଦ୍ର କୂଳରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରଗୁଡ଼ିକ ପୁରୀ ଶ୍ରୀମନ୍ଦିର ଅନୁକରଣରେ କରାଯାଇଥିଲେ ମଧ୍ୟ ପୁରୀ ଶ୍ରୀମନ୍ଦିର ସହ ସେ ସବୁ ତୁଳନୀୟ ନୁହେଁ । ସେହି କ୍ଷୁଦ୍ରାୟତନ ଭୂମିକୁ ମଧ୍ୟ ଜଗନ୍ନାଥ ଧାମ ବୋଲି କହିବା ଜଣେ ଅଭିଜ୍ଞ ମୁଖ୍ୟମନ୍ତ୍ରୀଙ୍କଠାରେ ଶୋଭା ପାଏ ନାହିଁ । ଏ ବିଷୟରେ ରାଜ୍ୟ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଶ୍ରୀମନ୍ଦିର କମିଟିର ସ୍ଥାୟୀ ଅଧ୍ୟକ୍ଷ ଶ୍ରୀ ଦିବ୍ୟସିଂହ ଦେବ ସ୍ପଷ୍ଟୀକରଣ ଦେଇ ସାରିଛନ୍ତି । ଓଡ଼ିଶା ସରକାର ଏ ବିଷୟରେ ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିବେ ଓ ସେ ତାଙ୍କର ତ୍ରୁଟିକୁ ସଂଶୋଧନ ନ କଲେ, ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମଧ୍ୟ ଦୃଢ଼ତାର ସହିତ କହିଛନ୍ତି । ପଶ୍ଚିମବଙ୍ଗର ବିଜେପି ମଧ୍ୟ ମୁଖ୍ୟମନ୍ତ୍ରୀ ସୁଶ୍ରୀ ବାନାର୍ଜୀଙ୍କର ଏହି କାର୍ଯ୍ୟର ଘୋର ନିନ୍ଦା କରିଛି ।

ପୁରୀର ଜଗନ୍ନାଥ ହେଉଛନ୍ତି ଅଦ୍ୱିତୀୟ ଦେବତା । ସେ ହେଉଛନ୍ତି ସମଗ୍ର ବିଶ୍ୱର ଆରାଧ୍ୟ ଦେବତା । ପୁରୀର ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ବିଗ୍ରହଙ୍କ ପ୍ରତି ବାର ବା ତତୋଧିକ ବର୍ଷରେ ଯେଉଁ ନବ କଳେବର ହୁଏ, ସେହି ମୂର୍ତ୍ତି ନିର୍ମାଣର ବଳକା କାଠରେ ଦୀଘା ଜଗନ୍ନାଥ ମନ୍ଦିରର ବିଗ୍ରହମାନଙ୍କୁ ପ୍ରତିଷ୍ଠା କରାଯାଇଛି ବୋଲି ଯାହା କୁହାଗଲା, ତାହା ପ୍ରଚାର ନୁହେଁ, ଅପପ୍ରଚାର ବୋଲି ରାଜ୍ୟ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ସ୍ପଷ୍ଟ କରିବା ପରେ ଜନସାଧାରଣଙ୍କ ଭ୍ରମ ଧାରଣା ଦୂରୀଭୁତ ହୋଇଛି । ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର ଦୀଘା ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ । ତେଣୁ, ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ତାଙ୍କୁ ଜେରା କରାଯାଇଛି । ଜେରା ପରେ କମିଟି ରାଜ୍ୟ ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିବେ । ସେ ବିଷୟ ସାର୍ବଜନୀନ ହେଉ । ସେ ବିଷୟରେ ଜାଣିବାକୁ ଲୋକଙ୍କର ଆଗ୍ରହ ରହିଛି ।

ଉଲ୍ଲେଖନୀୟ ଯେ ବିଗତ ସରକାରଙ୍କ ଅମଳରେ ନବକଳେବର ସମୟରେ ଯେଉଁ ବ୍ରହ୍ମ ବିଭ୍ରାଟ ଘଟିଥିଲା, ସେ ବିଷୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ତଥା ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ମାତ୍ର ଦୁଃଖର କଥା, ସେହି ରିପୋର୍ଟଟିକୁ ବିଗତ ରାଜ୍ୟ ସରକାର ଶୀତଳ ଭଣ୍ଡାରରେ ରଖିଥିଲେ ମଧ୍ୟ ସାର୍ବଜନୀନ କଲେ ନାହିଁ । ଏବେ ଏକବର୍ଷ ପାଳନ କରିବାକୁ ଯାଉଥିବା ରାଜ୍ୟ ସରକାର ସେହି ରିପୋର୍ଟକୁ ସାର୍ବଜନୀନ କରିବେ ବୋଲି ଲୋକେ ଆଶା କରୁଛନ୍ତି । କାରଣ ଜନଶ୍ରୁତି ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିର ନାଭିମଣ୍ଡଳରେ ଏକ ରହସ୍ୟମୟ ବସ୍ତୁ ସଂସ୍ଥାପିତ ହୋଇଥାଏ । ତାହା ହିଁ ବ୍ରହ୍ମବସ୍ତୁ । ନବକଳେବର ପରେ ପୁରୁଣା ବିଗ୍ରହରୁ ସେହି ବ୍ରହ୍ମବସ୍ତୁକୁ କଢ଼ାଯାଇ ନୂତନ ବିଗ୍ରହର ନାଭିମଣ୍ଡଳରେ ରଖାଯାଏ । ଏହି ବସ୍ତୁ କୁଆଡ଼େ ଠାକୁରମାନଙ୍କୁ ଜୀବନ୍ତ କରି ରଖିଥାଏ । ସେ ବିଷୟରେ ଜନସାଧାରଣଙ୍କର କୌଣସି ଧାରଣା ପ୍ରାୟ ନ ଥାଏ । ମାତ୍ର ଗତ ୨୦୧୫ ନବ କଳେବର ସମୟରେ ସେହି ବ୍ରହ୍ମବସ୍ତୁ ମୋବାଇଲ ଫଟୋଚିତ୍ରରେ ଯେପରି ପ୍ରସାରିତ କରାଗଲା । ସେପରି ବିଭ୍ରାଟର ତଦନ୍ତ ରାଜ୍ୟ ସରକାର କରିଥିଲେ । ପ୍ରାୟ ଦଶବର୍ଷ ହେବାକୁ ଯାଉଛି । ସେ ତଦନ୍ତ ରିପୋର୍ଟ ବିଷୟରେ ଜନସାଧାରଣଙ୍କୁ ରାଜ୍ୟ ସରକାର ଅବିଳମ୍ବେ ଜଣାଇବେ ବୋଲି ଆଶା କରାଯାଉଛି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ନିଦ ହଜାଏ ନୀଳ ଆଲୋକ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଆଜି ପ୍ରାୟ ପ୍ରତ୍ୟେକ ଘରେ ପିଲାଙ୍କ ଆଚରଣ ଓ ମାନସିକ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ । ଅଭିଭାବକ ଏବଂ ଶିକ୍ଷକମାନେ ପ୍ରାୟତଃ ଅଭିଯୋଗ କରନ୍ତି ଯେ ପିଲାମାନେ ପୂର୍ବ ଅପେକ୍ଷା ଅଧିକ ରାଗି, ଚିଡଚିଡ଼ା ଏବଂ ଆକ୍ରମଣାତ୍ମକ ହୋଇଯାଇଛନ୍ତ । ଏହାର ପ୍ରମୁଖ କାରଣ ସମସ୍ତଙ୍କୁ ଜଣା । ସ୍କ୍ରିନ୍ ଟାଇମ୍ ଏବଂ ଡିଜିଟାଲ୍ ଦୁନିଆ ପିଲାଙ୍କ ମାନସିକ ଏବଂ ଭାବନାତ୍ମକ ବିକାଶକୁ ନକାରାତ୍ମକ ଭାବରେ ପ୍ରଭାବିତ କରୁଛି, ଯାହା ଫଳରେ କ୍ରୋଧ ଏବଂ ଆକ୍ରୋଶ ବୃଦ୍ଧି ପାଉଛି ।

ଆଜିର ଶିଶୁ ହେଉଛନ୍ତି 'ଡିଜିଟାଲ୍ ବାସିନ୍ଦା', ଅର୍ଥାତ୍ ସେମାନେ ଏପରି ଏକ ଦୁନିଆରେ ଜନ୍ମ ନେଇଛନ୍ତି ଯେଉଁଠି ସ୍ମାର୍ଟଫୋନ୍, ଟାବଲେଟ୍ ଏବଂ ଇଣ୍ଟରନେଟ୍ ଦୈନନ୍ଦିନ ଜୀବନର ଅଂଶ ବିଶେଷ ହୋଇପଡ଼ିଛି । ଅତୀତରେ ପିଲାମାନେ ଖେଳ ପଡ଼ିଆରେ ସାଙ୍ଗମାନଙ୍କ ସହ ସମୟ ବିତାଉଥିବାବେଳେ ଏବେ ସ୍କ୍ରିନରେ ଗେମ୍ ଖେଳିବା, ଭିଡିଓ ଦେଖିବା ଏବଂ ସୋସିଆଲ ମିଡିଆରେ ସମୟ ବିତାଇବାରେ ବ୍ୟସ୍ତ । ଏକ ଗବେଷଣାରୁ ଜଣାପଡ଼ିଛି ଯେ ଭାରତରେ ୬ରୁ ୧୨ ବର୍ଷ ବୟସର ପିଲାମାନେ ପ୍ରତିଦିନ ହାରାହାରି ୨-୪ ଘଣ୍ଟା ସ୍କ୍ରିନ୍‌ରେ ବିତାଉଛନ୍ତି । କିଶୋରମାନଙ୍କ ମଧ୍ୟରେ ଏହି ସଂଖ୍ୟା ଆହୁରି ଅଧିକ । ଶିକ୍ଷା ଓ ମନୋରଞ୍ଜନ ପାଇଁ ଟେକ୍ନୋଲୋଜି ନୂଆ ଦ୍ୱାର ଖୋଲିଥିବାବେଳେ ପ୍ରଯୁକ୍ତିବିଦ୍ୟାର ଅତ୍ୟଧିକ ଓ ଅନିୟନ୍ତ୍ରିତ ବ୍ୟବହାର ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ।

ବିଶେଷଜ୍ଞଙ୍କ ମତରେ ମସ୍ତିଷ୍କ ବିକାଶର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ମୋବାଇଲ ଓ ଇଣ୍ଟରନେଟ୍ ବ୍ୟବହାର ପିଲାଙ୍କ ଭାବନାତ୍ମକ ଏବଂ ସାମାଜିକ ଦକ୍ଷତାକୁ ପ୍ରଭାବିତ କରିଥାଏ । ଏହି ସମୟରେ ସ୍କ୍ରିନ୍ ଟାଇମ୍‌ର ଅତ୍ୟଧିକ ବ୍ୟବହାର ମୋବାଇଲ ଗେମ୍ ଏବଂ ସୋସିଆଲ ମିଡିଆରେ ଦ୍ରୁତ ଦୃଶ୍ୟ ଏବଂ ତତ୍‌କ୍ଷଣାତ୍ ପୁରସ୍କାର (ଯେପରିକି ଗେମ୍ ଜିତିବା କିମ୍ବା ଲାଇକ୍ ପାଇବା) ପିଲାଙ୍କ ମସ୍ତିଷ୍କରେ ଡୋପାମାଇନ୍ ସ୍ତରକୁ ବଢ଼ାଇଥାଏ । ଏହା ସେମାନଙ୍କୁ ଉତ୍ସାହିତ କରେ ।

ସେମାନେ ସନ୍ତୋଷ ଆଶା କରିବା ଆରମ୍ଭ କରିଦିଅନ୍ତି ଏବଂ ଯଦି ବାସ୍ତବ ଜୀବନରେ ଏହା ନ ହୁଏ, ତେବେ ସେମାନେ ନିରାଶ, ଚିଡଚିଡ଼ା ଏବଂ କ୍ରୋଧିତ ହୋଇଯାଆନ୍ତି । ଇଣ୍ଟରନେଟରେ ଉପଲବ୍ଧ ଅନେକ ଗେମ୍ ଏବଂ ଭିଡିଓରେ ହିଂସା, ଆକ୍ରୋଶ ଏବଂ ଅନୁପଯୁକ୍ତ ଆଚରଣକୁ ଦର୍ଶାଯାଇଛି । ଯେଉଁ ପିଲାମାନଙ୍କର ମସ୍ତିଷ୍କ ଏପର୍ଯ୍ୟନ୍ତ ପରିପକ୍ୱ ହୋଇନାହିଁ, ସେମାନେ ଏହି ପଦାର୍ଥଗୁଡ଼ିକୁ ଦେଖନ୍ତି ଏବଂ ହିଂସାତ୍ମକ ଆଚରଣକୁ ସ୍ୱାଭାବିକ ଭାବରେ ବିବେଚନା କରିବା ଆରମ୍ଭ କରନ୍ତି । ଉଦାହରଣ ସ୍ୱରୂପ, ଅନେକ ଲୋକପ୍ରିୟ ମୋବାଇଲ ଗେମ୍ ଯୁଦ୍ଧ, ଲଢ଼େଇ ଏବଂ ବିନାଶକୁ ପ୍ରୋତ୍ସାହିତ କରିଥାଏ, ଯାହା ପିଲାମାନଙ୍କ ମଧ୍ୟରେ ଆକ୍ରମଣାତ୍ମକ ପ୍ରବୃତ୍ତି ବୃଦ୍ଧି କରିପାରେ । ମୋବାଇଲ ଓ ଇଣ୍ଟରନେଟ୍‌ର ଅତ୍ୟଧିକ ବ୍ୟବହାର ଯୋଗୁଁ ବାସ୍ତବ ଦୁନିଆରେ ଲୋକମାନେ ବନ୍ଧୁଙ୍କ ସହ ରହିବା କଷ୍ଟକର ହୋଇପଡ଼ିଛି ।

ପିଲାମାନେ ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି, କିନ୍ତୁ ପ୍ରକୃତ ସାମାଜିକ ଯୋଗାଯୋଗର ଅଭାବ ସେମାନଙ୍କୁ ଏକାକୀ ଏବଂ ଅବସାଦଗ୍ରସ୍ତ କରିଥାଏ । ଏହି ଏକାକୀତା ଏବଂ ଭାବନାତ୍ମକ ଶୂନ୍ୟତାକୁ ପ୍ରାୟତଃ କ୍ରୋଧ ଏବଂ ଆକ୍ରୋଶ ଭାବରେ ପ୍ରକାଶ କରାଯାଏ । ବିଳମ୍ବିତ ରାତିରେ ମୋବାଇଲ ଫୋନ୍ ବ୍ୟବହାର, ବିଶେଷକରି ନୀଳ ଆଲୋକ ସଂସ୍ପର୍ଶରେ ଆସିବା ଦ୍ୱାରା ପିଲାଙ୍କ ନିଦ୍ରାର ଗୁଣବତ୍ତା ମଧ୍ୟ ପ୍ରଭାବିତ ହୋଇଥାଏ । ପର୍ଯ୍ୟାପ୍ତ ନ ଶୋଇବା ଦ୍ୱାରା ପିଲାମାନଙ୍କର ଚିଡ଼ଚିଡ଼ାପଣ, ମାନସିକ ଚାପ ଓ କ୍ରୋଧ ବଢ଼ିଥାଏ । ଏକ ଗବେଷଣାରୁ ଜଣାପଡିଛି ଯେ ଯେଉଁ ପିଲାମାନେ ରାତିରେ ପରଦାରେ ଅଧିକ ସମୟ ବିତାଇଥାନ୍ତି ସେମାନଙ୍କର ଭାବନାତ୍ମକ ଅସ୍ଥିରତା ଏବଂ ଆକ୍ରମଣାତ୍ମକ ଆଚରଣ ହେବାର ସମ୍ଭାବନା ଅଧିକ । ସୋସିଆଲ ମିଡିଆ ପିଲାମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ଭାବନାକୁ ବଢ଼ାଇଥାଏ । ଏମାନେ 'ପର୍ଫେକ୍ଟ' ଜୀବନ, ରୂପ ବା ଉପଲବ୍ଧିକୁ ଦେଖି ଅନ୍ୟମାନଙ୍କ ଠାରୁ ନିମ୍ନ ଅନୁଭବ କରିଥାନ୍ତି । ଏହା ନିମ୍ନ ଆତ୍ମସମ୍ମାନ ଏବଂ ଅସନ୍ତୋଷର କାରଣ, ଯାହା କ୍ରୋଧ ଏବଂ ଆକ୍ରୋଶ ଆକାରରେ ପ୍ରକାଶ ପାଇଥାଏ । କମ୍ ବୟସରେ ମୋବାଇଲ ଓ ଇଣ୍ଟରନେଟ୍‌ର ଅତ୍ୟଧିକ ବ୍ୟବହାର କେବଳ କ୍ରୋଧ ଓ ଆକ୍ରୋଶରେ ସୀମିତ ନୁହେଁ । ଏହାର ଦୀର୍ଘମିଆଦୀ ପ୍ରଭାବ ମଧ୍ୟ ଚିନ୍ତାଜନକ । ପିଲାଙ୍କ ଧ୍ୟାନ କେନ୍ଦ୍ରୀଭୂତ କରିବାର କ୍ଷମତା ହ୍ରାସ ପାଉଛି, ସେମାନଙ୍କର ସୃଜନଶୀଳତା ପ୍ରଭାବିତ ହେଉଛି ଏବଂ ସେମାନେ ଭାବନାତ୍ମକ ଭାବରେ ଅସୁରକ୍ଷିତ ହୋଇଯାଉଛନ୍ତି । ନିରନ୍ତର ସ୍କ୍ରିନ୍ ଟାଇମ୍ ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଉଛି, ଯେପରିକି ମୋଟାପଣ, ଆଖି ସମସ୍ୟା । ଏହି ସମସ୍ୟାର ମୁକାବିଲା ପାଇଁ ଅଭିଭାବକ, ଶିକ୍ଷକ ଓ ସମାଜ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଏମିତି କିଛି ଟିପ୍ସ ରହିଛି, ଯାହା ପିଲାଙ୍କ କ୍ରୋଧ ଓ ଆକ୍ରୋଶକୁ କମ୍ କରିବାରେ ସହାୟକ ହୋଇଥାଏ । ଅଭିଭାବକମାନେ ପିଲାଙ୍କ ସ୍କ୍ରିନ୍ ଟାଇମ୍ ଉପରେ ନଜର ରଖିବା ଉଚିତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ୨-୫ ବର୍ଷ ବୟସର ପିଲାଙ୍କୁ ଦୈନିକ ୧ ଘଣ୍ଟାରୁ ଅଧିକ ସମୟ ଦେବା ଅନୁଚିତ । ବୟସ ଅନୁଯାୟୀ ପିଲାମାନଙ୍କ ପାଇଁ ଏକ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ । କ୍ରୀଡ଼ା, କଳା, ସଙ୍ଗୀତ ଓ ପଠନ ଭଳି କାର୍ଯ୍ୟରେ ପିଲାଙ୍କୁ ସାମିଲ କରନ୍ତୁ । ଏହା କେବଳ ସେମାନଙ୍କର ସୃଜନଶୀଳତାକୁ ବଢ଼ାଇନଥାଏ ବରଂ ସେମାନଙ୍କୁ ଭାବନାତ୍ମକ ଭାବରେ ସ୍ଥିର ମଧ୍ୟ କରିଥାଏ । ଅଭିଭାବକମାନେ ପିଲାମାନଙ୍କ ସହିତ ଗୁଣାତ୍ମକ ସମୟ ବିତାଇବା ଉଚିତ । ଏକାଠି ଖାଇବା, କାହାଣୀ କହିବା କିମ୍ବା ବୁଲିବା ପାଇଁ ନେବା ପିଲାମାନଙ୍କୁ ଭାବନାତ୍ମକ ଭାବରେ ଶକ୍ତିଶାଳୀ କରିଥାଏ । ପିଲାମାନଙ୍କୁ ଶିକ୍ଷିତ ଏବଂ ସକାରାତ୍ମକ ବିଷୟବସ୍ତୁ ଦେଖିବାକୁ ଉତ୍ସାହିତ କରନ୍ତୁ । ଅଭିଭାବକମାନେ ନିଶ୍ଚିତ କରନ୍ତୁ ଯେ ପିଲାମାନେ ହିଂସାତ୍ମକ ଖେଳ କିମ୍ବା ଭିଡିଓଠାରୁ ଦୂରେଇ ରୁହନ୍ତୁ । ପିଲାମାନଙ୍କୁ ଇଣ୍ଟରନେଟର ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ବିଷୟରେ ଶିକ୍ଷା ଦିଅନ୍ତୁ । ସୋସିଆଲ ମିଡିଆର ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ବିଷୟରେ କଥା ହୁଅନ୍ତୁ । ଯଦି ପିଲା କ୍ରମାଗତ ଭାବରେ କ୍ରୋଧିତ କିମ୍ବା ଆକ୍ରମଣାତ୍ମକ ଆଚରଣ ଦେଖାଉଛି, ତେବେ ମନୋବିଜ୍ଞାନୀ କିମ୍ବା ପରାମର୍ଶଦାତାଙ୍କ ସାହାଯ୍ୟ ନିଅନ୍ତୁ ।

ପ୍ରାରମ୍ଭିକ ହସ୍ତକ୍ଷେପ ଏହି ସମସ୍ୟାକୁ ବିକଶିତ ହେବାରୁ ରୋକିପାରେ । ଏଥିପାଇଁ ଏକ ଡିଜିଟାଲ ଡିଟକ୍ସ ଆବଶ୍ୟକ, ଯାହା ମାନସିକ ଚାପ ହ୍ରାସ କରିବା, ନିଦ୍ରାରେ ଉନ୍ନତି ଆଣିବା ଏବଂ ବାସ୍ତବ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ । ସମୟ ଉଚିତ ସମୟରେ 'ଡିଜିଟାଲ ଡିଟକ୍ସ'କୁ ଆପଣାଇ ଆମେ ଓ ଆମ ପିଲାମାନେ ସନ୍ତୁଳିତ ଓ ସୁସ୍ଥ ଜୀବନଯାପନ କରିପାରିବା । ପିଲାମାନଙ୍କୁ ଡିଜିଟାଲ ଦୁନିଆର ନକାରାତ୍ମକ ପ୍ରଭାବରୁ ରକ୍ଷା କରିବା ଏବଂ ସେମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପିତାମାତା ଏବଂ ସମାଜର ଦାୟିତ୍ୱ । ଏକ ସନ୍ତୁଳିତ ଜୀବନଶୈଳୀ, ସକାରାତ୍ମକ ପରିବେଶ ଏବଂ ସ୍ନେହପୂର୍ଣ୍ଣ ଯତ୍ନ ଦ୍ୱାରା ଆମେ କେବଳ ପିଲାମାନଙ୍କୁ କ୍ରୋଧ ଏବଂ ଆକ୍ରୋଶରୁ ମୁକ୍ତ କରିପାରିବା ନାହିଁ, ବରଂ ସେମାନଙ୍କୁ ଏକ ସୁସ୍ଥ ଏବଂ ସୁଖୀ ଭବିଷ୍ୟତ ମଧ୍ୟ ଦେଇପାରିବା ।

> **ପିଲାମାନେ ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି, କିନ୍ତୁ ପ୍ରକୃତ ସାମାଜିକ ଯୋଗାଯୋଗର ଅଭାବ ସେମାନଙ୍କୁ ଏକାକୀ ଏବଂ ଅବସାଦଗ୍ରସ୍ତ କରିଥାଏ । ଏହି ଏକାକୀତା ଏବଂ ଭାବନାତ୍ମକ ଶୂନ୍ୟତାକୁ ପ୍ରାୟତଃ କ୍ରୋଧ ଏବଂ ଆକ୍ରୋଶ ଭାବରେ ପ୍ରକାଶ କରାଯାଏ । ବିଳମ୍ବିତ ରାତିରେ ମୋବାଇଲ ଫୋନ୍ ବ୍ୟବହାର, ବିଶେଷକରି ନୀଳ ଆଲୋକ ସଂସ୍ପର୍ଶରେ ଆସିବା ଦ୍ୱାରା ପିଲାଙ୍କ ନିଦ୍ରାର ଗୁଣବତ୍ତା ମଧ୍ୟ ପ୍ରଭାବିତ ହୋଇଥାଏ । ପର୍ଯ୍ୟାପ୍ତ ନ ଶୋଇବା ଦ୍ୱାରା ପିଲାମାନଙ୍କର ଚିଡ଼ଚିଡ଼ାପଣ, ମାନସିକ ଚାପ ଓ କ୍ରୋଧ ବଢ଼ିଥାଏ ।**

**ନୟାଗଡ଼, ମୋ-୯୪୩୭୬୪୨୯୪୭**

## ସାନ୍ତାଳ ଗ୍ରାମରେ ମାଝୀମାପାଞ୍ଜୀ ବ୍ୟବସ୍ଥା



**ଦଶରଥ ହେମ୍ବ୍ରମ୍**

ସାନ୍ତାଳସଭ୍ୟତା ଆରମ୍ଭରୁ ମାଝୀମାପାଞ୍ଜୀ ମାନଙ୍କୁ ନେଇ ପାରମ୍ପରିକ ବ୍ୟବସ୍ଥାନୁସାରେ 'ମାଝୀମାପାଞ୍ଜୀ' ପ୍ରଚଳିତ । ଏହି ବ୍ୟବସ୍ଥାନୁସାରେ ସେମାନେ ହିଁ ସମାଜର କେନ୍ଦ୍ରବିନ୍ଦୁ, ତାଙ୍କର ଅନୁପସ୍ଥିତିରେ କୌଣସି ସାମାଜିକ ମାଙ୍ଗଳିକ କାର୍ଯ୍ୟ ସମାଜରେ ସମ୍ପନ୍ନ ହୋଇପାରିବ ନାହିଁ । ତେଣୁ ସମାଜରେ ମାଝୀମାପାଞ୍ଜୀଙ୍କ ଭୂମିକା ଅତି ଉଚ୍ଚରେ ସ୍ଥାନିତ କରାଯାଇଥାଏ । ମାଝୀର ଅର୍ଥ ଗ୍ରାମର ମୁଖିଆ, ଗ୍ରାମର ପ୍ରତ୍ୟେକ କଥା ଜାଣିବା ଏବଂ ବୁଝିବା ହେଉଛି ମୁଖିଆଙ୍କର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ ।

କୌଣସି ବିଚାର ଆଲୋଚନାବେଳେ ତାଙ୍କର ଆଦେଶ, ଉପଦେଶ ଏବଂ ନିଷ୍ପତ୍ତିକୁ ଚୂଡ଼ାନ୍ତ ବୋଲି ଗ୍ରହଣ କରାଯାଏ । ଗ୍ରାମର କୌଣସି ବ୍ୟକ୍ତି ତାଙ୍କୁ ବେଖାତିର କିମ୍ବା ଅପମାନିତ ହେଲା ପରି ଅପଶବ୍ଦ ବ୍ୟବହାର କଲେ ଗ୍ରାମର ନିୟମ ଅନୁସାରେ ସେହି ବ୍ୟକ୍ତିକୁ ଦଣ୍ଡିତ କରିବାର କ୍ଷମତା ମାଝୀଙ୍କର ରହିଛି । ଗ୍ରାମରେ ରହୁଥିବା ଗ୍ରାମବାସୀଙ୍କର ସମସ୍ତ ସୁଖ ଦୁଃଖକୁ ଗୃହସ୍ୱାମୀମାନେ ପ୍ରଥମେ 'ମାଝୀ'ଙ୍କଠାରେ ହିଁ ଜଣାଇଥାନ୍ତି । ତା'ପରେ ବ୍ୟବସ୍ଥା ମୁତାବକ ଗ୍ରାମରେ ଏକ ବୈଠକ ବସି ସର୍ବସମ୍ମତିରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ । ସେହିପରି ଗ୍ରାମରେ ହେଉଥିବା ସାମାଜିକ ପ୍ରଥାନୁସାରେ ପୂଜାପାଠ, ଜନ୍ମମୃତ୍ୟୁ, ବିବାହ, ବିଚାର ଆଦି ତାଙ୍କ ପୌରୋହିତ୍ୟରେ ସମାପନ କରାଯାଏ । ମାଝୀଙ୍କୁ ସହଯୋଗ କରିବା ପାଇଁ ପାରାନିକ୍, ଜଗପାରାନିକ୍, ଗଡ଼େତ୍, ଜଗମାଝୀ ଆଦିର ବ୍ୟବସ୍ଥା ରଖାଯାଇଛି ।

ସାନ୍ତାଳ ସମାଜରେ ମାଝୀର ସ୍ଥାନ ସ୍ୱତନ୍ତ୍ର । ଜୀବିତାବସ୍ଥାରେ ସେ ସମାଜ ପାଇଁ ଅନେକ ମାଙ୍ଗଳିକ କାର୍ଯ୍ୟ ସମ୍ପାଦନ କରୁଥିବାରୁ ତାଙ୍କର ମୃତ୍ୟୁ ପରେ 'ମାଝୀଥାନ'ରେ ସେ ପୂଜା ପାଆନ୍ତି। ସାମାଜିକ ବ୍ୟବସ୍ଥାନୁସାରେ ମାଝୀଙ୍କୁ ସାହାଯ୍ୟ ଏବଂ ସହଯୋଗ କରିବା ପାଇଁ 'ପାରାନିକ୍'ଙ୍କୁ ନିଯୁକ୍ତି କରାଯାଏ । ତାଙ୍କର ଅନୁପସ୍ଥିତିରେ ପାରାନିକ୍ ଗ୍ରାମର କାର୍ଯ୍ୟ ସଫଳତା ସହକାରେ ତୁଲାଇଥାନ୍ତି । ଏହା ସହିତ ଗ୍ରାମରେ ହେଉଥିବା ଯେ କୌଣସି କର୍ମରେ କିମ୍ବା ଉତ୍ସବରେ ଜଣେ ମାନନୀୟା ସଦସ୍ୟ ଭାବରେ ସେ ଉପସ୍ଥିତ ରୁହନ୍ତି ।

ସେହିପରି ମାଝୀ ଏବଂ ପାରାନିକ୍‌ଙ୍କର ସହାୟକ ହେଉଛି 'ଜଗମାଝୀ' । ଉଭୟଙ୍କ ମଧ୍ୟରେ ସେ ଯୋଗସୂତ୍ର ରକ୍ଷାକରି କାର୍ଯ୍ୟ ନିର୍ବାହ କରିଥାନ୍ତି । ତାଙ୍କର ପ୍ରଧାନ ଦାୟିତ୍ୱ ହେଲା ନୃତ୍ୟରତ ଯୁବକ ଯୁବତୀମାନଙ୍କୁ ଜଗିବା । ତାଙ୍କର ବିନା ଅନୁମତିରେ ଗ୍ରାମର ଯୁବକଯୁବତୀ ଅନ୍ୟଗ୍ରାମକୁ ନୃତ୍ୟ କରିବାକୁ ଯାଇପାରନ୍ତି ନାହିଁ । ମାଝୀ ଏବଂ ପାରାନିକ୍‌ଙ୍କ ଆଦେଶ ଏବଂ ନିର୍ଦ୍ଦେଶ ମୁତାବକ ସେ ଗ୍ରାମର ଜନ୍ମମୃତ୍ୟୁ, ବିବାହ, ପୂଜାପାଠ, ଆନନ୍ଦ ମହୋତ୍ସବ ଆଦି କାର୍ଯ୍ୟକୁ ପ୍ରତ୍ୟକ୍ଷ ଭାବରେ ତଦାରଖ କରିଥାନ୍ତି । ଏହିପରି ମାଝୀ, ଜଗମାଝୀ ଏବଂ ପାରାନିକ୍‌ର ସହାୟକ ହେଉଛନ୍ତି 'ଗଡ଼େତ' । ଗ୍ରାମ ଅର୍ଥ ବ୍ୟବସ୍ଥାର ଜଣେ ହିସାବ ରକ୍ଷକ । ଗ୍ରାମରେ ଆୟୋଜିତ ସାମାଜିକ ପ୍ରଥାନୁସାରେ ହେଉଥିବା ବିଭିନ୍ନ ପୂଜାପାର୍ବଣ, ବିବାହ, ଉତ୍ସବ ଆଦିର ହିସାବ-କିତାବ ସେ ରଖନ୍ତି । ଏହା ସହିତ ମାଝୀ-ଜଗମାଝୀ-ପାରାନିକ୍‌ଙ୍କ ଆଦେଶକୁ ପାଳନ କରି ସେ ପ୍ରତି ଘରକୁ ଘର ଯାଇ ସନ୍ଦେଶ ପହଞ୍ଚାଇଥାଏ । ଗ୍ରାମର ସାମୂହିକ କାର୍ଯ୍ୟ ହେଉ କିମ୍ବା ବିଚାର-ବିମର୍ଶ ପାଇଁ ହେଉ ସେ ଗ୍ରାମବାସୀଙ୍କୁ ଏକତ୍ର କରାଏ । ପୂଜା ସମୟରେ ଆବଶ୍ୟକ ହେଉଥିବା ପୂଜା ସାମଗ୍ରୀ କିଣାକିଣି କରିବା ପାଇଁ ପ୍ରତିଘରୁ ଚାଉଳ, ଟଙ୍କା, କୁକୁଡ଼ା ଆଦି ସଂଗ୍ରହ କରିଥାଏ । ତେବେ ଗ୍ରାମରେ ପୂଜାପାଠ କରିବା ପାଇଁ 'ନାଏକେ' (ପୁରୋହିତ) ଏବଂ 'ଉପନାଏକେ' (ଉପ-ପୁରୋହିତ) ଚୟନ ହୋଇଥାଏ ।

ସାନ୍ତାଳ ସମାଜରେ ନାଏକେ ହେଉଛନ୍ତି ଗ୍ରାମର ପୁରୋହିତ । ପୂଜାପାଠ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ । ଅନେକ ନୀତି ନିୟମ ମାନି ଚଳିବାକୁ ପଡ଼ିଥାଏ । ସେ କାହାରି ଘରେ ଖାଆନ୍ତି ନାହିଁ । ଗ୍ରାମରେ କେହି ମରିଗଲେ ଶବ ନ ଉଠିବା ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଶବସତ୍କାର ହେଲା ପରେ ତାଙ୍କ ଘରେ ରନ୍ଧା ହୁଏ । ଜାହିରା (ସାନ୍ତାଳମାନଙ୍କର ଧର୍ମପୀଠ) ରେ ପୂଜା କରିବାର ଥିଲେ ସେ ପୂର୍ବରାତିରେ ଖଟରେ ନ ଶୋଇ ତଳେ ଧଳା ଗାମୁଛା ପକାଇ ଶୋଇଥାନ୍ତି । ଏହା ବ୍ୟତିତ, କୌଣସି କାରଣବଶତଃ ଅନ୍ୟ ଗ୍ରାମକୁ ଗଲେ, ପୁଣି ସେଠାରୁ ସେ ଗାଁକୁ ଫେର ଆସିଲା ପରେ ଗାଧୋଇଥାନ୍ତି । ତା'ପରେ ସେ ନିଜଘରକୁ ପ୍ରବେଶ କରିଥାନ୍ତି । ତେଣୁ ସମସ୍ତ ଗ୍ରାମବାସୀଙ୍କର ମଙ୍ଗଳ କାର୍ଯ୍ୟ ପାଇଁ ପୁରୋହିତଙ୍କୁ ଏଭଳି କଟକଣା ଭିତରେ ରହିବାକୁ ପଡ଼ିଥାଏ । ସେହିପରି ଉପ-ନାଏକେ (ଉପ-ପୁରୋହିତ)ଙ୍କ ଗ୍ରାମ ପୂଜାପାଠ କରିବାରେ ଯଥେଷ୍ଟ ଭୂମିକା ରହିଛି ।

ଏହାକୁ କୁଡ଼ାମ-ନାଏକେ ମଧ୍ୟ କୁହାଯାଏ । ପୁରୋହିତ ଗ୍ରାମରେ ଦେବାଦେବୀଙ୍କୁ ଉପାସନା କରୁଥିବାବେଳେ ଉପ-ପୁରୋହିତ କେବଳ 'ସୀମାସାଳେ' ଅର୍ଥାତ୍ ଗ୍ରାମସୀମା-ବାହାରେ ଥିବା ଦେବାଦେବୀଙ୍କୁ ପୂଜା କରିଥାନ୍ତି । ଏହି ପଦବୀ ପାଇଁ କେବଳ ଜଙ୍ଘର ରକ୍ତକୁ ଦାନ କରିପାରୁଥିବା ବ୍ୟକ୍ତିମାନେ ହିଁ ହୁଅନ୍ତି ବୋଲି ସାନ୍ତାଳ ସମାଜର ବିଜ୍ଞବ୍ୟକ୍ତିମାନେ ମତ ଦିଅନ୍ତି । ଏହିମାନେ ହେଲେ ସାନ୍ତାଳ ସମାଜର ମାନ୍ୟଗଣ ବ୍ୟକ୍ତି, ଏମାନଙ୍କୁ ବର୍ଷକ ପାଇଁ ସାନ୍ତାଳ ନବବର୍ଷ ମାଘ ମାସରେ ଗ୍ରାମବାସୀମାନେ ନିର୍ବାଚିତ କରିଥାନ୍ତି । ବିନା ବେତନରେ କୌଣସି ଦ୍ୱିଧା ପ୍ରକାଶ ନକରି ସେମାନେ ସମସ୍ତ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିଥାନ୍ତି । ସେମାନଙ୍କ ପ୍ରତିନିଧିତ୍ୱ ଏବଂ ଗ୍ରାମବାସୀଙ୍କ ସହଯୋଗରେ ସାନ୍ତାଳ ସମାଜ ଶାନ୍ତିଶୃଙ୍ଖଳାରେ ପରିଚାଳିତ ହୁଏ । ଏହି କ୍ରମରେ ସାନ୍ତାଳ ସମାଜର ବିଚାର ପଦ୍ଧତିକୁ ଆଲୋଚନା କରାଯାଉଛି ।

ମାଝୀମାପାଞ୍ଜୀ ହେଉଛନ୍ତି ସାନ୍ତାଳ ସଂସ୍କୃତିର ରକ୍ଷକ ଏବଂ କବଚ । 'ନିଜର ସଂସ୍କୃତି, ନିଜ ପରିଚୟ' ସ୍ଲୋଗାନ ଦେଇ ପ୍ରତ୍ୟେକ ଗ୍ରାମରେ ବିଭିନ୍ନ ପ୍ରକାର ନାଚ-ଗୀତର ଆୟୋଜନ ହୁଏ । ଭବିଷ୍ୟତକୁ ଆଖି ଆଗରେ ରଖି ନିଜର ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଅନେକ ସଂଗଠନ ଆଗେଇ ଆସିଛନ୍ତି । ଏହା ସହିତ ଲୋକମାନଙ୍କୁ ନ୍ୟାୟ ଦେବା ପାଇଁ ବ୍ୟବସ୍ଥାନୁସାରେ ପ୍ରତିଗ୍ରାମରେ ଗ୍ରାମମୁଖ୍ୟ ମାଝୀ ତାଲିକା ଭୁକ୍ତ କରି ପଞ୍ଚାୟତ ସ୍ତରରେ 'ପିଲ୍-ପାର୍ଗାନା', ବ୍ଲକସ୍ତରରେ 'ମୁଲୁକ୍-ପାର୍ଗାନା', ଜିଲ୍ଲାସ୍ତରରେ 'ତଲାଟ୍-ପାର୍ଗାନା', ରାଜ୍ୟସ୍ତରରେ 'ପନତ୍-ପାର୍ଗାନା' ଏବଂ ଦେଶସ୍ତରରେ 'ଦିଶମ୍-ପାର୍ଗାନା' ନିଯୁକ୍ତ ହୋଇଥାନ୍ତି । କୌଣସି ପ୍ରକାରର ବାଦ-ବିବାଦରେ ବ୍ୟୟବହୁଳ କୋର୍ଟକଚେରୀ ଭିତରକୁ ନ ଯାଇ ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବା ଉପରେ ସେମାନେ ଉଦ୍ୟମ କରିଥାନ୍ତି । ଏହା ବ୍ୟତୀତ, ସମାଜରେ ପ୍ରଚଳିତ କୁସଂସ୍କାର, ଅନ୍ଧବିଶ୍ୱାସକୁ କିଭଳି ମୁକ୍ତି ମିଳିପାରିବ, ସେ ନେଇ ମଧ୍ୟ ଏସବୁ ସଂଗଠନ କାର୍ଯ୍ୟ କରୁଛି । ସାଧାରଣତଃ ପରିବାର ମଧ୍ୟରେ ଘଟୁଥିବା ଛୋଟ ଛୋଟ ସମସ୍ୟା କିମ୍ବା ସାମାଜିକ ବାଦବିବାଦକୁ ଏହାରି ମାଧ୍ୟମରେ ସାମାଧାନ କରାଯାଇଥାଏ । ଏପରି ସମାଜର ନୀତିନିୟମକୁ ମାନିବା ପାଇଁ ଏବଂ ଏଥିରୁ ବିଚ୍ୟୁତି ନ ହେବା ପାଇଁ ନିୟମିତ ଭାବେ ଗାଁ-ଗଣ୍ଡାରେ ସଭାସମିତିର ଆୟୋଜନ କରାଯାଉଛି ।

ଏଥିପାଇଁ ଆୟୋଜକମାନେ ପ୍ରତିଘରୁ ଡାଲି, ଚାଉଳ ସହିତ କିଛି ଅର୍ଥ ସଂଗ୍ରହକରି ସଭାରେ ଯୋଗ ଦେବା ପାଇଁ ସେମାନଙ୍କୁ ଆମନ୍ତ୍ରଣ କରିଥାନ୍ତିଏବଂସେମାନଙ୍କ ପାଇଁ ପ୍ରୀତିଭୋଜନର ବ୍ୟବସ୍ଥା ମଧ୍ୟ ହୁଏ । ତେଣୁ ଏସବୁ ସୁରକ୍ଷିତ କରିବା ଦାୟିତ୍ୱ କେବଳ ମାନୁଥିବା ଲୋକମାନଙ୍କର ତାହା ଭାବିବା ଅନୁଚିତ, ବରଂ ଆମ ସମସ୍ତଙ୍କର ଦ୍ୱାୟିତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ ।

**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ-୯୩୩୭୪୦୪୨୫୪**

## ସଂକୀର୍ତ୍ତନର ମହିମା...

**ମନୋଜ କୁମାର ବେହେରା**

'ନାମସଂକୀର୍ତ୍ତନଂ ଯସ୍ୟସର୍ବ ପାପପ୍ରଣାଶନଂ । ପ୍ରଣାମେ ଦୁଃଖଶମନସ୍ତଂ ନମାମିହରିଂ ପରମ' । ଯାହାର ନାମରେ ସଂକୀର୍ତ୍ତନ ସଂପୂର୍ଣ୍ଣ ପାପର ନାଶ କରିଦେବ,ଯାହାକୁ କରାଯାଉଥିବା ପ୍ରଣାମ ସମ୍ପୂର୍ଣ୍ଣ ଦୁଃଖକୁ ଶାନ୍ତ କରି ଦେଇଥାଏ, ସେହି ପରତତ୍ତ୍ୱ-ସ୍ୱରୂପ ଶ୍ରୀହରିଙ୍କୁ ମୁଁ ନମସ୍କାର କରୁଛି । ଏହି କଳିଯୁଗରେ ଭଗବାନଙ୍କ ନାମର ସବୁଠୁ ଅଧିକ ମହିମା ଅଛି । ଭଗବାନଙ୍କ ନାମହିଁ କଲ୍ୟାଣ ସୁଗମ ଆଉ ସର୍ବୋପରି ସାଧନ ଅଟେ । ଭଗବାନଙ୍କ ନାମର ଗୋଟିଏ ମାନସିକ ଜପ ହୋଇଥାଏ, ଗୋଟିଏ ଉପାଂଶୁ ଆଉ ଗୋଟିଏ ସାଧାରଣ ଜପ ହୋଇଥାଏ, ତାହା ଗୋଟିଏ ସଂକୀର୍ତ୍ତନ ହୋଇଥାଏ ।

ମାନସିକ ଜପ ହେଲା ଯାହାର ମନରେ ହିଁ ନାମର ଜପ-ଚିନ୍ତନ ହେଉଥିବ, ଯେଉଁଥିରେ କଣ୍ଠ,ଜିହ୍ୱା ଆଉ ଓଠ ହଲୁ ନଥିବ । ଉପାଂଶୁ ଜପ ହେଲା ଯେଉଁଥିରେ ମୁଖ ବନ୍ଦ ରଖିକରି କଣ୍ଠ ଆମ ଜିହ୍ୱାରେ ଜପ କରାଯାଏ ତଥା ଯିଏ ନିଜର କାନକୁ ଶୁଣିବାକୁ ଦିଏନି । ସାଧାରଣ ଜପ ହେଲା ଯେଉଁଥିରେ ନିଜର କାନକୁ ଶୁଣା ଯାଉଥିବା ଆଉ ଅନ୍ୟମାନଙ୍କୁ ମଧ୍ୟ ଶୁଭୁଥିବ ତାହା ସଂକୀର୍ତ୍ତନ ହୋଇଥାଏ । ଭଗବାନଙ୍କ ନାମ ବ୍ୟତୀତ ତାଙ୍କର ଲୀଳା,ଗୁଣ,ପ୍ରଭାବ ଆଦିର କୀର୍ତ୍ତନ ହୋଇଥାଏ କିନ୍ତୁ ଏ ସବୁରେ ନାମ-କୀର୍ତ୍ତନ ବହୁତ ସୁଗମ ଆଉ ଶ୍ରେଷ୍ଠ ଅଟେ ।

ଶବ୍ଦରେ ଆଲୌକିକ ଶକ୍ତି ଥାଏ । ଯେତେବେଳେ ମନୁଷ୍ୟ ଶୋଇଥାଏ, ସେତେବେଳେ ତା'ର ଇନ୍ଦ୍ରିୟ ମନରେ, ବୁଦ୍ଧିରେ ଆଉ ବୁଦ୍ଧି ଅବିଦ୍ୟାରେ ଲୀନ ହୋଇଯାଏ । କିନ୍ତୁ ଯେତେବେଳେ ଶୋଇଥିବା ଅବସ୍ଥାରେ ମନୁଷ୍ୟର ନାମ ନେଇକରି ଡକାଯାଏ, ସେତେବେଳେ ସେ ଉଠି ପଡେ । ତଥାପି ଅନ୍ୟ ଶବ୍ଦର ମଧ୍ୟ ତା'ଉପରେ ପ୍ରଭାବ ପଡିଥାଏ, ତା'ର ନିଦ ଖୋଲିଯାଏ ଆଉ ତଥାପି ଅନେକ ନାମ ତା'ଉପରେ ଅଧିକ ପ୍ରଭାବ ପକେଇଥାଏ । ଏହି ପ୍ରକାର ଶବ୍ଦରେ ଏତେ ଶକ୍ତି ଥାଏ କି ସେ ଅବିଦ୍ୟା ଲୀନ ହୋଇ ବ୍ରେନିନ୍ଦ୍ରିୟରୁ ଜାଗ୍ରତ କରିକି ମନୁଷ୍ୟକୁ ଉଠେଇ ଦେଇଥାଏ । ଏମିତିହିଁ ଭଗବାନ ନାମ-ସଂକୀର୍ତ୍ତନରୁ ଜନ୍ମ-ଜନ୍ମାନ୍ତରରୁ ଅଜ୍ଞାନ-ନିଦ୍ରାରେ ଶୋଇଥିବା ମନୁଷ୍ୟ ମଧ୍ୟ ଉଠିଯାଏ ।

ଏତିକି ନୁହେଁ ନାମ-ସଂକୀର୍ତ୍ତନର ପ୍ରଭାବ ସବୁଜାଗାରେ ବିରାଜମାନ । ଭଗବାନ ମଧ୍ୟ ପ୍ରକଟ ହୋଇଯାଆନ୍ତି । ଭଗବାନ ଆଦି ପୁରାଣରେ କୁହାଯାଇଛି କି ନାରଦ ! ନା ବୈକୁଣ୍ଠରେ ନିବାସ କରନ୍ତି ଆଉ ନା ଯୋଗୀଙ୍କ ହୃଦୟରେ । ଅପିତୁ ଯେଉଁଠି ମୋର କୀର୍ତ୍ତନ କରିଥାନ୍ତି, ମୁଁ ସେଠାରେ ରହିଥାଏ । ନାମ-ସଂକୀର୍ତ୍ତନର ପ୍ରଭାବ ବୃକ୍ଷ, ଲତା ଆଦି ସ୍ଥାବର ଆଉ ମନୁଷ୍ୟ, ପଶୁ, ପକ୍ଷୀ ଆଦି ପ୍ରାଣୀଙ୍କ ଉପରେ ପଡିଥାଏ ।

ନିର୍ଜୀବ ପଥର, କାଷ୍ଠ, ମାଟି, ଗୃହ ଆଦି ଉପରେ ଏହାର ପ୍ରଭାବ ମଧ୍ୟ ପଡିଥାଏ । ଯେଉଁଠି ନାମ ଜପ, ଧ୍ୟାନ, କଥା, ସତସଙ୍ଗ ଆଦି ଭଗବତ୍‌ସମ୍ବନ୍ଧୀ କଥା ହେଉଥିବ ଅଥବା ପ୍ରଥମରୁ ହୋଇ ସାରିଥିବ,ସେଠାକୁ ଗଲେ ଶାନ୍ତି ମିଳିଥାଏ । ପାପର ନାଶ ହୋଇଥାଏ,ପବିତ୍ରତା ଆସିଥାଏ,ଜୀବନ ଉପରେ ସ୍ୱାଭାବିକ ଗୋଟିଏ ବିଲକ୍ଷଣ ପ୍ରଭାବ ପଡିଥାଏ, କିନ୍ତୁ ଏହାର ଅପେକ୍ଷା ମଧ୍ୟ କୀର୍ତ୍ତନ ପ୍ରେମୀଙ୍କ ଉପରେ ନାମ-ସଂକୀର୍ତ୍ତନର ବିଶେଷ ପ୍ରଭାବ ପଡିଥାଏ । ନାମ-ସଂକୀର୍ତ୍ତନରେ ସଂକୀର୍ତ୍ତନ ଶୁଣିବାବାଲା ଆଉ ଦେଖିବାବାଲା ଦୁହିଁଙ୍କ ଉପରେହିଁ ସଂକୀର୍ତ୍ତନର ପ୍ରଭାବ ପଡିଥାଏ ।

ଭଗବାନଙ୍କ ଦର୍ଶନରେ ଯେମିତି ପ୍ରଭାବ ପଡିଥାଏ,ସେମିତିହିଁ ପ୍ରତ୍ୟକ୍ଷ ପ୍ରଭାବ କୀର୍ତ୍ତନ ପ୍ରେମୀଭକ୍ତଙ୍କ ଉପରେ ପଡିଥାଏ । ସଂକୀର୍ତ୍ତନରେ ଭଗବାନ ଆନନ୍ଦ ରୂପରେ, ପ୍ରେମରୂପରେ ପ୍ରକଟ ହୋଇଥାନ୍ତି । ସେଥିରେ ପ୍ରତ୍ୟକ୍ଷ ଗୋଟିଏ ରସ ଆସିଥାଏ, ଯାହାର ଅନୁଭବ କୀର୍ତ୍ତନ କରିବାବାଲା କରିଥାନ୍ତି ।

**ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨ ମୋ-୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ସେବା ବିଭାଗୀୟ ପୋଲିସ ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଆର.କେ. ଶର୍ମା ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପରେପରେ ଜିଲ୍ଲାପାଳମାନଙ୍କ ସହ ଆଭାସୀ ଯୋଗେ ଅନୁଷ୍ଠିତ ଅନ୍ୟ ଏକ ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଲେ ଯେ ଓଡ଼ିଶାରେ ୧୨ଟି ଜିଲ୍ଲାରେ ଏହି ପ୍ରସ୍ତୁତି ରିହର୍ସାଲ କରାଯିବ । ଏହି ଜିଲ୍ଲାଗୁଡ଼ିକ ହେଲା:– ଅନୁଗୁଳ(ତାଳଚେର), ଖୋର୍ଦ୍ଧା(ଭୁବନେଶ୍ୱର), ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଜଗତସିଂହପୁର(ପାରାଦୀପ), ଢେଙ୍କାନାଳ, ପୁରୀ, କୋରାପୁଟ, ସୁନ୍ଦରଗଡ଼(ରାଉରକେଲା) । ଏହି ପ୍ରସ୍ତୁତି କାଲିଠାରୁ ଆରମ୍ଭ ହୋଇ ଆଗାମୀ ସପ୍ତାହ ମଧ୍ୟରେ ସରିବ । କାଲିର ପ୍ରସ୍ତୁତି ନିର୍ଦ୍ଦିଷ୍ଟ ସହରାଞ୍ଚଳରେ ଓ ଉପକୂଳ ଅଞ୍ଚଳରେ କରାଯିବ ।

ଶତ୍ରୁ ବିମାନ ଆକ୍ରମଣ କଲେ ସାଇରନ୍ ବଜେଇ ଲୋକଙ୍କୁ ସତର୍କ କରାଯିବ । ସାଇରନ୍ ଲମ୍ବା ବାଜିବ । କାଲି ୪ଟା ବେଳେ ସାଇରନ୍ ବାଜିବ । ସାଇରନ୍ ବାଜିଲା ପରେ ଜନ ସାଧାରଣ କଂକ୍ରିଟ ଛାତଥିବା ଘର ଭିତରକୁ ଚାଲିଯିବେ । କାଲି ଦିନବେଳେ ପରୀକ୍ଷା କରାଯାଉଛି । ତେଣୁ ଅନ୍ଧକାର କରିବା ଆବଶ୍ୟକ ପଡ଼ିବ ନାହିଁ । ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ବସ୍ତି ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀ ନିର୍ଦ୍ଧାରିତ କରିବାକୁ କୁହାଯାଇଛି । ଥରେ ଆକ୍ରମଣର ପ୍ରଭାବ ସରିଲେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ପୁଣି ଲମ୍ବା ସାଇରନ୍‌ଦେବେ । ଯାହା ସୂଚିତ କରିବ ଯେ ଶତ୍ରୁ ବିମାନ ଫେରିଗଲା । ଏହାପରେ ବେସାମରିକ ପ୍ରତିରକ୍ଷା, ଏନସିସି, ଏନଏସଏସ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନା ନେବାର ବନ୍ଦୋବସ୍ତ କରିବେ ଛମକ୍ ଡ୍ରିଲର ଏହା ଅଂଶବିଶେଷ ।

କାଲି ସୁଦ୍ଧା ରାଜ୍ୟ ସ୍ତରରେ ଓ ଜିଲ୍ଲା ସ୍ତରରେ ନିୟନ୍ତ୍ରଣ କକ୍ଷମାନ କରାଯିବ । ସମସ୍ତେ ଜାଣିବା ଉଚିତ୍ ଯେ ଜେନେଭା ଚୁକ୍ତି ଅନୁସାରେ ବେସାମରିକ ପ୍ରତିରକ୍ଷା ଓ ରେଡ଼କ୍ରସ ସଂସ୍ଥା ଯୁଦ୍ଧରେ ଅଂଶୀଦାର ନୁହଁନ୍ତି । ସେମାନଙ୍କ ଉପରେ କୌଣସି ଆକ୍ରମଣ କରାଯାଇ ପାରିବ ନାହିଁ । ଜିଲ୍ଲା ମାଜିଷ୍ଟ୍ରେଟ୍ମାନେ ବେସାମରିକ ପ୍ରତିରକ୍ଷାର ନିୟନ୍ତ୍ରକ ଭାବେ କାମ କରନ୍ତି । ତେଣୁ ଜନସାଧାରଣଙ୍କ ପାଇଁ ସବୁ ସେବା ବେସାମରିକ ପ୍ରତିରକ୍ଷା ସଂସ୍ଥା ଅଧୀନରେ ଚାଲିବ । ସେମାନେ ବିଭିନ୍ନ ସେବା ଯଥା ଖାଦ୍ୟ, ଜଳଯୋଗାଣ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ଇତ୍ୟାଦି ସବୁ ବେସାମରିକ ପ୍ରତିରକ୍ଷା ସଂସ୍ଥା ପକ୍ଷରୁ ସଂଯୋଜନା କରାଯିବ । ଜିଲ୍ଲା ମାଜିଷ୍ଟ୍ରେଟ୍ମାନେ ବିଭିନ୍ନ ସେବାର ମୁଖ୍ୟଙ୍କୁ ଏଥିପାଇଁ ବେସାମରିକ ପ୍ରତିରକ୍ଷା ୱାର୍ଡେନ ଭାବରେ ନିଯୁକ୍ତି ଦେବେ ।

ସାଧାରଣ ଲୋକ ଓ ବେସାମରିକ ସେବାର ସୁରକ୍ଷା କରିବା ହେଉଛି ମୂଳ ଲକ୍ଷ୍ୟ । ଏଥିପାଇଁ କାଲିଠାରୁ ପ୍ରସ୍ତୁତି ଆରମ୍ଭ ହେବ । ଏହି ଅଭ୍ୟାସର ଆୟୋଜନ ଗ୍ରାମ ସ୍ତର ପର୍ଯ୍ୟନ୍ତ ଯୋଜନା କରାଯାଇଛି । ଏହି ଅଭ୍ୟାସର ଲକ୍ଷ୍ୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ନାଗରିକ ପ୍ରତିରକ୍ଷା ବ୍ୟବସ୍ଥାର ପ୍ରସ୍ତୁତି ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବା । ପୂରା ପ୍ରସ୍ତୁତି ଗ୍ରାମାଞ୍ଚଳ ଯାଏଁ ଯିବା ପାଇଁ ପ୍ରାୟ ସପ୍ତାହେ ଲାଗିବ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଜିଲ୍ଲାପାଳମାନଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହିତ ସମନ୍ୱୟ ରକ୍ଷା କରି ନାଗରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର, ୧୨ଟି ଜିଲ୍ଲାର ଜିଲ୍ଲାପାଳ, ଏସ. ପି ଓ ଜିଲ୍ଲା ଆପାତକାଳୀନ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସ୍ତରରେ ଆବଶ୍ୟକ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଭୟଭୀତ...

୧୫ ମିନିଟ୍ ପରେ ଆଉ ଏକ ସାଇରନ୍ ବାଜିବ । ଦ୍ୱିତୀୟ ଥର ସାଇରନ୍ ଶୁଣିବା ପରେ ଲୋକ ଘରୁ ବାହାରିବେ । ମକ୍‌ଡ୍ରିଲ୍ କ'ଣ ସେନେଇ ଲୋକଙ୍କୁ ସଚେତନ କରାଯିବ । ଯୁଦ୍ଧ ପରିସ୍ଥିତି ହେଲେ ବୋମା ବର୍ଷଣ ହୁଏ । ତେବେ କିଭଳି ସୁରକ୍ଷିତ ରହିବେ ଏନେଇ ସଚେତନତା କରାଯିବ । ଓଡ଼ିଶାର ୧୨ ଜିଲ୍ଲାକୁ ଏଥିରେ ସାମିଲ କରାଯାଇଛି । ତେବେ ମକ୍‌ଡ୍ରିଲ୍‌ର ଉଦ୍ଦେଶ୍ୟ ସମ୍ପର୍କରେ କୁହାଯାଇଛି ଯେ ବେସାମରିକ ସୁରକ୍ଷାକୁ ବିଚାର କରି ଜାତୀୟ ପ୍ରତିରକ୍ଷା ନୀତିର ଏହା ଏକ ଅଂଶ ବିଶେଷ । ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ ଅଫିସ ଓ ଅନ୍ୟ ପ୍ରତିଷ୍ଠାନଗୁଡ଼ିକ କାର୍ଯ୍ୟକ୍ଷମ ରହିବ ବୋଲି ଆଶା କରାଯାଉଛି । ଏହା ଏକ ଦୈନନ୍ଦିନ ରୁଟିନ୍ କାର୍ଯ୍ୟ । ଯେଉଁଠାରେ ମକ୍‌ଡ୍ରିଲ୍ କରାଯିବ ସେଠାରେ ସ୍ଥାନୀୟ ଲୋକ ଓ ଛାତ୍ରମାନଙ୍କୁ ସାମିଲ କରାଯିବ । ଯଦି ବିଦ୍ୟୁତ୍ ବ୍ୟବସ୍ଥା ବିଚ୍ଛିନ୍ନ ହୁଏ ତେବେ କ'ଣ କରାଯିବ ସେଥିରେ ସଚେତନତା କରାଯିବ । ମକ୍‌ଡ୍ରିଲ୍‌ରେ ପ୍ରତିରକ୍ଷା ସ୍ୱେଚ୍ଛାସେବୀ, ଗୃହରକ୍ଷୀ, ଏନ୍‌ସିସି କ୍ୟାଡର, ଏନ୍‌ଏସ୍‌ଏସ୍ କର୍ମୀ, ସ୍ଥାନୀୟ ପୋଲିସ ଓ ଛାତ୍ରଙ୍କୁ ସାମିଲ କରାଯିବ । ମୋବାଇଲ ଓ ଇଣ୍ଟରନେଟ୍ ସେବା ଯେଭଳି କ୍ଷତିଗ୍ରସ୍ତ ନହୁଏ ତାହା ଉପରେ ମଧ୍ୟ ଦୃଷ୍ଟି ରଖାଯିବ ।

## ଧାର୍ମିକଭାବନା...

ମନ୍ଦିରରେ ଏହି ନାମ ବ୍ୟବହାର କରିବା ଲକ୍ଷାଧିକ ଜଗନ୍ନାଥ ଭକ୍ତ, ଓଡ଼ିଶା ଜନତାଙ୍କ ଭାବନାକୁ କୁଠାରଘାତ କରିଛି । ଏହା କେବଳ ଓଡ଼ିଶାର ଲୋକ ନୁହେଁ ବିଶ୍ୱ ଓ ଭାରତର ଲକ୍ଷାଧିକ ଭକ୍ତଙ୍କର ବିଶ୍ୱାସ । ତେବେ ଜଗନ୍ନାଥ ଧାମର ପରିଚୟ ହେଉଛି ପୁରୀ । ଏହାଛଡ଼ା ଅନ୍ୟ କୌଣସି ସ୍ଥାନରେ ମନ୍ଦିର ପ୍ରତିଷ୍ଠା କିମ୍ବା କୌଣସି ସ୍ଥାନକୁ ଜଗନ୍ନାଥ ଧାମ କରାଗଲେ ତାହା ଲକ୍ଷାଧିକ ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀଙ୍କ ଭାବପ୍ରବଣତାକୁ ଆଘାତ ଦେଇଛି । ପ୍ରଭୁ ଜଗନ୍ନାଥ ହେଉଛନ୍ତି ସବୁ ଧର୍ମର ଊର୍ଦ୍ଧ୍ୱରେ । ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ଭାବେ ଲେଖା ଯିବା ଭକ୍ତମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ଏହା ପୁରୀର ଐତିହାସିକ ପରିଚୟକୁ କ୍ଷୁର୍ଣ୍ଣ କରିବା ସହ ଓଡ଼ିଶାର ଧାର୍ମିକ ଭାବପ୍ରବଣତାକୁ ଆଘାତ ଦେଇଛି । ମୁଁ ପଶ୍ଚିମବଙ୍ଗ ସରକାରଙ୍କୁ ଅନୁରୋଧ କରୁଛି ଯେ ଜଗନ୍ନାଥ ଧାମ ନାମକରଣର ପୁନର୍ବିଚାର କରାଯାଉ । ଦୀଘାରେ ଯେଉଁ ମନ୍ଦିର ହୋଇଛି ତାକୁ ସରକାରୀ ଭାବେ ଜଗନ୍ନାଥ ଧାମ ଭାବେ ଚିତ୍ରଣ କରାନଯାଉ । ମୁଁ ଆଶା ରଖୁଛି ଯେ ପଶ୍ଚିମବଙ୍ଗ ସରକାର ଏଥିପ୍ରତି ଦୃଷ୍ଟି ଦେବେ ।

## ଏବର୍ଷ...

୨ଦିନ ମଧ୍ୟରେ ପୂର୍ବ ଭାରତରେ ୩ରୁ ୫ଡ଼ିଗ୍ରୀ ଯାଏଁ ବଢ଼ିବ ତାତି । ୮ତାରିଖରୁ ପୂରା ଭାରତକୁ ଏବଂ ୯ରୁ ଓଡ଼ିଶାର କିଛି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି । ମଙ୍ଗଳବାର ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି । ବିଭିନ୍ନ ସ୍ଥାନରେ ୧ରୁ ୨ ଡିଗ୍ରୀ ବଢ଼ିଛି । ଉପକୂଳବର୍ତ୍ତୀ ଜିଲ୍ଲାରେ ଆର୍ଦ୍ରତା ୫୦ ପ୍ରତିଶତରୁ ଅଧିକ ରହୁଥିବାରୁ ତାପମାତ୍ରା ୪୦ ଡିଗ୍ରୀ ଛୁଇଁନଥିଲେ ମଧ୍ୟ ୪୫ ଡିଗ୍ରୀର ତାତି ଅନୁଭୂତ ହୋଇଥିଲା । ୭ ତାରିଖରେ ମାଲାକାନଗିରି, କୋରାପୁଟ, ରାୟଗଡା, ଗଜପତି, ନବରଙ୍ଗପୁର ଆଦି ଜିଲ୍ଲାରେ ସ୍ୱଳ୍ପ ବର୍ଷା ହୋଇପାରେ। ବାକି ଜିଲ୍ଲାଗୁଡିକରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇପାରେ। ୮ ତାରିଖରୁ ତାତି ବୃଦ୍ଧି ପାଇବ। କେବଳ ତାତି ନୁହେଁ, ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ଗୁଳୁଗୁଳି ଅନୁଭୂତ ହୋଇପାରେ। ୮ ଓ ୯ତାରିଖ ଅର୍ଥାତ୍ ବୁଧବାର ଏବଂ ଗୁରୁବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଗରମ ଓ ଗୁଳୁଗୁଳି ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୦ତାରିଖରେ ଦକ୍ଷିଣ ଓଡିଶାର କିଛି ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଅଛି।

## ଜଗନ୍ନାଥଙ୍କର...

ପ୍ରସାରଣ ହୋଇଥିଲା । ହେଲେ ଆଜି ପୁଣି ମମତା ସରକାର ମନ୍ଦିର ଆଗରେ ଆଉ ଏକ ସ୍ଥାୟୀ 'ଜଗନ୍ନାଥ ଧାମ' ହୋର୍ଡିଂ ଲଗାଇଥିବା ଦେଖାଯାଇଛି । ଏହି ବିବାଦ ଭିତରେ ଜ୍ୟୋର୍ତି ମଠ ଶଙ୍କରାଚାର୍ଯ୍ୟ ମଧ୍ୟ ଦୀଘା ପାଇଁ 'ଧାମ' ଶବ୍ଦ ବ୍ୟବହାର କରାଯିବା ବିପକ୍ଷରେ ମତ ବାଢ଼ିଛନ୍ତି । ପ୍ରଭୁ ଜଗନ୍ନାଥଙ୍କର କେବଳ ଗୋଟିଏ 'ଧାମ' ଅଛି ଯାହା ପୁରୀରେ ଅଛି । ଏକ ଧାମ କେବଳ ଗୋଟିଏ ସ୍ଥାନରେ ରହିପାରିବ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି । ଗତକାଲି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ମଧ୍ୟ ଦୀଘା ମନ୍ଦିରକୁ ଧାମ କୁହାଯିବା ପ୍ରସଙ୍ଗରେ ଅସନ୍ତୋଷ ବ୍ୟକ୍ତ କରି ପୁରୀ କେବଳ ଜଗନ୍ନାଥ ଧାମ ବୋଲି କହିଥିଲେ ।

## ବାଣ...

ହଳଦୀଡିହ ବାଇପାସ୍‌ର ଶେଖ ଅକ୍ତରଙ୍କ ପୁଅ ଶେଖ ମୁସାରଫ୍(୧୨) ଓ ରହିତୁନ୍ ବିବି(୪୦) ୨ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୂଚନା ମୁତାବକ ଭଦ୍ରକ– ଚାନ୍ଦବାଲି ରାସ୍ତାର ହଳଦୀଡିହ ବାଇପାସ୍ ନିକଟରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏକ ବାଣ ତିଆରି ଗୋଦାମ ଚାଲିଥିଲା। ମଙ୍ଗଳବାର ଗୋଦାମରୁ ବିସ୍ଫୋରଣର ଭୟଙ୍କର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାକୁ ଯାଇ ବେଳକୁ ବାଣ ଗୋଦାମଟି ଜଳୁଥିବାର ଦେଖିବାକୁ ପାଇଥିଲେ। ଗୋଦାମରେ ବାଣ ଭିଡୁଥିବା ଲୋକଙ୍କ ମଧ୍ୟରୁ ଜଣେ ନାବାଳକ ଓ ୪ଜଣ ମହିଳା ଜଳିଯାଇ ଗୁରୁତର ହୋଇଥିଲେ। ଆହତ ମାନେ ହେଉଛନ୍ତି ୨ମୃତକଙ୍କ ସମେତ ହଳଦୀଡିହ ବାଇପାସ୍‌ର ସୁଲତାନା ବିବି(୪୦), ପଠାଣମହଲାର ଅଜିଫା ବିବି(୩୦), ଗରଦପୁର କାଜିବଜାରର କୁନୁ ଜେନାଙ୍କ ଝିଅ ରଶ୍ମିତା ଜେନା(୨୪) ବୋଲି ଜଣାପଡ଼ିଛି। ମେଡିକାଲରେ ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା,ସମ୍ବିତ ମାଝୀ, ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର, ପୁରୁଣାବଜାର ସବ୍‌ଇନ୍ସପେକ୍ଟର ଦୀପ୍ତିରେଖା ସ୍ୱାଇଁ ପ୍ରମୁଖ ପହଂଚି ଘଟଣାର ତଦନ୍ତ କରିବା ସହ ବିସ୍ଫୋରଣର କାରଣ ସମ୍ପର୍କରେ ପଚାରି ବୁଝିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ପୌରାଧ୍ୟକ୍ଷା ଗୁଲମକ୍ସୀ ହବିବ ପ୍ରମୁଖ ପହଞ୍ଚି ଆହତମାନଙ୍କ ଅବସ୍ଥା ପଚାରି ବୁଝିବା ସହ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ଦାବି କରିଥିଲେ।

ବାଣ ବିସ୍ଫୋରଣରେ ମୃତ୍ୟୁ ବରଣ କରିଥିବା ପରିବାରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମବେଦନା କରିବା ସହ ମୃତକ ପରିବାରର ନିକଟତମ ସମ୍ପର୍କୀୟଙ୍କୁ ୪ଲକ୍ଷ ଲେଖାଏଁ ଟଙ୍କା ସହାୟତା ଘୋଷଣା କରିଛନ୍ତି।

## ମୋଦିଙ୍କ...

କାହିଁକି କରାଗଲା ନାହିଁ । ଏହାସହ ଗଣମାଧ୍ୟମରେ ପ୍ରକାଶିତ ଏକ ଖବରକୁ ସେ ଉଲ୍ଲେଖ କରିଛନ୍ତି । ସରକାର ସ୍ୱୀକାର କରିବା ଉଚିତ୍ ଯେ ଗୁଇନ୍ଦା ବିଫଳତା ପାଇଁ ପର୍ଯ୍ୟଟକଙ୍କ ଜୀବନ ଯାଇଛି । ଯଦି ତୁମେ ଜାଣିଥିଲ ତେବେ କାହିଁକି ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କଲନାହିଁ । ଗତ ୨୪ରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଠାରେ ସୁରକ୍ଷାରେ ତ୍ରୁଟି ନେଇ ମଧ୍ୟ ଅଭିଯୋଗ ଆସିଥିଲା । ବିରୋଧୀ ଦଳ ନେତା ଏହି ପ୍ରଶ୍ନ ଉଠାଇଥିଲେ । ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଇଥିଲା ଯେ ସ୍ଥାନୀୟ କର୍ତ୍ତୃପକ୍ଷ ଏନେଇ ସୁରକ୍ଷା ବଳକୁ ବାଇସରନ୍ ଖୋଲାଯାଇଥିବା ନେଇ ସୂଚନା ଦେଇନଥିଲେ । ଯାହା ପାରମ୍ପରିକ ଭାବେ ଅମରନାଥ ଯାତ୍ରା ହେବା ଜୁନ୍ ଯାଏ ବନ୍ଦ ରହୁଥିଲା । ପହଲଗାମ୍‌ର ଆକ୍ରମଣ ପୂର୍ବରୁ ଗୁଇନ୍ଦା ସଂସ୍ଥା ମଧ୍ୟ ସୂଚନା ଦେଇଥିଲା ଯେ ପର୍ଯ୍ୟଟକମାନଙ୍କୁ ଟାର୍ଗେଟ କରିବାର ସମ୍ଭାବନା ରହିଛି । ବିଶେଷକରି ଶ୍ରୀନଗରର ଉପକଣ୍ଠରେ ରହିଥିବା ହୋଟେଲଗୁଡ଼ିକରେ ପର୍ଯ୍ୟଟକଙ୍କୁ ଆକ୍ରମଣ କରାଯାଇପାରେ । ଗୁଇନ୍ଦା ତଥ୍ୟ ଅନୁଯାୟୀ ପର୍ଯ୍ୟଟକମାନେ ଯଦି ଚାହିଁବେ ଏଭଳି ଆକ୍ରମଣ ସୂଚନା ପରେ ଯାଇପାରିବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏହି କାରଣରୁ ଏପ୍ରିଲ ୧୯ରେ ବନ୍ଦ କରିଦିଆଯାଇଥିଲା ।

## ପହଲଗାମ୍...

ବ୍ରିଟେନ୍, ଆମେରିକା, ଆଲ୍‌ଜେରିଆ, ଡେନ୍‌ମାର୍କ, ଗ୍ରୀସ୍, ଦକ୍ଷିଣକୋରିଆ ଆଦି ସଦସ୍ୟମାନଙ୍କ ସହ ଅସ୍ଥାୟୀ ସ୍ଥାୟୀ ସଦସ୍ୟମାନେ ସାମିଲ ହୋଇଥିଲେ । ପ୍ରାୟ ୧ ଘଣ୍ଟାଧରି ଆଲୋଚନା ହୋଇଥିଲା । ସୁରକ୍ଷା ସଭ୍ୟମାନେ ଆତଙ୍କୀ ଆକ୍ରମଣକୁ ନିନ୍ଦା କରିବା ସହ ଉତ୍ତର ଦାୟିତ୍ୱ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ପହଲଗାମ୍‌ରେ ଧର୍ମକୁ ଭିତ୍ତିକରି ପର୍ଯ୍ୟଟକମାନଙ୍କୁ ଟାର୍ଗେଟ କରାଯାଇ ହତ୍ୟା କରାଯାଇଛି । ତେବେ ସଦସ୍ୟମାନେ ପାକିସ୍ତାନର ମିଛ ବର୍ଣ୍ଣନାକୁ ଗ୍ରହଣ କରିନଥିଲେ । ସେମାନେ କହିଥିଲେ ଯେ ଉଭୟ ପକ୍ଷ ଏହି ସମସ୍ୟାକୁ ସମାଧାନ କରନ୍ତୁ । ପାକିସ୍ତାନ ପକ୍ଷରୁ ବୈଠକ ପରେ କୁହାଯାଇଛି ଯେ ପହଲଗାମ୍ ଆତଙ୍କୀ ଆକ୍ରମଣରେ ଆମର ସମ୍ପୃକ୍ତି ନାହିଁ । ଭାରତ ପକ୍ଷରୁ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ କରାଯାଇ ଆନ୍ତର୍ଜାତୀୟ ଆଇନ୍‌ର ଉଲ୍ଲଙ୍ଘନ କରାଯାଇଛି । ତେବେ ସୁରକ୍ଷା ପରିଷଦ ବୈଠକ ନେଇ ଭାରତ ପକ୍ଷରୁ କୌଣସି ବିଧିବଦ୍ଧ ବିବୃତ୍ତି ଜାରି କରାଯାଇନାହିଁ । ବୈଠକ ପରେ ଟ୍ୟୁନିସିଆନ୍‌ର ରାଷ୍ଟ୍ରଦୂତ କହିଥିଲେ ଯେ ଏହି ବିବାଦର ଆଲୋଚନା ଜରିଆରେ ଶାନ୍ତିପୂର୍ଣ୍ଣ ସମାଧାନ ହେବା ଆବଶ୍ୟକ । ରୁଷ୍ ରାଷ୍ଟ୍ରଦୂତ କହିଥିଲେ ଯେ ଆମେ ଆଶା ରଖିଛୁ ଯେ ଏହି ବିବାଦ ଶାନ୍ତ ହୋଇଯିବ । ତେବେ ଜାତିସଂଘ ମୁଖ୍ୟ ଆଣ୍ଟିନୋ ଗଟରେସ୍ କହିଛନ୍ତି ଯେ ସାମରିକ କାର୍ଯ୍ୟାନୁଷ୍ଠାନ ଏକ ସମାଧାନ ନୁହେଁ । ଆମେ ଉଭୟ ଦେଶକୁ ଅଧିକ ଧୈର୍ଯ୍ୟ ଦେଖାନ୍ତୁ ଓ ପୂର୍ବ ଅବସ୍ଥା ଫେରାଇ ଆଣନ୍ତୁ । ତେବେ ଏଭଳି ଗରମା ଗରମ ସ୍ଥିତି ଯାହା ସମ୍ପର୍କରେ ଦେଖାଦେଇଛି ତାହା ମୋତେ ଯନ୍ତ୍ରଣା ଦେଇଛି ।

## ଜଗତସିଂହପୁରରେ...

ପାଉଡର ମିଶାଇ ଓମଫେଡକୁ ପଠାଉଥିଲେ । ବିପୁଳ ପରିମାଣର ଦୁଗ୍ଧ ପାଉଡର ସେହି ସେଣ୍ଟରକୁ ଆସୁଥିବା ସ୍ଥାନୀୟ ଲୋକେ ଜାଣିବା ପରେ ଦୁଗ୍ଧରେ ଅପମିଶ୍ରଣ କରୁଥିବା ଜାଣିବାକୁ ପାଇଥିଲେ । ଏହାକୁ ନେଇ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଫୁଡ ଇନସପେକ୍ଟରଙ୍କ ସହିତ ଯୋଗାଯୋଗ କରିଥିଲେ । ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ହେବ ଦୁଗ୍ଧରେ ଅପମିଶ୍ରଣ କରାଯାଉଛି ବୋଲି ଅଭିଯୋଗ କରିଥିଲେ ।

ଆଜି ଜିଲ୍ଲାପାଳ ଜେ ସୋନାଲଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ଫୁଡ ଇନସପେକ୍ଟର ସସ୍ମିତା ଦାସ ସହିତ ୫ ଜଣିଆ ଟିମ ତରାସାହି ଗ୍ରାମରେ ପହଞ୍ଚି ଚଢାଉ କରିଥିଲେ । ଘଟଣା ସଂପର୍କରେ ଖବର ପାଇ ଦୁଗ୍ଧ ସେଣ୍ଟରର ମୁଖ୍ୟ ଉଲ୍ଲାସ ଦାସ ଫେରାର ହୋଇଯାଇଥିଲେ ।ଉପଜିଲ୍ଲାପାଳ ଉକ୍ତ ସେଣ୍ଟରକୁ ଯାଞ୍ଚ କରୁଥିବା ସମୟରେ ସେଣ୍ଟରକୁ ଲାଗି ଅନ୍ୟ ଏକ ଘରେ ବିପୁଳ ପରିମାଣର ୫୦ରୁ ଉର୍ଦ୍ଧ ଦୁଗ୍ଧ ପାଉଡର ବସ୍ତାକୁ ଦେଖିଥିଲେ । ଉକ୍ତ ପାଉଡର ବସ୍ତା ଓ ପ୍ୟାକେଟ ସାମ୍ପଲ ସହିତ ଅପମିଶ୍ରୀତ ଦୁଗ୍ଧ ସାମ୍ପଲକୁ ମଧ୍ୟ ଟେଷ୍ଟିଂ ପାଇଁ ଲ୍ୟାବକୁ ପଠାଇବାକୁ ଫୁଡ ଇନସପେକ୍ଟର ରଖିଥିଲେ । ସଂପୃକ୍ତ ଦୁଗ୍ଧ ପ୍ୟାକେଟ ଗୁଡିକରେ ସୋନା ଓ ମିଲକି ମିଷ୍ଟ ବ୍ରାଣ୍ଡର ମିଲ୍କ ପାଉଡର ବୋଲି ଲେଖାଥିବା ଦେଖାଯାଇଥିଲା । ଉପଜିଲ୍ଲାପାଳ ସଂପୃକ୍ତ ମିଲ୍କ ପାଉଡର ଗୁଡିକୁ ଜବତ କରିବା ପରେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନଙ୍କୁ ଡାକି ତାର ଜିମା ଦେଇଥିଲେ । ସଂପୃକ୍ତ ମିଲ୍କ ପାଉଡର ଗୁଡିକୁ ଜବତ କରାଯାଇ ପ୍ରଶାସନ ହେପାଜତରେ ରଖିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହିତ ଏତେ ପରିମାଣ ମିଲ୍କ ପାଉଡର କେଉଁଠୁ ଆସୁଥିଲା ତାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅପମିଶ୍ରଣ ଦୁଗ୍ଧ ଓ ଦୁଗ୍ଧ ପାଉଡରକୁ ନେଇ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ କୁହନ୍ତି ଯେ ବିଶ୍ୱସ୍ଥ ସୁତ୍ରରୁ ଖବର ପାଇଁ ଚଢାଉ କରାଯାଇଥିଲା । ଚଢାଉ ସମୟରେ ୫୦ରୁ ଉର୍ଦ୍ଧ ମିଲ୍କ ପାଉଡର ବସ୍ତା ଜବତ କରାଯାଇଛି । ଦୁଗ୍ଧରେ ସେଗୁଡିକ ମିଶିବା କଥା ନୁହେଁ । ଯଦି ସେହି ପାଉଡର ଗୁଡିକୁ ଦୁଗ୍ଧରେ ମିଶାଯାଉଥାଏ ତେବେ ଏଥିରେ ସଂପୃକ୍ତ ବ୍ୟକ୍ତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଜି ଅପମିଶ୍ରିତ ଦୁଗ୍ଧ ଓ ପାଉଡର ପ୍ୟାକେଟ ଗୁଡିକୁ ଜବତ କରାଯାଇଥିବା ସେଗୁଡିକୁ ଲ୍ୟାବକୁ ପଠାଯିବ ବୋଲି କହିଥିଲେ । ଏହି ଅପମିଶ୍ରଣ ଦୁଗ୍ଧକୁ ନେଇ ଜିଲ୍ଲା ଫୁଡ ସେଫଟି ଅଫିସର ସସ୍ମିତା ଦାସ କୁହନ୍ତି ତରାସାହିର ଏହି ଦୁଗ୍ଧ ସେଣ୍ଟରର କାମ ହେଲା ଦୁଗ୍ଧ ଚାଷୀମାନଙ୍କ ଠାରୁ କଲେକସନ କରି ଓମଫେଡକୁ ସପ୍ଲାଏ କରିବା । ମାତ୍ର ସଂପୃକ୍ତ ଦୁଗ୍ଧ ସେଣ୍ଟରକୁ ଲାଗି ଏକ ଘରୁ ବିପୁଳ ପରିମାଣରେ ଦୁଗ୍ଧ ପାଉଡର ଜବତ କରାଯାଇଛି । ଏହି ବିପୁଳ ପରିମାଣର ପାଉଡର ଦେଖୀବା ପରେ ଉକ୍ତ ପାଉଡର ଗୁଡିକୁ ଚାଷୀଙ୍କ ଠାରୁ କଲେକସନ କରିବା ପରେ ସେହି ପାଉଡର ଗୁଡିକୁ ସେଥିରେ ମିଶାଯାଉଥିବା ଅନୁମାନ କରାଯାଉଛି । ତେଣୁ ଅପମିଶ୍ରିତ ଦୁଗ୍ଧ ଓ ମିଲ୍କ ପାଉଡରଗୁଡିକୁ ଲ୍ୟାବ୍ରୋଟୋରୀକୁ ପଠାଯିବା ପରେ ତାର ରିପୋର୍ଟ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏହି ଅପମିଶ୍ରଣକୁ ନେଇ ସଂପୃକ୍ତ ସେଣ୍ଟରରେ କାମ କରୁଥିବା ଗାଡି ଚାଳକ କୁହନ୍ତି ଚାଷୀଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରାଯାଇ ଦୈନିକ ପ୍ରତିବେଳାରେ ୧୬୦୦ ଲିଟର ଦୁଗ୍ଧ ଆମ୍ବଶାଳ ସ୍ଥିତ ଓମଫେଡ ପ୍ଲାଣ୍ଟକୁ ପଠାଯାଏ । ମାତ୍ର ମିଲ୍କ ପାଉଡର ବାବଦରେ ସେ କିଛି କହିପାରିବେ ନାହିଁ ବୋଲି ଗାଡି ଚାଳକ ଭ୍ରମର ବେହେରା କହିଥିଲେ । ତରାସାହି ଅଞ୍ଚଳରେ ଏକାଧିକ ସ୍ଥାନରେ ଏପରି ଦୁଗ୍ଧରେ ଅପମିଶ୍ରଣ ହେଉଥିବା ଅଭିଯୋଗ ହେଉଥିବା ବେଳେ ପ୍ରଶାସନ ତୁରନ୍ତ ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବୀ ହେଉଛି ।



### ଦ.ପୂ. ରେଳପଥ-ଟେଣ୍ଡର

**ଇ-ଟେଣ୍ଡର ନୋଟିସ୍ ନଂ ଏବଂ ଅପଲୋଡ଼ିଂ ତାରିଖ : ଇ-ଡେପୁଟି-ଡବ୍ଲୁଡବ୍ଲୁ-ସିଟିଆରବି-କେ-ଟିମ୍‌କେନ-୮୦୦, ତାରିଖ ୦୩.୦୫.୨୦୨୫** । ନିମ୍ନୋକ୍ତ କାର୍ଯ୍ୟ ସକାଶେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (ୱାଗନ)/ ଖଡ଼ଗପୁର ୱାର୍କସପ, ଦପୂ ରେଳପଥଙ୍କ ଦ୍ୱାରା ଟେଣ୍ଡର ନଂ ଇ-ଡେପୁଟି-ଡବ୍ଲୁଡବ୍ଲୁ-ସିଟିଆରବି-କେ-ଟିମ୍‌କେନ-୮୦୦ଙ୍କ ଲାଗି ସିଙ୍ଗଲ ଇ-ଟେଣ୍ଡର ଆହ୍ୱାନ କରାଯାଉଛି : । **କାର୍ଯ୍ୟର ନାମ :** ସିଙ୍ଗଲ ଟେଣ୍ଡର ଭିତ୍ତିରେ ଓଇଏମ୍ ଜରିଆରେ ୦୧ (ଏକ) ବର୍ଷ ଅବଧି ପାଇଁ ଟିମ୍‌କେନ ନିର୍ମିତ କ୍ଲାସ୍-କେ-ସିଟିଆର୍‌ବି (ସାଢ଼େ ୬ଫୁଟ x ୯ଫୁଟର ରି-ହର୍ଭିସ୍‌ମେଣ୍ଟ । **କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଜିଏସ୍‌ଟି@୧୮% ସମେତ ଟ.୧,୬୧,୫୯,୫୮୦.୮୦ । **ଅମାନତ ଅର୍ଥ :** ଟ୨,୩୦,୮୦୦/- । **ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ:** ୨୭.୦୫.୨୦୨୫ ଅପରାହ୍ନ ୧୫ ଘଟିକା । ୱେବସାଇଟ ବିବରଣୀ ଓ ସବିଶେଷ ତଥ୍ୟ: **www.ireps.gov.in** । ବିଡରମାନେ କେବଳ ବନ୍ଦ ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାକୁ ସମର୍ଥ ହେବେ । ଏହି ଟେଣ୍ଡର ଲାଗି ମାନୁଆଲ ଅଫର୍‌କୁ ଅନୁମତି ଦିଆଯାଇ ନାହିଁ । ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ ।

**(PR- 122)**

### AFFIDAVIT

By virtue of an affidavit sworn before the Executive magistrate, Berhampur, Ganjam, Odisha, vide affidavit no A-895 dated 04/04/2025 I, Abhishek Mohanta, S/o- Shambhunath Mohanta residing of At-M/L-20, Neelanchala Nagar, PS- Berhampur Sadar, Dist-Ganjam, Pin-760010, Odisha declare that I have changed my name from Abhisekha Mohanta S/o Sambhunath Mohanta to Abhishek Mohanta, S/o Shambhunath Mohanta. That both names are one and same person i.e myself and my father and there is no ambiguity and controversy of those names. Henceforth, I shall be known as Abhishek Mohanta, S/o Shambhunath Mohanta for all purposes.

**Sd/- Abhishek Mohanta**

### AFFIDAVIT

By virtue of an affidavit sworn before the Executive magistrate, Anugul, dated 17.04.2025 I, Gyana Ranjan Amanta, Address: At- Nizigarh, Dhundinali, Po./P.S.-Hindol, Dist- Dhenkanal (Odisha), Pin- 759022 declared that I have changed my son's name from Swayansh Swarup to Swayansh Swarup Amanta. Henceforth, he shall be known as Swayansh Swarup Amanta for all puroses.

**Gyana Ranjan Amanta**
**(Applicant Name)**

### AFFIDAVIT

By virtue of an affidavit sworn before the Executive magistrate, Anugul, dated 29/04/2025 I, Snehalata Sahu, Address: At-Bauligarh, Po- Arahat, P.S.-Banarpal, Dist- Angul, Pin-759128 (Odisha) declared that I have changed my name from Latika Sahu to Snehalata Sahu. Henceforth, I shall be known as Snehalata Sahu for all puroses.

**Snehalata Sahu**
**(New Name)**

### AFFIDAVIT

I Punit Kumar Agarwal S/O Prasan Kumar Agarwal R/O Narayan Mishra Lane, Mahatab Road, Cuttack - 753001, Declare by the Affidavit No.16AA 410688 Dated-05/05/2025 that now onwards I shall Be known as Punit Agarwal for all future purposes.

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

CAD-332

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଓ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.shb.org

ପତ୍ର ସଂଖ୍ୟା. ୬୪ — **ବିଜ୍ଞାପନ** — ତା ୨୫.୦୪.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱ-ଶୈଳବାଳା ବିଶ୍ୱାଳ<br>ସ୍ୱାମୀ-ଶ୍ରୀ ଦେବେନ୍ଦ୍ରନାଥ ନାୟକ<br>ସା-ଗୋବାଙ୍ଗ<br>ପୋ-ତାଲିକେଣ୍ଡା<br>ଥାନା-ରାଜକନିକା<br>ଜିଲ୍ଲା-କେନ୍ଦ୍ରାପଡ଼ା | ଏଲଆଇଜି-୨-୧୦୩<br>(LIG-2-103)<br>ଫେଜ, ୨ୟ<br>କଳିଙ୍ଗ ବିହାର<br>ରାଉରକେଲା | ୧. ଦେବେନ୍ଦ୍ରନାଥ ନାୟକ (ସ୍ୱାମୀ)<br>୨. ଦିଲ୍ଲିପ କୁମାର ନାୟକ (ବି.ପୁତ୍ର)<br>୩. ଶୁଭଶ୍ରୀ ନାୟକ (ବି.କନ୍ୟା) |

OIPR: 13030/11/0603/2526

ସ୍ୱା/– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

### GOVERNMENT OF ODISHA
### "e"-Procurement Notice
### WORKS DEPARTMENT

B- 87

**E-mail: ceroads.bbsr@gmail.com**
**Bid Identification No. CE-Roads-II-02/2025-26**

1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE form eligible contractors for Roadwork as mentioned below:

| | | |
|---|---|---|
| 2. Nature of work | : | Airstrip |
| 3. No of work | : | 1 No. |
| 4. Tender Paper cost | : | Rs. 10,000.00 |
| 5. Class of Contractor | : | Special Class / Super Class |
| 6. Available of bid document the website | : | From 10.00 A.M. of 15.05.2025 to 5.30 P.M. of 05.06.2025 |
| 7. Date of opening of Bid | : | Dt. 06.06.2025 at 11.30 A.M. |

8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/ cancellation of tender can also be seen in the said website.

OIPR: 34181/11/0017/2526

Sd/- Chief Engineer
(Road-II), Odisha

### GOVERNMENT OF ODISHA
### e-Procurement Notice, ANGUL (R&B) DIVISION
### Bid Identification No.04 of 2025-26
### e-mail ID- angulrbdivision@yahoo.co.in

B-96

| | | |
|---|---|---|
| 1. Number of Works | : | 03 (Three) number of Electrical works |
| 2. Approximate estimated cost | : | Varies from 26.00 lakh to 46.09 lakh |
| 3. Period of completion | : | 03 (Three) Calendar months |
| 4. Date & Time of availability of bid document in the portal | : | Dt. 08.05.2025 at 10.00 A.M. |
| 5. Last date / Time for receipt of bid in the portal | : | Dt. 16.05.2025 up to 5.00 P.M. |
| 6. Date of opening Bid | : | Dt. 17.05.2025 at 11.00 A.M. |
| 7. Name and address of the Office Inviting Bid | : | Superintending Engineer, Angul (R&B) Division, Angul |

8. The bidders must participate in ONLINE bidding only.

Further details can be seen from the e-procurement portal https://tendersodisha.gov.in

OIPR: 34074/11/0028/2526

Sd/- Superintending Engineer,
Angul ( R&B ) Division.

### AFFIDAVIT

I NABIN PATRO S/O JOGESWAR RAO LADE RESIDENT OF KUMUTI STREET, GUNUPUR, RAYAGADA, PIN-765022, ODISHA DECLARE BY THIS AFFIDAVIT NO-7619, DTD. 05/05/2025 THAT NOW ONWARDS I SHALL BE KNOWN AS NABINA PATRO FOR ALL PURPOSES.

### ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

N-40

ବିଜ୍ଞପ୍ତି ନଂ ୬୫୨ (Exam. Conf.) ତା୦୫.୦୫.୨୫ରିଖ

**୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ONLINE ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର, ଏକ୍ସ-ରେଗୁଲାର, ପତ୍ର ମାଧ୍ୟମ ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, **www.bseodisha.ac.in** website ମାଧ୍ୟମରେ ଉପଲବ୍ଧ ହେବ ।
୨. School Regular ଏବଂ Ex-Regular ପରୀକ୍ଷାର୍ଥୀ ମାନଙ୍କ ଫର୍ମ ପୂରଣ ସେମାନଙ୍କ ବିଦ୍ୟାଳୟ ମୁଖ୍ୟମାନଙ୍କ ଦ୍ୱାରା ଏବଂ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ବୋର୍ଡର ଶାଖା କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।
୩. **ONLINE ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ**

| | |
|---|---|
| ଆରମ୍ଭ ତାରିଖ | ତା14/05/2025ରିଖ ସକାଳ ୦୮ ଘଟିକା |
| ଫିସ୍ ଓ ଫର୍ମ ଦାଖଲର ଶେଷ ତାରିଖ :- | ତା26/05/2025ରିଖ ରାତ୍ର ୧୧.୪୫ |

OIPR: 27004/11/0080/2526

ସମ୍ପାଦକ

### GOVT. OF ODISHA
### DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER
### DRAINAGE DIVISION KHORDHA
### email Id:- eeddkhurda@gmail.com

A- 127

| | | | |
|---|---|---|---|
| 1. | Total number of work | : | 2no. of work as mentioned below |
| | Name of work | : | **1. IMPROVEMENT TO DANGARABASA NALLA ALONG WITH STRUCTURES IN NUAGAON BLOCK**<br>**2. IMPROVEMENT TO BALANDA NALLA ALONG WITH STRUCTURES IN NUAGAON BLOCK .** |
| 3. | Tender Amount (Excluding GST) | : | Rs. 83.19 Lakh<br>Rs. 83.91 Lakh |
| 4. | Bid Identification No. | : | EE-DD-KHR-01/2025-26<br>EE-DD-KHR- 02/2025-26 |
| 5. | Period of completion | : | 11 (eleven) Calender months |
| 6. | Class of Contractor | : | As per DTCN |
| 7. | Availability of Tender On-Line | : | **7.05.2025 11.00 Hours to 22.05.2025 17.00 Hours** |
| 8. | Date of Opening of Technical Bid | : | **23.05.2025 at 11.00** hours in the O/o the Executive Engineer, Drainage Division, Khordha |
| 9. | Date and time of receipt of bids in the portal | : | **07.05.2025 11.00 Hours to 22.05.2025 17.00 Hours** |
| 10. | Last date time of receipt of bids in the portal | : | **22.05.2025 upto 17.00 Hours** |
| 11. | Bid Security | : | As per DTCN |
| 12. | Cost of Tender paper | : | **Rs. 10,000 /-** |
| 13. | Procurement Officer | : | Executive Engineer Drainage Division Khordha |

Further details can be seen from the Govt. web site **www.tendersorissa.gov.in.** Addendum I Corrigendum/ Cancellation if any required will be published only in Govt. web site www.tendersorissa.gov.in

OIPR: 32458/11/0003/2526

Sd/- Executive Engineer
Drainage Division Khordha

### ODISHA LIFT IRRIGATION CORPORATION LTD.
### (A GOVT. OF ODISHA UNDERTAKING)
### OFFICE OF THE EXECUTIVE ENGINEER, L.I.DIVISION, PARALAKHEMUNDI.
### "E"-Procurement Notice
### E-mail: www. eeolicpkd@gmail.com
### Bid Identification No-02/2025-26 dt.03.05.2025

CAD-327

The **Executive Engineer Lift Irrigation Division, Paralakhemundi** on behalf of OLIC invites Percentage Rate bids in single cover system to be received in Online Mode Only for the work 17 Nos Package of Revival & Reinforcement (Old Defunct & Operable Project) LIPs Out of STATE PLAN-2024-25 under Paralakhemundi, Rayagada, Mohana & Kashinagar Blocks in Gajapati District as detailed in the table below. The Bid should be submitted by the eligible class of contractor as mentioned below registered with the state Government and contractor of equivalent grade / class registered with central Government / M.E.S / Railways / C.P.W.D for execution of civil works with valid Electrical (H.T) License issued by ELBO Odisha through On-Line in the Govt. website **www.tenderodisha.gov.in.** The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.

**1. Name of the Work:- Revival & Reinforcement of ( Old defunct & Operable) River Lift Irrigation & Tube Well Projects-23 Nos out of State Plan-2024-25, with supply of all materials on Turnkey basic.**
**2. Total Nos of Package:-17**
**3. Approximate Estimated Cost:- Rs.10.15 to Rs.12.71 Lakhs.**
**4. Class of Contractor :- As mentioned against each package.**
**5. Period of completion:-As mentioned against each package, from the date of issue of work order.**
**6. Other details as below:-**

| Procurement Officer | Bid Identification No | Availability of Tender On-Line for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division,Paralakhemundi |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer L.I.Division, Paralakhemundi | OLIC/Paralakhemundi/ 02/2025-26 Dt.03.05.2025 | 08-05-2025 at 11.00 Hrs. | 16-05-2025 at 17.00 Hrs. | 14-05-2025 at 17.00 Hrs. | 17.05.2025 at 11.00 Hrs. |

OIPR: 32348/11/0001/2526

Sd/- Executive Engineer, L.I.Division,
Paralakhemundi

### Government Of Odisha
### OFFICE OF THE PANCHAYAT SAMITI, BHEDEN, BARGARH
### DIST- BARGARH, E-mail ori-bheden@nic.in
### INVITATION OF BIDS (IFB)
### Bid Identification No 01/2025-26 Panchayat Samiti, Bheden

i - 78

The Block Development Officer, Bheden on behalf of Governor of Odisha invites Percentage Rate bid in ONLINE MODE for the building works as detailed in the Detailed Tender Call Notice (D.T.C.N) from the eligible class of contractor.

01. No. of building works :- 01 (One) Nos.
02. Cost of Tender paper :- 6000.00 per work.
03. Class of contractor :- "A" & "B" Class Contractor.
04. Date & Time of available in web site & receipt of Bids :- 11.00 Hrs of 08.05.2025 to 17.00 Hrs of 23.05.2025
05. Date of opening of Bid:- Dt. 26.05.2025.
06. The Bidders have to participate in ONLINE bidding only.

Further details can be seen from the State Govt. Portal website:// tendersodisha.gov.in.

OIPR: 19238/11/0002/2526

Sd/- Block Development Officer, Bheden

# କ୍ରୀଡା ପ୍ରଶିକ୍ଷକ ପଦବୀ ଖାଲି

ଭୁବନେଶ୍ୱର, (ତଥ୍ୟ): ରାଜ୍ୟକୁ କ୍ରୀଡା କ୍ଷେତ୍ରରେ ଏକ ନମ୍ବର କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବାବେଳେ କ୍ରୀଡା ପ୍ରଶିକ୍ଷକଙ୍କ ଅଭାବ ଏ କ୍ଷେତ୍ରରେ ବାଧକ ସାଜିଛି । ରାଜ୍ୟରେ ଯେତିକି ସଂଖ୍ୟକ କ୍ରୀଡା ପ୍ରଶିକ୍ଷକ ପଦବୀ ରହିଛି ତାହାର ଅଧାରୁ ଅଧିକ ଖାଲି ପଡିଛି । ରାଜ୍ୟରେ ଏବେ ୧୬ଟି କ୍ରୀଡା ଛାତ୍ରାବାସ, ୧୧ଟି ଉଚ୍ଚ ପ୍ରଦର୍ଶନ କେନ୍ଦ୍ର, ୧୦୬ଟି ଇଣ୍ଡୋର ହଲ, ୩ଟି ଫୁଟବ୍ଲବଲ ପ୍ରଶିକ୍ଷଣ କେନ୍ଦ୍ର, ୧୩ଟି ସନ୍ତରଣାଗାର ଓ ୨୩ଟି ହକି ପ୍ରଶିକ୍ଷଣ କେନ୍ଦ୍ର ରହିଛି । ସେହିଭଳି ୧୬ଟି କ୍ରୀଡା ଛାତ୍ରାବାସରେ ୧୧୬୬ଜଣ ଓ ୧୧ଟି ଉଚ୍ଚ ପ୍ରଦର୍ଶନ କେନ୍ଦ୍ରରେ ୫୭୯ଜଣ କ୍ରୀଡାବିତଙ୍କୁ ତାଲିମ ଦିଆଯାଉଛି ।

ତେବେ କ୍ରୀଡାବିତମାନଙ୍କୁ ତାଲିମ ଦେବାପାଇଁ ରାଜ୍ୟରେ ୯ଟି ବରିଷ୍ଠ ପ୍ରଶିକ୍ଷକ ପଦବୀ ଥିବାବେଳେ ଏଥିରୁ ୫ଟି ଖାଲି ପଡିଛି । ସେହିଭଳି କନିଷ୍ଠ ଶିକ୍ଷକ ପଦବୀ ସଂଖ୍ୟା ୬୧ଟି ରହିଥିବାବେଳେ ଏଥିରୁ ୩୮ଟି ପଦବୀ ଖାଲି ପଡିଛି । ପ୍ରଶିକ୍ଷକ ପଦବୀ ଖାଲି ପଡିଥିବାରୁ ରାଜ୍ୟର କ୍ରୀଡାବିତମାନଙ୍କୁ ଯେଭଳି ପ୍ରଶିକ୍ଷଣ ଦିଆଯିବା କଥା ତାହା ହୋଇପାରୁ ନାହିଁ । ଉଲ୍ଲେଖନୀୟ ଯେ କ୍ରୀଡା ଛାତ୍ରାବାସରେ ବାଳିକା କ୍ରୀଡାବିତମାନଙ୍କ ପାଇଁ ୮୦୦ ଟଙ୍କା ଏବଂ ବାଳକ କ୍ରୀଡାବିତମାନଙ୍କ ପାଇଁ ୬୦୦ ଟଙ୍କାର ଶୌଚାଳୟ ଖର୍ଚ୍ଚ ଦିଆଯାଉଛି । ଏହାଛଡା ଖାଦ୍ୟଖର୍ଚ୍ଚ ବାବଦକୁ ମୁଣ୍ଡପିଛା ଦୈନିକ ୨୭୫ଟଙ୍କା କରି ଯୋଗାଇ ଦିଆଯାଉଛି ।

ଭୁବନେଶ୍ୱରର ଦୁଇଟି କ୍ରୀଡା ଛାତ୍ରାବାସକୁ ମିଶାଇ ରାଜ୍ୟରେ ମୋଟ ୧୬ଟି ଜିଲ୍ଲାରେ ଥିବା କ୍ରୀଡା ଛାତ୍ରାବାସରେ ୩୦୧୨ଟି ଆସନ ଥିବାବେଳେ ଏଥିରେ ୧୧ରୁ ସାମାନ୍ୟ ଅଧିକ କ୍ରୀଡାବିତ ପ୍ରଶିକ୍ଷଣ ନେଉଛନ୍ତି । ମାଲକାନଗିରିରେ ଥିବା କ୍ରୀଡା ଛାତ୍ରାବାସରେ ୧୨୪ଟି ଆସନ ଥିବାବେଳେ ଏଠାରେ ଜଣେ ହେଲେ କ୍ରୀଡାବିତ ନଥିବା ସରକାର ଉଲ୍ଲେଖ କରିଛନ୍ତି । ସେହିଭଳି ସୁନ୍ଦରଗଡର ୨୩୦ଟି ଆସନରେ ୭୦ଜଣ ଥିବାବେଳେ ରାଉରକେଲାର ପାନପୋଷ ଠାରେ ଥିବା ୮୦୦ ସିଟ ବିଶିଷ୍ଟ କ୍ରୀଡା ଛାତ୍ରାବାସରେ ମାତ୍ର ୧୭୩ଜଣ ଛାତ୍ରଛାତ୍ରୀ ଅଛନ୍ତି । ବରହମପୁର କ୍ରୀଡାଛାତ୍ରାବାସରେ ୨୬୪ ଆସନରେ ୨୮ଜଣ ଛାତ୍ରଛାତ୍ରୀ ଥିବାବେଳେ କେନ୍ଦୁଝର ଛାତ୍ରାବାସରେ ଥିବା ୨୦୦ଆସନରେ ମାତ୍ର ୭୫ଜଣ ରହିଛନ୍ତି । ଖୋଦ ରାଜଧାନୀରେ ଥିବା ଦୁଇଟି ଛାତ୍ରାବାସରେ ୬୦୦ଆସନ ଥିବାବେଳେ ଏଠାରେ ସର୍ବାଧିକ ୩୭୦ ଜଣ ଛାତ୍ରଛାତ୍ରୀ ତାଲିମ ନେଉଛନ୍ତି ।

ରାଜ୍ୟର ଥିବା ଉଚ୍ଚ ପ୍ରଦର୍ଶନ କେନ୍ଦ୍ରଗୁଡିକରେ ଭାରତ୍ତୋଳନ, ଖୋ ଖୋ, ଫିଫା ଏକାଡେମୀ, ସନ୍ତରଣ ଆଦି ପ୍ରତି ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରୁଥିବାବେଳେ ତୀରନ୍ଦାଜୀ, ଜିମନାଷ୍ଟିକ, ଆଥଲେଟିକ ଆଦି ପ୍ରତି ସେଭଳି ଆଗ୍ରହ ପ୍ରଦର୍ଶନ କରୁନାହାନ୍ତି । ତେବେ ପ୍ରଶିକ୍ଷକଙ୍କ ସଙ୍କଟ ଏ କ୍ଷେତ୍ରରେ ପ୍ରମୁଖ ପ୍ରତିବନ୍ଧକ ସାଜିଥିବା କୁହାଯାଉଛି । ରାଜ୍ୟ ସରକାର ତୁରନ୍ତ ପ୍ରଶିକ୍ଷକ ପଦବୀ ପୂରଣ ନକଲେ କେବଳ ବିଭିନ୍ନ କ୍ରୀଡାକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବ ନାହିଁ ଓଡିଶାରେ କ୍ରୀଡାର ମାନ ବି କମିବ ବୋଲି କ୍ରୀଡା ବିଶେଷଜ୍ଞମାନେ ମତ ଦେଉଛନ୍ତି ।

### ଟିଏସଏସଓ ପକ୍ଷରୁ ବିଶ୍ୱ ଥାଲାସେମିଆ ଦିବସ

# ଥାଲାସେମିଆ ମୁକ୍ତ ପାଇଁ ସଚେତନତା ଆବଶ୍ୟକ

ଭୁବନେଶ୍ୱର (ସବ୍ୟୁ): ୮ ତାରିଖରେ ବିଶ୍ୱ ଥାଲାସେମିଆ ଦିବସ । ଏହି ରୋଗର ସଚେତନତା ପାଇଁ ଥାଲାସେମିଆ ଓ ସିକଲସେଲ୍ ସୋସାଇଟି ଓଡିଶା(ଟିଏସଏସଓ) ପକ୍ଷରୁ ଅସ୍ତର ସିଏମଆଇ ହସ୍ପିଟାଲ ବେଙ୍ଗାଲୁରୁ ସହଯୋଗରେ ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଥାଲାସେମିଆଙ୍କ ଯତ୍ନ ଓ ଚିକିତ୍ସା ପାଇଁ ଲୋକଙ୍କୁ ସଂଯୋଗ କରିବା । ମୁଖ୍ୟଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେଉଁମାନେ ଥାଲାସେମିଆ ରୋଗରେ ପୀଡିତ ଅଛନ୍ତି ସେମାନେ ସାହସର ସହ ମୁକାବିଲା କରନ୍ତୁ । ପ୍ରତି ରୋଗ ପାଇଁ ସଚେତନର ଆବଶ୍ୟକ ରହିଛି । କେବଳ ସଚେତନ ହିଁ ରୋଗକୁ ଦୂର କରିପାରିବା । ସରକାର ରୋଗ ଦୂର ପାଇଁ ଅନେକ ଯୋଜନା କରୁଛନ୍ତି । କିନ୍ତୁ ରୋଗ ହେଲେ କେବଳ ଡାକ୍ତରଖାନା ଗଲେ ହେବ ନାହିଁ ।

ଡକ୍ଟର ଷ୍ଟାଲିନ୍ ରାମପ୍ରକାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଥାଲାସେମିଆ ରୋଗୀଙ୍କ ଯତ୍ନ ବିଷୟରେ ଆଲୋଚନା କରିଥିଲେ । ଭାରତୀୟ ଥାଲାସେମିଆ ଫେଡେରେସନ ଅଧ୍ୟକ୍ଷ ଶୋଭା ତୁଲି ଅନଲାଇନରେ ଯୋଡି ହୋଇ



କହିଥିଲେ ଏହି ରୋଗକୁ ଅଧିକ ସଚେତନ କରିବାକୁ ସବୁ କମ୍ୟୁନିଟିକୁ ଯୋଡା ଯାଉଛ ସରକାର, ରୋଗୀ ଓ ସମ୍ପର୍କୀୟ ଏକାଠି ହୋଇ ଏହି ରୋଗ ବିଷୟରେ ଅବଗତ ହେବା ଆବଶ୍ୟକ । କୋଲ୍ ଇଣ୍ଡିଆ ସିଏସଆର ଜିଏମ୍ ରେଣୁ ଚର୍ତୁବେଦୀ କହିଲେ ପରିବାର ଭିତରେ ସହଯୋଗ ଓ ସଚେତନ ରହିଲେ ରୋଗରୁ ଆମେ ମୁକ୍ତି ପାଇପାରିବା ।

ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଲେ ଥାଲାସେମିଆ ଭୟବହତା ବଢୁଛି । କେବଳ ସଚେତନ ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ । ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ କହିଥିଲେ ଥାଲାସେମିଆ ରୋଗ ଦୂର ପାଇଁ ସମସ୍ତଙ୍କ ଭିତରେ ସହଯୋଗର ଆବଶ୍ୟକ ରହିଛି । ଅଧିକରୁ ଅଧିକ ଏହାର ସଚେତନ କଲେ ନିଶ୍ଚୟ ଏହି ରୋଗ ରାଜ୍ୟରୁ କମିବ । ଟିଏସଏସଓର ସଭାପତି ନିରାକାର ପଣ୍ଡା, ୨୦୧୧ ମସିହାରେ ଓଡିଶାରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ୫ ହଜାର ଥିଲା । ବର୍ତ୍ତମାନ ୩୧ ହଜାରରେ ପହଞ୍ଚିଲାଣି । ସବୁ ବର୍ଗରେ ଥାଲାସେମିଆ ରୋଗର ସଚେତନତା ଅବଶ୍ୟକ ଅଛି । ଆମେ ଯଦି ସଚେତନ ନହେବା ଅକାଳରେ ଅନେକ ଜୀବନ ଚାଲିଯିବ । ରକ୍ତଦାନ କିଭଳି ଅଧିକ ହେବ ତା ସହ ସ୍କ୍ରିନିଂ ହୋଇପାରିବ ତାହା ଉପରେ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ । ଏହି କାର୍ଯ୍ୟକ୍ରମଟି ଟିଏସଏସଓ ସଚିବ ଦୀପକ କୁମାରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଉପ-ସଭାପତି ମାନସ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ନିହାରିକା ପଣ୍ଡା,ଡ. ବିଜୟ ମିଶ୍ର, ଡକ୍ଟର ପ୍ରକାଶ ତ୍ରିପାଠି, ଗୁଞ୍ଜନ ଅଗ୍ରୱାଲ ଓ ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ଅନ୍ୟ ସମସ୍ତ ସ୍ୱେଚ୍ଛାସେବୀମାନେ ପରିଚାଳନା କରିଥିଲେ ।

## ପୁରୀରେ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ନବୀନଙ୍କ ପରିକଳ୍ପନା ଥିଲା: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୁରୀରେ ଏକ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପ୍ରସ୍ତାବକୁ କେନ୍ଦ୍ର ସରକାର ଗତ କାଲି ଅନୁମୋଦନ ଦେଇଥିବା ବେଳେ ବିଜୁ ଜନତା ଦଳ ତରଫରୁ ଏହି ବିମାନ ବନ୍ଦର ପ୍ରତିଷ୍ଠାର ଶ୍ରେୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛି ।

ମଙ୍ଗଳବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ୱାଦିକ ସମ୍ମିଳନୀରେ, ରାଜ୍ୟସଭା ସଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି, ଶ୍ରୀକ୍ଷେତ୍ର ପୁରୀକୁ ବିଶ୍ୱର ପର୍ଯ୍ୟଟକ ମାନଙ୍କ ଆଗମନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ପୁରୀଠାରେ ଏକ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠାର ପରିକଳ୍ପନା ୨୦୨୧ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିଲା । ସେହି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ଏହା ପରେ ୨୦୨୩ ମସିହାରେ ଏହି ପ୍ରକଳ୍ପର ସାଇଟ କ୍ଲିଅରାନ୍ସ ହୋଇଥିଲା । ୧୧୪୬ ଏକର ଜମିକୁ ପ୍ରକଳ୍ପ ଏରିଆ ଭାବେ ଚିହ୍ନଟ କରାଯାଇଥିବା ବେଳେ ୨୫୧ ଏକର ଜମି ଅଧିଗ୍ରହଣ କରାଯାଇଥିଲା । ଏହା ଛଡା ଶ୍ରୀକ୍ଷେତ୍ର ପୁରୀର ସୌନ୍ଦର୍ଯ୍ୟକରଣକୁ ବିଶ୍ୱସ୍ତରୀୟ କରିବା ପାଇଁ ଶ୍ରୀମନ୍ଦିରକୁ ଐତିହ୍ୟ କରିଡ଼ର ନିର୍ମାଣ ଠାରୁ ଆରମ୍ଭ କରି ବ୍ଲୁଫ୍ଲାଗ ବିଚ ନିର୍ମାଣ ଓ ସ୍ୱର୍ଗଦ୍ୱାରର ନବୀକରଣ ଇତ୍ୟାଦି କାର୍ଯ୍ୟ କରିବା ସହିତ ଏକ ଗ୍ରୀନଫ୍ଲିଡ୍ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠାର ପରିକଳ୍ପନା କରିଥିଲେ ।

ନବୀନ ବାବୁ ମୋତେ ରାଜ୍ୟସଭା ସଂସଦ ଭାବେ ମନୋନୀତ କରିବା ପରେ, ପୁରୀ ଠାରେ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ମୁଁ ସଂସଦରେ ବାରମ୍ବାର ଏହି ପ୍ରସଙ୍ଗ ଉଠାଇବା ସହିତ ଏହାର ଆବଶ୍ୟକତା ଉପରେ ଦୃ ଯୁକ୍ତି ଉପସ୍ଥାପନ କରିଥିଲି । କେନ୍ଦ୍ର ସରକାର, ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମୋଦନ ଦେବା ପରେ, ନବୀନ ବାବୁଙ୍କ ପରିକଳ୍ପନା ଆଜି ରୂପ ନେବାକୁ ଯାଉଛି । ତେଣୁ, ପୁରୀଠାରେ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠାର ଶ୍ରେୟ ମୁଁ ମୋର ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଉଛି ବୋଲି ଶ୍ରୀ ଖୁଣ୍ଟିଆ କହିଥିଲେ ।

### ଦ୍ୱିତୀୟ ବିଶ୍ୱ ଯୁଦ୍ଧ ରେ ବିଜୁ ବାବୁଙ୍କ ଅବଦାନକୁ ସମ୍ମାନ ଜଣାଇ

## ରୁଷିଆ ଦୂତାବାସରେ ସ୍ଥାପିତ ହେବ ଫଳକ

ଭୁବନେଶ୍ୱର, (ସବ୍ୟୁ): ଦ୍ୱିତୀୟ ବିଶ୍ୱ ଯୁଦ୍ଧ ରେ ନାଜିବାଦ ବିରୁଦ୍ଧରେ ରୁଷିଆର ବିଜୟ ଉତ୍ସବର ୮୦ତମ ବାର୍ଷିକୀ ଚଳିତ ମଇ ନଅ ତାରିଖ ଦିନ ପାଳନ କରାଯାଉଛି । ଏହି ଅବସରରେ ବୁଧବାର ଦିଲ୍ଲୀସ୍ଥିତ ରୁଷିଆ ଦୂତାବାସରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଛି । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଅସୀମ ସାହସିକତା ପ୍ରଦର୍ଶନ କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଷ୍ଟାଲିନ ଗ୍ରାଡ଼ ଅଭିଯାନ ରେ ସାମିଲ ହୋଇ ଅବରୁଦ୍ଧ ଲାଲ ବାହିନୀକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଲାଲ ବାହିନୀ ର

**ଉତ୍ସବରେ ଯୋଗ ଦେବା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦିଲ୍ଲୀ ଯାତ୍ରା**

ବିଜୟ ପଥ ସୁଗମ କରିଥିଲେ । ବିଜୁବାବୁଙ୍କ ଏହି ମହାନ ଅବଦାନକୁ ସମ୍ମାନ ଜଣାଇ ବୁଧବାର ନୂଆଦିଲ୍ଲୀ ରୁଷ ଦୁତାବାସ ରେ ଏକ ସ୍ୱତନ୍ତ୍ର ଫଳକ ଉନ୍ମୋଚିତ ହେବ । ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ରୁଷର ରାଷ୍ଟ୍ରଦୂତ ମିଃ ଡେନିଷ ଆଲିପୋଭ ବିଜୁବାବୁଙ୍କ ସୁପୁତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରିଛନ୍ତି । ଏହି ନିମନ୍ତ୍ରଣ ରକ୍ଷା କରି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ମଧ୍ୟାହ୍ନ ରେ ଦିଲ୍ଲୀ ଯାତ୍ରା କରିଛନ୍ତି । ଶ୍ରୀ ପଟ୍ଟନାୟକ ରୁଷ ଦୁତାବାସ ରେ ଉଭୟ ମଇ ସାତ ଓ ନଅ ତାରିଖ ଦୁଇ ଦିନ ର କାର୍ଯ୍ୟକ୍ରମରେ ଯୋଗ ଦେବେ ।

# ବଳାତ୍କାର ଅଭିଯୁକ୍ତ ବେଙ୍ଗାଲୁରୁରୁ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ବଳାତ୍କାର ଅଭିଯୁକ୍ତ ଦୀର୍ଘ ଦୁଇବର୍ଷ ଫେରାର ହୋଇ ବେଙ୍ଗାଲୁରୁରେ ଲୁଚି ରହିଥିଲା । ଏ ସମ୍ପର୍କରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଅଭିଯୁକ୍ତକୁ ବେଙ୍ଗାଲୁରୁରୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି ।

ଅଭିଯୁକ୍ତ ପି.ରମେଶ ବାବୁ (୩୮)ର ପିଡିତାଙ୍କ ସହ ୨୦୦୮ ମସିହାରେ ପରିଚୟ ହୋଇଥିଲା । କ୍ରମେ ଉଭୟଙ୍କ ମଧ୍ୟରେ ବନ୍ଧୁତା ନିବିଡ ହୋଇଥିଲେ ମଧ୍ୟ ପିଡିତା ଅନ୍ୟତ୍ର ବିବାହ କରି ସ୍ୱାମୀଙ୍କ ସହ ରାଜ୍ୟ ବାହାରକୁ ଚାଲିଯାଇଥିଲେ । ଏହାପରେ ଅଭିଯୁକ୍ତ ତାଙ୍କୁ ବାରମ୍ବାର ଫୋନ୍ କରି ଭୁବନେଶ୍ୱର ଆସି ଦେଖା କରିବା ଲାଗି କହିବା ସହ ନାନା ପ୍ରକାର ଧମକ ଦେଉଥିଲା । ୨୦୨୩ ମସିହା ଜୁନ୍ ମାସ ୧୬ ତାରିଖରେ ପିଡିତା ଭୁବନେଶ୍ୱର ଆସି ପହଞ୍ଚିବା ପରେ ଅଭିଯୁକ୍ତ ତାଙ୍କୁ ଏକ ହୋଟେଲକୁ



ନେଇଥିଲା । ସେଠାରେ ପିଡିତାଙ୍କ କହିବାନୁଯାୟୀ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲା । ଆତ୍ମଗୋପନ ପାଇଁ ରମେଶ ଭୁବନେଶ୍ୱର ଛାଡି ବେଙ୍ଗାଲୁରୁ ପଳାଇଥିଲା । ପିଡିତା ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିବାରୁ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଥିଲା । ସୂଚନା ଅନୁଯାୟୀ ରମେଶକୁ ବେଙ୍ଗାଲୁରୁରୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିବା ପରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅଭିଯୁକ୍ତର ବଡଗଡ ଥାନା ଅନ୍ତର୍ଗତ ଶିଶୁପାଳଗଡ ଲକ୍ଷ୍ମୀବିହାରରେ । ବର୍ତ୍ତମାନ ସେ ବେଙ୍ଗାଲୁରୁ ଶ୍ରୀସାଇ ଲେକ୍‌ଭ୍ୟୁ ଆପାର୍ଟମେଣ୍ଟରେ ରହୁଥିଲା । ଯେଉଁଠୁ ପୋଲିସ ତାକୁ ଗିରଫ କରିବାରେ ସମର୍ଥ ହେଲା ।

## ବ୍ୟାଙ୍କ ଅଫ୍ ବରୋଦାର ଆର୍ଥିକ ବର୍ଷ ୨୦୨୪-୨୫ରେ ୧୯,୫୮୧ କୋଟିର ନେଟ୍ ଲାଭ

ଭୁବନେଶ୍ୱର, (ସବ୍ୟୁ) : ବ୍ୟାଙ୍କ ଅଫ୍ ବରୋଦାର ଆର୍ଥିକ ବର୍ଷ ୨୦୨୪-୨୫ର ଫଳାଫଳ ପ୍ରକାଶ ପାଇଛି। ଏହି ଫଳାଫଳରେ ବ୍ୟାଙ୍କ ଶତକଡା ୧୦.୧ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୧୯,୫୮୧ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି। ସେହିପରି ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ୪.୭ ପ୍ରତିଶତ ଅଭିବୃଦ୍ଧି ହାରରେ ୩୨,୪୩୫ କୋଟି ଟଙ୍କା ରହିଛି। ବ୍ୟାଙ୍କର ଘରୋଇ କାସା ଜମାରେ ଶତକଡା ୬.୪ ପ୍ରତିଶତ ବୃଦ୍ଧି ଘଟି ୪,୯୬,୪୬୨ କୋଟିରେ ପହଞ୍ଚିଛି । ବ୍ୟାଙ୍କର ଘରୋଇ ଜମା ପୂର୍ବ ବର୍ଷ ତୁଳନାରେ ଶତକଡା ୯.୩ ପ୍ରତିଶତ ବୃଦ୍ଧି ପାଇ ୧୨,୪୨,୧୬୯ କୋଟିରେ ପହଞ୍ଚିଛି । ସେହିପରି ଆନ୍ତର୍ଜାତୀୟ ଜମା ମଧ୍ୟ ଶତକଡା ୧୦.୩ ପ୍ରତିଶତ ବୃଦ୍ଧି ପାଇ ୧୪,୭୨,୦୩୫ କୋଟିରେ ପହଞ୍ଚିଛି । ବ୍ୟାଙ୍କର ଦେଶ ମଧ୍ୟରେ ଋଣ ୧୦,୨୧,୧୧୨ କୋଟି ଟଙ୍କାକୁ ବୃଦ୍ଧି ପାଇବା ସହ ଗ୍ଲୋବାଲ ଋଣ ୧୨,୩୦,୪୬୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍)ରେ ଶତକଡା ୧୭.୧୯ ପ୍ରତିଶତ ରହିଛି। ବ୍ୟାଙ୍କର ସ୍ଲିପେଜ୍ ରେସିଓ ଶତକଡା ୦.୭୮ ପ୍ରତିଶତରେ ପହଞ୍ଚିଛି । ବ୍ୟାଙ୍କର ୩୦ ମାର୍ଚ୍ଚ ସୁଦ୍ଧା ଲିକ୍ୟୁଡିଟୀ କଭରେଜ ରେସିଓ (ଏଲ୍‌ସିଆର୍) ଶତକଡା ୧୨୩ ପ୍ରତିଶତ ରହିଛି। ବ୍ୟାଙ୍କର ମୋଟ୍ ସୁଧ ଆୟରେ ଶତକଡା ୨.୧ ପ୍ରତିଶତ ବୃଦ୍ଧି ଘଟି ୪୫,୬୫୯ କୋଟିରେ ପହଞ୍ଚିଛି । ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ (ପିସିଆର୍ ) ଶତକଡା ୯୩.୨୯ ପ୍ରତିଶତ ରହିଛି । ବ୍ୟାଙ୍କର୍ ଗ୍ରସ୍ ଏନ୍‌ପିଏ ଶତକଡା ୨.୨୬ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ନେଟ୍ ଏନ୍‌ପିଏ ଶତକଡା ୦.୫୮ ପ୍ରତିଶତକୁ ହ୍ରାସ ପାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବ୍ୟାଙ୍କ ଅଫ୍ ବରୋଦାର ୮,୪୨୪ଟି ଶାଖା ରହିଥିବା ବେଳେ ୧୦,୯୮୭ଟି ଏଟିଏମ୍ ରହିଛି ଏବଂ ୧୭ଟି ଦେଶରେ ୮୪ ଟି ଶାଖା ନେଟୱ୍ୱର୍କ ରହିଛି ।

## ନେହେରୁ ଯୁବ ପ୍ରତିଷ୍ଠାନ ର ୫୩ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ସବ୍ୟୁ): ଯୁବ ସାଂସ୍କୃତିକ ଅନୁଷ୍ଠାନ ନେହେରୁ ଯୁବ ପ୍ରତିଷ୍ଠାନର ୫୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି,ଗତ ୨ ତାରିଖ ସନ୍ଧ୍ୟାରେ ଅନୁଷ୍ଠାନ



ପରିସରରେ ପ୍ରତିଷ୍ଠାନର ସଭାପତି ସହଦେବ ଜୟସିଂହଙ୍କ ଅଧ୍ୟକ୍ଷତା ଓ କାର୍ଯ୍ୟକାରୀ ସଦସ୍ୟା ଶ୍ରୀମତୀ ମିନତି ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ,ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା,ଅନ୍ୟତମ ମୁଖ୍ୟ ଅତିଥି ଚଳଚିତ୍ର ଓ ଟିଭି ଧାରାବାହିକର ଅଭିନେତା ଜ୍ଞାନେନ୍ଦ୍ର ଓ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପୁଷ୍ପା ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦେଇ ଦୀର୍ଘ ବର୍ଷ ଧରି ଅନୁଷ୍ଠାନ ର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ସମ୍ପାଦିକା ସୁମିତ୍ରା ତ୍ରିପାଠୀ ବିବରଣୀ ପାଠ ରଖିଥିଲେ । ବରିଷ୍ଠ ସଂଯୋଜକ ସୁରେନ୍ଦ୍ର ସାହୁ ୫୩ ବର୍ଷର ଉନ୍ନତୀ ମୂଳକ କାର୍ଯ୍ୟ ବିଷୟରେ ବିବରଣୀ କରିଥିଲେ । ବରିଷ୍ଠ ସଂଯୋଜକ ଆଶିଷ ବେବର୍ତ୍ତା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅନୁଷ୍ଠାନର ପୂର୍ବତନ ସମ୍ପାଦକ ରମାବଲ୍ଲଭ ରଥଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରତିଷ୍ଠା ଦିବସ ଉପଲକ୍ଷେ ଶଶୀପ୍ରଭା ଦାସଙ୍କ ଦ୍ୱାରା ପ୍ରସ୍ତୁତ କେକ୍ କୁ ଅତିଥି ମାନେ କାଟିଥିଲେ । ସଭାପତି ସହଦେବ ଜୟସିଂହଙ୍କ ଅଭିଭାଷଣ ପରେ ଯୁଗ୍ମ ସମ୍ପାଦକ ସୁଦୀପ୍ତ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସରରେ ସମାଜସେବୀ ଜଗତ ମୋହନ ପଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ସୋଆରେ ଏଆଇ ସମ୍ପର୍କିତ ଭବିଷ୍ୟତ ରୂପରେଖ ଉପରେ ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ): ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଦ୍ୱାରା ପ୍ରବର୍ତିତ ପ୍ରଯୁକ୍ତି ପରିପ୍ରେକ୍ଷୀରେ ଆଗାମୀ ପୀଢ଼ିର ମ୍ୟାନେଜରମାନଙ୍କୁ



କିପରି ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ ସେ ବିଷୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ଠାରେ ନିକଟରେ ଏକ ଆନ୍ତର୍ଜାତିକ ଫ୍ୟାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ୟୁନାଇଟେଡ୍ କିଙ୍ଗଡମ୍ ସ୍ଥିତ କାନାରା ବ୍ୟାଙ୍କର ଏନ୍‌ଟରପ୍ରାଇଜ ରିସ୍କ ବ୍ୟାଙ୍କିଙ୍ଗ ମୁଖ୍ୟ ଶ୍ରୀମତି ଇପ୍‌ସିତା ପ୍ରଧାନ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ । ଶ୍ରୀମତି ପ୍ରଧାନ ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ସମ୍ପର୍କିତ ଆଶଙ୍କା ସମ୍ବଳିତ ପରିସ୍ଥିତିର କିପରି ସମ୍ମୁଖୀନ ହେବାକୁ ପଡ଼ିବ ସେ ବିଷୟରେ ବକ୍ତବ୍ୟ ରଖି ଅନେକ ଘଟଣାର ଉଲ୍ଲେଖ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଓ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ମଧ୍ୟ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ଏଫଡିପି କାର୍ଯ୍ୟକ୍ରମର ସଂଯୋଜନା ଆସୋସିଏଟ୍ ପ୍ରଫେସର ବିଭୁତି ଭୂଷଣ ମିଶ୍ର ଓ ଡ. ପ୍ରୀତି ୱାଇ ଷଡ଼ଙ୍ଗୀ କରିଥିଲେ । ଡକ୍ଟର ଧୃତିସୁନ୍ଦର ସାହୁ, ଆସୋସିଏଟ ପ୍ରଫେସର, ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ ଫୁଲନଖରା ଠାରେ ୧୦ମ ରାଜ୍ୟସ୍ତରୀୟ ସୋମି ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଫୁଲନଖରା ଠାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ - ୨ ଓ ସୋସାଇଟି ଅଫ୍ ମିଡୱାଇଭସ୍ ଇଣ୍ଡିଆ (ସୋମି), ଓଡିଶା ଶାଖାର ମିଳିତ ଆନୁକୂଲ୍ୟରେ



ମଙ୍ଗଳବାର ୧୦ମ ରାଜ୍ୟସ୍ତରୀୟ ସୋମି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଡାକ୍ତର ଶେଫାଳି ମଲ୍ଲିକ୍, ଓଡିଶା ସରକାରଙ୍କ ଅତିରିକ୍ତ ନିର୍ଦ୍ଦେଶିକା (ନର୍ସିଂ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମା ଓ ଶିଶୁର ମୃତ୍ୟୁହାରକୁ କିପରି ହ୍ରାସ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ମହିଳାମାନଙ୍କର ପ୍ରଜନନ କ୍ଷମତା ଉପରେ ଆଲୋଚନା କରି ସେ ପ୍ରସୂତିମାନେ କିଭଳି ସାଧାରଣ ଭାବେ ପ୍ରସବ କରିପାରିବେ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଏଥି ନିମନ୍ତେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ରଖିବା ଜରୁରୀ ସେ ବିଷୟରେ ଡାକ୍ତର ମଲ୍ଲିକ କହିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ଏହା ଏକ ଦକ୍ଷତା ଭିତିକ ସମ୍ମିଳନୀ ଯାହା ମାଧ୍ୟମରେ ନର୍ସିଂ ଅଫିସରମାନେ ପ୍ରଶିକ୍ଷିତ ହୋଇପାରିବେ ।

ଏପରି କର୍ମଶାଳା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇପାରିବ ବୋଲି ପ୍ରକାଶ କରି ପ୍ରଫେସର ନନ୍ଦ କହିଥିଲେ ଯେ ଏପର୍ଯ୍ୟନ୍ତ ସୋଆ ବିଶ୍ୱବିଦ୍ୟାଳୟରେ ୫୫୦ରୁ ଊର୍ଦ୍ଧ୍ୱ କର୍ମଶାଳା ଓ ଆଲୋଚନାଚକ୍ର ଓ ୯୦ରୁ ଅଧିକ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜିତ ହୋଇପାରିଛି। ଫୁଲନଖରା ସମ୍ ହସ୍ପିଟାଲ- ୨ର ଅତିରିକ୍ତ ନିର୍ଦ୍ଦେଶିକା ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ତାପସୀ ପତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ତଥା ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ଓ ସଂଯୋଜିକା ପ୍ରଫେସର (ଡ.) ପ୍ରଭାତୀ ତ୍ରିପାଠୀ ଓ ସୋମିର ସମ୍ପାଦିକା ଡ. ଅମ୍ରିତା ଲେଙ୍କା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ସୋମି ଓଡିଶାର ପ୍ରତିଷ୍ଠାତା ଅର୍ଗାନାଇଜିଂ ସେକ୍ରେଟେରୀ ଓ ସମ୍ ନର୍ସିଂ କଲେଜ -୨ ର ପ୍ରଫେସର(ଡ.) ଅନୁରାଧା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ ନର୍ସିଂ କଲେଜ -୨ ର ଟ୍ୟୁଟର ଶ୍ରୀମତି ଓମ୍ ଶୁଭଶ୍ରୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।


### ପ୍ରୟାସ ଫାଣ୍ଟାସି ଜରୁରୀ ହୈ ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ସନଫିଷ୍ଟ ଡାର୍କ ଫାଣ୍ଟାସି ତାହାର ସଦ୍ୟତମ ବ୍ରାଣ୍ଡ ପ୍ରୟାସ ଫାଣ୍ଟାସି ଜରୁରୀ ହୈ ଶୁଭାରମ୍ଭ କରିଛି, ଯାହାର କେନ୍ଦ୍ରସ୍ଥଳରେ ରହିଛି ଏକ ଉତ୍ସାହଜନକ ହିନ୍ଦୀ କବିତା, ଏବଂ ଏହା ଏକ ଚଳଚ୍ଚିତ୍ର ଆକାରରେ ଉପସ୍ଥାପନ କରାଯାଇଛି, ଯାହା କାଳ୍ପନିକ ଜଗତର ଅନେକ ଦିଗକୁ ଅନୁଧ୍ୟାନ କରୁଛି- ଏହା କଣ, ଏହା କେଉଁଠାରେ ରହିପାରିବ, ଏହା କିଭଳି ପ୍ରକାଶିତ ହୁଏ ଏବଂ ଆମ ଜୀବନ ପାଇଁ ଏହା କାହିଁକି ଅତ୍ୟାବଶ୍ୟକ । ଜାତୀୟ ପୁରସ୍କାର-ବିଜେତା ଗୀତିକାର ଏବଂ କଣ୍ଠଶିଳ୍ପୀ ସ୍ୱାନନ୍ଦ କିରକିରେଙ୍କ ଦ୍ୱାରା ଲିଖିତ ଏବଂ ବଲିଉଡ ବାଦଶାହ ଶାହରୁଖ ଖାଁଙ୍କ ଦ୍ୱାରା ଗାନ କରାଯାଇଥିବା ଏହି କବିତା ଶ୍ରୋତାମାନଙ୍କୁ ଦୈନନ୍ଦିନ ଗତାନୁଗତିକ ଜୀବନରୁ ଏକ ଅଦ୍ଭୁତ ଏବଂ ଚିନ୍ତନଶୀଳ ଯାତ୍ରାରେ ଫାଣ୍ଟାସିର ସୀମାହୀନ ସମ୍ଭାବନା ଆଡକୁ ନେଇଯାଉଛି । ନିଜର ବ୍ରାଣ୍ଡ ପ୍ରସ୍ତାବନା ହର ଦିଲ କି ଫାଣ୍ଟାସି ପ୍ରତି ସତ୍ୟନିଷ୍ଠ ହୋଇ ସନଫିଷ୍ଟ ଡାର୍କ ଫାଣ୍ଟାସି ଅନନ୍ତ ଉପାୟଗୁଡିକ ପାଳନ ଜାରି ରଖିଛି ଯେଉଁଥିରେ ଜନସାଧାରଣ କଳ୍ପନା କରନ୍ତି, ପଳାୟନ କରନ୍ତି ଏବଂ ଅଭିବ୍ୟକ୍ତ କରନ୍ତି- ସେହି ମୁହୂର୍ତ୍ତଗୁଡିକରେ ଉଭୟ ବୃହତ ଏବଂ କ୍ଷୁଦ୍ର ଆକାରରେ। ଟ୍ରାଫିକ ଭିଡ ଠାରୁ ନେଇ ଅଦେଖା ସଂଗ୍ରାମ ପର୍ଯ୍ୟନ୍ତ, ଅଫିସ ରୁଟିନରୁ ନେଇ ପରୀ ରାଇଜ- କାହାଣୀ ରୂପାନ୍ତରଣ ପର୍ଯ୍ୟନ୍ତ, ଏହି ଚଳଚ୍ଚିତ୍ର ଫାଣ୍ଟାସିର ଅଗଣିତ ଅବତାରକୁ ଧରି ରଖୁଛି ।

### ଡିଏଭି ଆଞ୍ଚଳିକ ନିର୍ଦ୍ଦେଶାଳୟ, ଓଡିଶା ଆନୁକୂଲ୍ୟରେ

## ପ୍ରଥମ ଥର ପାଇଁ ୨୦ଦିନିଆ ଆବାସିକ ଦକ୍ଷତା ଅଭିବୃଦ୍ଧି କାର୍ଯ୍ୟକ୍ରମ

ଭୁବନେଶ୍ୱର - (ସବ୍ୟୁ) : ଡିଏଭି ଆଞ୍ଚଳିକ ନିର୍ଦ୍ଦେଶାଳୟ, ଓଡିଶା ଆନୁକୂଲ୍ୟରେ ଉଚ୍ଚମାଧ୍ୟମିକ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ସର୍ବପ୍ରଥମ ଥର ପାଇଁ ଏକ ୨୦ଦିନିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଡିଏଭି ଚନ୍ଦ୍ରଶେଖରପୁର ପରିସରରେ ଉଦ୍‌ଘାଟିତ ହୋଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପରିବର୍ତ୍ତିତ ଶୈକ୍ଷିକ ଆବଶ୍ୟକତା ଓ ଦକ୍ଷତା ଅଭିବୃଦ୍ଧି ସହ ଜେଇଇ, ନିଟ ପରି ସର୍ବଭାରତୀୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ନିମନ୍ତେ ବିଦ୍ୟାର୍ଥୀଙ୍କୁ ପ୍ରସ୍ତୁତ କରାଇବା ତଥା ପାରସ୍ପରିକ ଜ୍ଞାନ ଆଦାନପ୍ରଦାନ ଲକ୍ଷ୍ୟରେ ଏହି ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ.ସି.ଶତପଥୀଙ୍କ ଦିଗ୍‌ଦର୍ଶନ ଓ ମୁଖ୍ୟ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ସ୍ତରୀୟ ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ଜୀବବିଜ୍ଞାନ ବିଷୟରେ ସମଗ୍ର ଓଡିଶାର ଡିଏଭି ଶିକ୍ଷାନୁଷ୍ଠାନ ଗୁଡିକରୁ ୨୧୦ରୁ ଅଧିକ ଶିକ୍ଷକଶିକ୍ଷୟିତ୍ରୀ ଏଥିରେ ସାମିଲ ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଅବସରପ୍ରାପ୍ତ ପ୍ରଶାସକ ତଥା ଡିଏଭି ଚନ୍ଦ୍ରଶେଖରପୁର ଚେୟାରମ୍ୟାନ ସନ୍ତୋଷ କୁମାର ଶତପଥୀ ନିରନ୍ତର ଜିଜ୍ଞାସାଭାବ ପୋଷଣ କରିବାକୁ ଅଂଶଗ୍ରହଣକାରୀଙ୍କୁ



ଆହ୍ୱାନ ଦେବା ସହ ଶିକ୍ଷାଦାନରେ ପୂର୍ଣ୍ଣ ସମର୍ପିତ ହେବାକୁ ପରାମର୍ଶ ଦେଇଥିଲେ। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ.ସି.ଶତପଥୀ ତାଙ୍କ ବକ୍ତବ୍ୟରେ ପ୍ରଶିକ୍ଷଣର ଅଭିଜ୍ଞତା ଶ୍ରେଣୀକକ୍ଷରେ ସଂପୂର୍ଣ୍ଣ ପ୍ରୟୋଗକରି ଧାର୍ଯ୍ୟ ଲକ୍ଷ୍ୟହାସଲ ଦିଗରେ ମନନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଆୟୋଜକ ବିଦ୍ୟାଳୟର ଅଧ୍ୟକ୍ଷା ତଥା ଆଞ୍ଚଳିକ ଅଧିକାରୀ ଡ.ସୁଜାତା ସାହୁ ଆବାସିକ ପ୍ରଶିକ୍ଷଣର ମୌଳିକ ଉଦ୍ଦେଶ୍ୟ ଅବତାରଣା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହକାରୀ ଆଞ୍ଚଳିକ ଅଧିକାରୀ ତଥା ୟୁନିଟ୍-୮ ଡିଏଭି ଅଧ୍ୟକ୍ଷା ଇପସିତା ଦାସଙ୍କ ସମେତ ଡିଏଭି ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷଅଧ୍ୟକ୍ଷାଗଣ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ଡିଏଭି ଏସସିବି ମେଡିକାଲ ପବ୍ଲିକ ସ୍କୁଲ, କଟକର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ୨୦ ଦିନିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୨୦୦ଘଣ୍ଟାରୁ ଊର୍ଦ୍ଧ୍ୱ ଶିକ୍ଷଣ ସମୟରେ ୪ଟି ବିଷୟରେ ୩.୫ ଘଣ୍ଟା ଲେଖାଏଁ ୧୪୦ଟି ଅଧିବେଶନ, ସାପ୍ତାହିକ ପରୀକ୍ଷା, ସର୍ବଭାରତୀୟ ପ୍ରବେଶିକା ପ୍ରଶ୍ନପତ୍ରକୁ ନେଇ ମଡେଲ ପରୀକ୍ଷଣ ଆଦି ସହ ଖ୍ୟାତିସମ୍ପନ୍ନ ବିଷୟବିଶାରଦଙ୍କ ଦ୍ୱାରା ବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଥିସହିତ ଅଂଶଗ୍ରହଣକାରୀଗଣ ୫୦ରୁ ଅଧିକ କାର୍ଯ୍ୟଫର୍ଦ୍ଦର ଆଲୋଚନା ଓ ସମାଧାନ କରିବେ । ଡିଏଭି ଆଞ୍ଚଳିକ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ପ୍ରତିବର୍ଷ ସମସ୍ତବର୍ଗର କର୍ମଚାରୀ, ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ଅଧ୍ୟକ୍ଷଅଧ୍ୟକ୍ଷାଙ୍କ ନିମନ୍ତେ ଉଜ୍ଜୀବନ କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣମାନ ନିୟମିତ ଆୟୋଜିତ ହୋଇଆସୁଛି। ଏହି ୨୦ଦିନିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗନେଇଥିବା ସମସ୍ତ କୃତୀ ଅଂଶଗ୍ରହଣକାରୀଙ୍କୁ ଉଦଯାପନୀ ଉତ୍ସବରେ ପ୍ରମାଣପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

# ବଢୁଛି ଆଣବିକ ଯୁଦ୍ଧ ଆଶଙ୍କା

ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ନେଇ ବିଶ୍ୱସ୍ତରରେ ଚିନ୍ତା ସୃଷ୍ଟି ହୋଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଆଣବିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ଧମକ ଦେଇଥିଲା । ଆମେରିକା ଏବଂ ଇସ୍ରାଏଲ ଭାରତକୁ ସମର୍ଥନ କରିଛନ୍ତି । କିନ୍ତୁ ଚୀନ୍ ପାକିସ୍ତାନ ସପକ୍ଷରେ ରହିଛି । ଯୁଦ୍ଧ ହେଲେ ଏହା କେବଳ ଭାରତ ପାକିସ୍ତାନ ମଧ୍ୟରେ ସୀମିତ ରହିବ ନାହିଁ। ଏହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ସମ୍ପ୍ରତି ବିଶ୍ୱରେ ୯ଟି ଆଣବିକ ଅସ୍ତ୍ରଶସ୍ତ୍ର ରଖିଥିବା ଦେଶ ରହିଛନ୍ତି । ସେସବୁ ଦେଶ ମଧ୍ୟରେ ଆମେରିକା, ଇସ୍ରାଏଲ, ଚୀନ୍, ଫ୍ରାନ୍ସ, ବ୍ରିଟେନ୍, ରୁଷିଆ, ଭାରତ, ପାକିସ୍ତାନ ଏବଂ ଉତ୍ତର କୋରିଆ ରହିଛନ୍ତ । ଚୀନ୍, ଉତ୍ତରକୋରିଆ ଏବଂ ପାକିସ୍ତାନକୁ ଛାଡିଦେଲେ ଅନ୍ୟ ସମସ୍ତ ଆଣବିକ ଶକ୍ତି ସମ୍ପନ୍ନ ଦେଶ ସହିତ ଭାରତର ଭଲ ସମ୍ପର୍କ ରହିଛି । ଯଦି ଯୁଦ୍ଧ ହୁଏ ତେବେ ଆମେରିକା ଏବଂ ଇସ୍ରାଏଲ ଭାରତକୁ ସମର୍ଥନ କରିବେ ବୋଲି ସଙ୍କେତ ଦେଇଛନ୍ତି । ମଙ୍ଗଳବାର ଆମେରିକା ସଦନର ଅଧ୍ୟକ୍ଷ ମାଇକ ଜନସନ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ନିନ୍ଦା କରିଛନ୍ତି । ଏହା ସହିତ ସେ କହିଛନ୍ତି ସମ୍ଭାବ୍ୟ ପ୍ରତିକୂଳ ସ୍ଥିତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଆବଶ୍ୟକ ସହାୟତା ଯୋଗାଇ ଦେବେ ।ଏଥିରୁ ସ୍ପଷ୍ଟ ହୋଇଛି, ଆମେରିକା ଭାରତ ସହିତ ରହିଛି । ସେହିପରି ଇସ୍ରାଏଲ ଭାରତକୁ ଖୋଲାଖୋଲି



ସମର୍ଥନ କରିଛି । କିଛି ଖବରରେ ଉଲ୍ଲେଖ କରାଯାଇଛି ଯେ, କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଏକ ଇସ୍ରାଏଲ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏଥିରୁ ସଙ୍କେତ ମିଳୁଛି ଇସ୍ରାଏଲ ଭାରତ ସପକ୍ଷରେ ରହିଛି । ତେବେ ଚୀନ୍ ପକ୍ଷରୁ ପାକିସ୍ତାନକୁ ସହଯୋଗ କରାଯିବାର ସମ୍ଭାବନା ରହିଛି । କାରଣ ପାକିସ୍ତାନରରେ ଚୀନର ବହୁ ପ୍ରକଳ୍ପ ଜାରି ରହିଛି । ଭାରତ ସହିତ ଯୁଦ୍ଧ ହେଲେ ଚୀନର ଆର୍ଥିକ କ୍ଷତି ହେବାର ଆଶଙ୍କା ରହିଛି ।ତେଣୁ ଚୀନ୍ ପାକିସ୍ତାନ ସପକ୍ଷରେ ରହିବାର ଆଶା ରହିଥିବା କୁହାଯାଉଛି । ସେହିପରି ଯୁଦ୍ଧ ସ୍ଥିତିରେ ଉତ୍ତରକୋରିଆ ମଧ୍ୟ ପାକିସ୍ତାନକୁ ସହଯୋଗ କରିପାରେ ବୋଲି ଅନୁମାନ କରାଯାଉଛି ।କେତେକ ଆଣବିକ ଶକ୍ତି ସମ୍ପନ୍ନ ଦେଶ ଯୁଦ୍ଧକୁ ଏଡାଇବା ସହିତ ଉଭୟ ଦେଶ ସଂଯମତା ପ୍ରଦର୍ଶନ କରିବା ଜରୁରୀ ବୋଲି ଜୋର୍ ଦେଉଛନ୍ତି । ଫ୍ରାନ୍ସ, ବ୍ରିଟେନ୍ ଏବଂ ରୁଷିଆ ଭାରତ ଏବଂ ପାକିସ୍ତାନକୁ ଯୁଦ୍ଧରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି । ଫ୍ରାନ୍ସ, ବ୍ରିଟେନ୍ ଏବଂ ରୁଷିଆର ଉଭୟ ଭାରତ ଏବଂ ପାକିସ୍ତାନ ସହିତ ଭଲ ସମ୍ପର୍କ ରହିଛି ।

## ରାୱଲପିଣ୍ଡିରେ ଜରୁରୀକାଳୀନ ପରିସ୍ଥିତି



ଇସଲାମାବାଦ:ରାୱଲପିଣ୍ଡି ସହରରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ପ୍ରସ୍ତୁତି ଆରମ୍ଭ କରିଥିବା ପରିପ୍ରେକ୍ଷୀରେ ପାକିସ୍ତାନ ଏଭଳ ନିଷ୍ପତ୍ତି ନେଇଛି । ଭାରତ ପ୍ରଥମେ ପାକିସ୍ତାନକୁ ହାତରେ ନମାରି ଭାତରେ ମାରିବାକୁ ଯୋଜନା କରିଛି । ଏନେଇ ଭାରତ ପକ୍ଷରୁ ଜମ୍ମୁ-କଶ୍ମୀରରେ ବଗଲିହାର ଏବଂ ସିୟାଲ ଡ୍ୟାମ୍ର ଗେଟ୍ ବନ୍ଦ କରାଯିବା ପରେ ଚେନାବ ନଦୀରେ ପ୍ରବାହିତ ଜଳସ୍ତର କମିବାରେ ଲାଗିଛି ।

ପାକିସ୍ତାନକୁ ପ୍ରବାହିତ ହେଉଥିବା ଜଳ ବନ୍ଦ ହୋଇଯାଇଛି । ଫଳରେ ଚେନାବର ଜଳସ୍ତର ୨୨ ଫୁଟରୁ କମି ୧୫ ଫୁଟ ହୋଇଯାଇଛି ।ଗତ ୨୪ ଘଣ୍ଟାରେ ଜଳସ୍ତର ୭ ଫୁଟ କମିଛ । ଫଳରେ ୩ କୋଟିରୁ ଅଧିକ ଜନସଂଖ୍ୟା ବାସ କରୁଥିବା ଅଞ୍ଚଳ ପାଇଁ ଜଳ ସଙ୍କଟ ସୃଷ୍ଟି ହୋଇଛି । ଫଳରେ ପୂର୍ବରୁ ଜଳ ସଙ୍କଟ ରହିଥିବା ରାୱଲପିଣ୍ଡି ସହରରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି । ପାକିସ୍ତାନର ଜଳ ଏବଂ ପରିମଳ ସଂସ୍ଥା ଅନୁସାରେ ଖାନପୁର ଡ୍ୟାମରେ ମାତ୍ର ଏକମାସର ପାଣି ରହିଛି । ସେହିପରି ରାୱଲ ଡ୍ୟାରେ ୩ ମାସ ପାଇଁ ପାଣି ରହିଛି । ଏହା ସହିତ ମରୁଡ଼ି ସ୍ଥିତି ଏବଂ ଲଗାତାର କମ୍ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ଅଧିକ ଉତ୍କଟ ହେବାରେ ଲାଗିଛି । ରାୱଲପିଣ୍ଡି ସହରର ଦୈନିକ ଜଳ ଆବଶ୍ୟକତା ୫୦ ନିୟୁତ ଗ୍ୟାଲନ ରହିଛି । କିନ୍ତୁ ଜଳ ଏବଂ ପରିମଳ ସଂସ୍ଥା ପକ୍ଷରୁ ସହରକୁ ୩୦ ନିୟୁତ ଗ୍ୟାଲନ ଯୋଗାଇ ଦିଆଯାଉଛ । ଫଳରେ ସହରରେ ଦୈନିକ ୨୦ ନିୟୁତ ଗ୍ୟାଲନ ଜଳର ଅଭାବ ରହିଛି ।ସହର ପ୍ରଶାସନ ଅନୁସାରେ ଜନସଂଖ୍ୟା ବୃଦ୍ଧି, ବ୍ୟବସାୟ ଅନୁଷ୍ଠାନ ବଢିବା ଯୋଗୁ ସହରରେ ଜଳର ଅଭାବ ଦେଖାଦେଇଛି । ଅନ୍ୟପକ୍ଷରେ ବର୍ଷାର ଆଶା କ୍ଷୀଣ ରହିଥିବା ବେଳେ ଭାରତ ପକ୍ଷରୁ ଜାରି ରହିଥିବା ପରୋକ୍ଷ ଯୁଦ୍ଧ ସହରର ସ୍ଥିତିକୁ ଅଧିକ ସଙ୍କଟଜନକ କରିଥିବା ସହର ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ମସ୍କୋ ଯାଉଥିବା ବିମାନରେ ଧୂଆଁ

### ଦିଲ୍ଲୀ ଏୟାରପୋର୍ଟରେ ହାଇ ଆଲର୍ଟ

ନୂଆଦିଲ୍ଲୀ : ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି । ମଙ୍ଗଳବାର ଅପରାହ୍ନ ପ୍ରାୟ ୩:୫୦ ସମୟରେ ବ୍ୟାଙ୍କକରୁ ମସ୍କୋ ଯାଉଥିବା ଏରୋଫ୍ଲୋଟ୍ ବିମାନ ଏସୟୁ ୨୭୩ ର କ୍ୟାବିନରେ ଧୂଆଁ ବାହାରିବା ପରେ ବିମାନବନ୍ଦରରେ



ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ବ୍ୟାଙ୍କକରୁ ମସ୍କୋ ଯାଉଥିବା ଏହି ବିମାନରେ ପ୍ରାୟ ୪୨୫ ଜଣ ଯାତ୍ରୀ ଥିଲେ । ଦିଲ୍ଲୀ ବିମାନବନ୍ଦର ସୂତ୍ରରୁ ଜଣାପଡ଼ିଛି ଯେ ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ଦିଲ୍ଲୀ ଏୟାରପୋର୍ଟର ଜଣେ ଅଧିକାରୀ ଗଣମାଧମକୁ କହିଛନ୍ତି ଯେ ବିମାନରେ ଥିବା ସମସ୍ତ ୪୨୫ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି ଓ ସେମାନଙ୍କୁ ବିମାନକୁ ଓହ୍ଲାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ବିମାନ ନିରାପତ୍ତା ପ୍ରୋଟୋକଲ ଅନୁସାରେ ସମସ୍ତ ପ୍ରକାରର ସତର୍କତାମୂଳକ ପଦକ୍ଷେପ ନିଆଯାଉଛି । ଘଟଣାସ୍ଥଳରେ ଟେକନିକାଲ ଟିମ ଓ ବିମାନବନ୍ଦରର ଦମକଳ ବାହିନୀ ପହଞ୍ଚିଛନ୍ତି ବୋଲି ସୂଚନା ମିଳିଛି ।

## ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ

ନୂଆଦିଲ୍ଲୀ:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁକେ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର୍ ଆଜି ଟେଲିଫୋନରେ କଥାବାର୍ତ୍ତା କରିଛନ୍ତି । ଦୁଇ ଦେଶ ମଧ୍ୟରେ ମହତ୍ୱାକାଂକ୍ଷୀ ଏବଂ ପାରସ୍ପରିକ ଲାଭଦାୟକ ମୁକ୍ତ ବାଣିଜ୍ୟ ରାଜିନାମା ଏବଂ ଦ୍ୱୈତ ଯୋଗଦାନ ଚୁକ୍ତି ଚୂଡ଼ାନ୍ତ ହୋଇଥିବାରୁ ତାହାକୁ ଦୁଇ ନେତା ସ୍ୱାଗତ କରିଥିଲେ । ଉଭୟ ନେତା ଏହାକୁ ଦ୍ୱିପାକ୍ଷିକ ବ୍ୟାପକ ରଣନୈତିକ ସହଭାଗୀତାରେ ଏକ ଐତିହାସିକ ସଫଳତା ଭାବରେ ବର୍ଣ୍ଣନା କରିଛନ୍ତି । ଏହା ଉଭୟ ଦେଶର ଅର୍ଥନୀତିରେ ବାଣିଜ୍ୟ, ନିବେଶ, ନବସୃଜନ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ । ଦୁଇ ପ୍ରଧାନମନ୍ତ୍ରୀ ସହମତ ହୋଇଥିଲେ ଯେ ବିଶ୍ୱର ଦୁଇଟି ବୃହତ୍ ଏବଂ ମୁକ୍ତ ବଜାର ଅର୍ଥନୀତି ମଧ୍ୟରେ ଏହି ଐତିହାସିକ ଚୁକ୍ତି ବ୍ୟବସାୟ ପାଇଁ ନୂତନ ସୁଯୋଗ ଖୋଲିବ, ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ



ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଘନିଷ୍ଠ କରିବ । ପ୍ରଧାନମନ୍ତ୍ରୀ ଷ୍ଟାରମର୍ କହିଛନ୍ତି ଯେ ସମଗ୍ର ବିଶ୍ୱର ଅର୍ଥନୀତି ସହିତ ମେଣ୍ଟକୁ ସୁଦୃଢ଼ କରିବା ଏବଂ ବାଣିଜ୍ୟ ପ୍ରତିବନ୍ଧକ ହ୍ରାସ କରି ଏକ ଶକ୍ତିଶାଳୀ ଏବଂ ଅଧିକ ସୁରକ୍ଷିତ ଅର୍ଥନୀତି ପ୍ରଦାନ କରିବା ପାଇଁ ସେମାନଙ୍କ ପରିବର୍ତ୍ତନ ଯୋଜନାର ଏକ ଅଂଶ ଅଟେ ।

ଭାରତ ଏବଂ ବ୍ରିଟେନ ମଧ୍ୟରେ ଅର୍ଥନୈତିକ ଏବଂ ବାଣିଜ୍ୟିକ ସମ୍ପର୍କବୃଦ୍ଧି କ୍ରମଶଃ ସୁଦୃଢ଼ ଏବଂ ବହୁମୁଖୀ ଭାଗିଦାରୀର ମୂଳଦୁଆ ହୋଇ ରହିବ ବୋଲି ଦୁଇ ନେତା ସହମତ ହୋଇଥିଲେ । ଦ୍ରବ୍ୟ ଓ ସେବା ବାଣିଜ୍ୟକୁ ଅନ୍ତର୍ଭୁକ୍ତ କରି ଏକ ସନ୍ତୁଳିତ, ସମାନ ଏବଂ ଉଚ୍ଚାକାଂକ୍ଷୀ ଏଫଟିଏ ପ୍ରଣୟନ ଦ୍ୱିପାକ୍ଷିକ ବାଣିଜ୍ୟକୁ ଯଥେଷ୍ଟ ବୃଦ୍ଧି କରିବ, ନିଯୁକ୍ତି ପାଇଁ ନୂତନ ମାର୍ଗ ସୃଷ୍ଟି କରିବ, ଜୀବନଧାରଣମାନ ବୃଦ୍ଧି କରିବ ଏବଂ ଉଭୟ ଦେଶର ନାଗରିକଙ୍କ ସାମଗ୍ରିକ କଲ୍ୟାଣରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ ଉଭୟ ପ୍ରଧାନମନ୍ତ୍ରୀ ପରସ୍ପର ସହ ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ ।

## ଭାରତ ହେବ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି

ନୂଆଦିଲ୍ଲୀ: ଭାରତୀୟ ଅର୍ଥନୀତି ଚଳିତ ବର୍ଷ ଶେଷସୁଦ୍ଧା ଜାପାନକୁ ପଛରେ ପକାଇ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି ହେବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ) ପୂର୍ବାନୁମାନ କରିଛି । ଆଇଏମଏଫ ଦ୍ୱାରା ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଆଉଟଲୁକ ଏପ୍ରିଲ ୨୦୨୫ ରେ ଏହି ସୂଚନା ଦିଆଯାଇଛି । ରିପୋର୍ଟରେ କୁହାଯାଇଛି ଯେ ୨୦୨୫ ରେ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପି ୪,୧୮୭.୦୧୭ ବିଲିୟନ ଡଲାରକୁ ବୃଦ୍ଧି ପାଇବ । ସେହି ସମୟରେ, ଜାପାନର ଜିଡିପିର ଆକାର ୪,୧୮୬.୪୩୧ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛିଛ ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି । ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି ।ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି । ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି ।ଆଇଏମଏଫର ଆକଳନ ଅନୁଯାୟୀ, ଭାରତ ଆଗାମୀ କିଛିବର୍ଷରେ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ । ୨୦୨୭ ସୁଦ୍ଧା ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ଅତିକ୍ରମ କରିପାରିବ ଏବଂ ଏହି ସମୟ ମଧ୍ୟରେ ଏଉଚ ଆକାର ୫,୦୬୯.୪୭ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ସେହିପରି, ୨୦୨୮ ସୁଦ୍ଧା, ଭାରତର ଏଉଚ ଆକାର ୫,୫୮୪.୪୭୬ ବିଲିୟନ ଡଲାର ହେବ, ଯେଉଁଠାରେ ଏହି ସମୟ ମଧ୍ୟରେ, ଜର୍ମାନୀର ଜିଡିପିର ଆକାର ୫,୨୫୧.୯୨୮ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି ।

## ନିଟ୍ ପରୀକ୍ଷାରେ ଫେଲ୍ ଆଶଙ୍କାରେ ୨ଜଣଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ୍: ପରୀକ୍ଷା ଦେବାର ଗୋଟିଏ ଦିନ ପରେ ଫେଲ୍ ହେବା ଭୟରେ ଦୁଇ ଜଣ ନିଟ୍ ଆଶାୟୀ ଆତ୍ମହତ୍ୟା କରିଛନ୍ତି। ଜଙ୍ଗା ପୂଜା ଏବଂ ରାୟି ମନୋଜ କୁମାର ତେଲେଙ୍ଗାନାର ହୋଇଥିବା ବେଳେ ସେମାନେ ଫଳାଫଳ ବାହାରିବା ପୂର୍ବରୁ ହିଁ ଫାଶୀ ଲଗାଇ ଜୀବନ ହାରିଥିବା ଜାଣିବାକୁ ମିଳିଛି। ଜଗତିଆଲ ଜିଲ୍ଲାର ଜଙ୍ଗା ପୂଜା ପ୍ରଥମ ଥର ପାଇଁ ୨୦୨୩ ମସିହାରେ ନିଟ୍ ପରୀକ୍ଷା ଦେଇଥିଲେ। ସେଥିରେ ସେ ଆଶାନୁରୁପ ରାଙ୍କ୍ ରଖି ପାରିନଥିଲେ। ଏହାପରେ ସେ ପ୍ରବେଶିକା ପରୀକ୍ଷାରେ ଭଲ କରିବା ଆଶାରେ ଭଲ ପ୍ରସ୍ତୁତି ପାଇଁ ଏକ କୋଚିଂ କ୍ଲାସରେ ନାମ ଲେଖାଇଥିଲେଛ ଜଙ୍ଗା ଚଳିତବର୍ଷ ମେ ୪ ତାରିଖରେ ପୁଣି ଥରେ ପରୀକ୍ଷା ଦେଇଥିଲେଛହେଲେ ସେ ଭୟଭୀତ ଥିଲେ। ସେ ଘରକୁ ଫେରିବା ପରେ ତାଙ୍କ ଉତ୍ତରଗୁଡ଼ିକୁ କ୍ରସ-ଚେକ୍ କରିଥିଲେ ଏବଂ ଭାବିଥିଲେ ଯେ ସେ ଏଥର ମଧ୍ୟ ଭଲ ରାଙ୍କ ପାଇବେ ନାହିଁଛ ସେଥିପାଇଁ ସେ ଜୀବନ ହାରିବାକୁ ଚିନ୍ତା କରିଥିଲେଛ ତେଲେଙ୍ଗାନାର ଆଦିଲାବାଦ ଜିଲ୍ଲାର ଆଉ ଜଣେ ନିଟ୍ ଆଶାୟୀ ରାୟି ମନୋଜ କୁମାର ମଧ୍ୟ ନିଟ୍ ପରୀକ୍ଷାରେ ଭଲ ପ୍ରଦର୍ଶନ ନକରିବା ଆଶଙ୍କା କରି ଜୀବନ ହାରିଛନ୍ତି।

## ଷ୍ଟକ ମାର୍କେଟ୍ ଉପରେ ପ୍ରଭାବ

କରାଚୀ/ମୁମ୍ବାଇ : ପାକିସ୍ତାନର ବୃହତ୍ତମ ଷ୍ଟକ ବଜାର କରାଚୀ ଷ୍ଟକ ଏକ୍ସଚେଞ୍ଜରେ ସୂଚକାଙ୍କ ପହଲଗାମ ଆକ୍ରମଣ ପରଠାରୁ ଏପର୍ଯ୍ୟନ୍ତ ୩.୭ ପ୍ରତିଶତ ହ୍ରାସ ପାଇଛି । କିନ୍ତୁ ସମ୍ଭାବ୍ୟ ଯୁଦ୍ଧର କୌଣସି ପ୍ରଭାବ ଭାରତୀୟ ଷ୍ଟକ ବଜାର ଉପରେ ଦେଖାଯାଇନାହିଁ, ଯେପରିକି, ଭାରତୀୟ ଷ୍ଟକ ବଜାର ସେନାର କ୍ଷମତାକୁ ନେଇ ସଂପୂର୍ଣ୍ଣ ନିଶ୍ଚିନ୍ତ ଅଛି । କାରଣ ପହଲଗାମ ଆକ୍ରମଣପରଠାରୁ ସେନସେକ୍ସ ପ୍ରାୟ ୧.୫ ପ୍ରତିଶତ ବୃଦ୍ଧି ପାଇଛି। କରାଚୀ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ କେଏସଇ-୧୦୦ ମଙ୍ଗଳବାର ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆକ୍ରମଣ ପରଠାରୁ ଏପର୍ଯ୍ୟନ୍ତ ୩.୭ ପ୍ରତିଶତ ହ୍ରାସ ପାଇଛି । କେବଳ ଏପ୍ରିଲ ୩୦ରେ ଏହା ପ୍ରାୟ ୩ ପ୍ରତିଶତ ହ୍ରାସ ପାଇଥିଲା । ମେ ୨ରେ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଦେଇଥିଲେ ବି ତାପରଠାରୁ ସୂଚକାଙ୍କ ହ୍ରାସ ପାଇଚାଲିଛି । କରାଚୀ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ କେଏସଇ-୧୦୦ ମଙ୍ଗଳବାର ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆକ୍ରମଣ ପରଠାରୁ ଏପର୍ଯ୍ୟନ୍ତ ୩.୭ ପ୍ରତିଶତ ହ୍ରାସ ପାଇଛି ।



## ପାକ୍ ସୀମାରେ ବାୟୁସେନା ସମରାଭ୍ୟାସ ଆଜି

ନୂଆଦିଲ୍ଲୀ, ୬।୫ : ଭାରତୀୟ ବାୟୁସେନା ପକ୍ଷରୁ ରାଜସ୍ଥାନର ପାକିସ୍ତାନ ନିକଟବର୍ତ୍ତୀ ଅନ୍ତର୍ଜାତୀୟ ସୀମା ନିକଟରେ ଆସନ୍ତା କାଲି ଠାରୁ ସମରାଭ୍ୟାସ କରାଯିବ । ଏ ସମ୍ପର୍କରେ ନୋଟିସ୍ ଟୁ ଏୟାର ମ୍ୟାନ୍ ଇସୁ (ନୋଟାମ୍) ମଙ୍ଗଳବାର ସନ୍ଧ୍ୟାରେ ଦିଆଯାଇଛି । ବୁଧବାର ୯.୩୦ରେ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହେବ ।

ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ପକ୍ଷରୁ ସାମରିକ ପ୍ରସ୍ତୁତିର ଏହା ଅଂଶ ବିଶେଷ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ବୁଧବାର ସବୁ ରାଜ୍ୟକୁ ମକ୍ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାକିସ୍ତାନ ସହ ଭାରତର ଏବେ ଆତଙ୍କୀ ଆକ୍ରମଣ ପରେ ଉତ୍ତେଜନା ବଢ଼ିଛି । ଯାହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ ହୋଇଛି । ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲଙ୍କୁ ସାକ୍ଷାତ କରିଥିଲେ ।

## ପାକ୍‌ର 'ଫତହ' କ୍ଷେପଣାସ୍ତ୍ର ପରୀକ୍ଷା



ନୂଆଦିଲ୍ଲୀ: ପାକିସ୍ତାନ ସୋମବାର ଭୂପୃଷ୍ଠରୁ ଭୂପୃଷ୍ଠକୁ କ୍ଷେପଣ କରାଯାଇ ପାରୁଥିବା ୧୨୦ କିଲୋମିଟର ଦୂରତା ବିଶିଷ୍ଟ 'ଫତହ' କ୍ଷେପଣାସ୍ତ୍ରର ପରୀକ୍ଷା କରିଛି। ସୈନ୍ୟଙ୍କ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ କ୍ଷେପଣାସ୍ତ୍ରର ଉନ୍ନତ ନେଭିଗେସନ୍ ସିଷ୍ଟମ୍ ଓ ସଠିକତା ବୃଦ୍ଧି ସମେତ ପ୍ରମୁଖ ବୈଷୟିକ ମାନଦଣ୍ଡଗୁଡ଼ିକୁ ଯାଞ୍ଚ କରିବା ଏହି ପରୀକ୍ଷଣର ଉଦ୍ଦେଶ୍ୟ ଥିଲା ବୋଲି ପାକ୍ ସେନାବାହିନୀ ପକ୍ଷରୁ କୁହାଯାଇଛି। ଏଥିରେ ଭାଗ ନେଇଥିବା ଯବାନ, ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ଯୁଗ୍ମ ଚିଫ୍ ଅଫ୍ ଷ୍ଟାଫ୍ କମିଟି ମୁଖ୍ୟ ଓ ସେନାମୁଖ୍ୟ ଅଭିନନ୍ଦନ ଜଣାଇଛନ୍ତି। ପାକିସ୍ତାନର ଆଞ୍ଚଳିକ ଅଖଣ୍ଡତା ବିରୋଧରେ ଯେକୌଣସି ଆକ୍ରମଣକୁ ପ୍ରତିହତ କରିବା ପାଇଁ ପାକିସ୍ତାନ ସେନାର ଅପରେସନଲ ପ୍ରସ୍ତୁତି ଓ ବୈଷୟିକ ଦକ୍ଷତା ଉପରେ ସେମାନେ ପୂର୍ଣ୍ଣ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଗତ ୩ ଦିନ ଭିତରେ ପାକିସ୍ତାନ ସେନାର ଏହା ଦ୍ୱିତୀୟ କ୍ଷେପଣାସ୍ତ୍ର ପରୀକ୍ଷଣ। ଏହା ପୂର୍ବରୁ ଶନିବାର ପାକ୍ ସେନା ୪୫୦ କିଲୋମିଟର ଦୂରତା ବିଶିଷ୍ଟ ଅବ୍ଦାଲି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ପରୀକ୍ଷା କରିଥିଲା।

## ଶେଷ ପର୍ଯ୍ୟାୟରେ 'ଗଗନଯାନ' କାର୍ଯ୍ୟକ୍ରମ

ଭାରତର ପ୍ରଥମ ମାନବ ମହାକାଶ ଅଭିଯାନ 'ଗଗନଯାନ' କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ପ୍ରବେଶ କରିଛ । ୨୦୨୭ର ପ୍ରଥମ ତ୍ରୟମାସରେ ଏହାର ଉଡ଼ାଣ ନିର୍ଦ୍ଧାରିତ ହୋଇଛି । କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଣବିକ ଶକ୍ତି ବିଭାଗ, ମହାକାଶ ବିଭାଗ, କାର୍ମିକ, ଜନ ଅଭିଯୋଗ ଏବଂ ପେନସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀର ନେସନାଲ ମିଡିଆ ସେଣ୍ଟରରେ ଗଣମାଧମକୁ ଏହି ସୂଚନା ଦେଇଛନ୍ତି । ଏହି ଅବସରରେ ସେ ମିଶନର ବର୍ତ୍ତମାନର ସ୍ଥିତି, ବୈଷୟିକ ପ୍ରଗତି ଏବଂ ଭାରତର ମିତବ୍ୟୟୀ ମହାକାଶ କାର୍ଯ୍ୟକ୍ରମରୁ ମିଳୁଥିବା ଆର୍ଥିକ ଲାଭ ବିଷୟରେ ମଧ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଇସ୍ରୋର ଅଧ୍ୟକ୍ଷ ତଥା ମହାକାଶ ବିଭାଗର ସଚିବ ଡକ୍ଟର ଭି. ନାରାୟଣନ ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ ।




ଡକ୍ଟର ସିଂହ କହିଥିଲେ ଯେ ଚଳିତ ବର୍ଷ ପ୍ରାରମ୍ଭରେ ଟିଭି-ଡି ୱାନ୍ ଅଭିଯାନ ଏବଂ ପ୍ରଥମ ମାନବବିହୀନ ପରୀକ୍ଷଣ ଯାନ ଏବୋର୍ଟ ଅଭିଯାନ ସଫଳ ସମାପନ ଆଗାମୀ ପରୀକ୍ଷଣ କାର୍ଯ୍ୟକ୍ରମ ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇଛି । ଦ୍ୱିତୀୟ ପରୀକ୍ଷଣ ଯାନ ମିଶନ (ଟିଭି-ଡି ଟୁ)ର ଶୁଭାରମ୍ଭ ୨୦୨୫ ମସିହା ଶେଷରେ ଧାର୍ଯ୍ୟ ହୋଇଛି । ଏହା ପରେ ଗଗନଯାନର ମାନବବିହୀନ କକ୍ଷପଥ ଉଡ଼ାଣ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ୨୦୨୭ ମସିହାରେ ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ସହିତ ସମାପ୍ତ ହେବ, ଯାହା ଭାରତୀୟ ମହାକାଶଚାରୀମାନଙ୍କୁ ଭାରତ ମାଟିରୁ ଏକ ଭାରତୀୟ ରକେଟରେ ପୃଥିବୀର କକ୍ଷପଥକୁ ପଠାଇବ ।

ଇସ୍ରୋ ଅଧ୍ୟକ୍ଷ ଏହା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଗଗନଯାନ ଭାରତକୁ ଏକ ଆତ୍ମନିର୍ଭରଶୀଳ ମହାକାଶ ଶକ୍ତି ଭାବେ ଉଭା ହେବାରେ ସାହାଯ୍ୟ କରିବାକୁ ଯାଉଛି, ଯାହା ଏକ ନୂଆ ପିଢ଼ିର ବୈଜ୍ଞାନିକ, ଇଞ୍ଜିନିୟର ଏବଂ ଉଦ୍ୟୋଗୀମାନଙ୍କୁ ପ୍ରେରଣା ଦେଉଛି ।

## ପାକିସ୍ତାନରେ ଲକ୍‌ଡାଉନ୍ ଭଳି ସ୍ଥିତି

ଇସଲାମାବାଦ : ପହଲଗାମ ଆକ୍ରମଣର ପ୍ରତିଶୋଧ ନେବାକୁ ଭାରତ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ପାକିସ୍ତାନରେ ଚର୍ଚ୍ଚା ହେଉଛି। ଭାରତର ସମ୍ଭାବ୍ୟ ଆକ୍ରମଣ ନେଇ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଅଧିକ ଆତଙ୍କ ସୃଷ୍ଟି ହୋଇଛି। ଫଳରେ ପିଓକେର ନୀଲମ୍ ଘାଟିରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇ ଯାଇଛି। ରାତିରେ ସମ୍ଭାବ୍ୟ ଆକ୍ରମଣରୁ ସୁରକ୍ଷିତ ରହିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ଲାକ୍‌ଆଉଟ୍ ଘୋଷଣା କରାଯାଇଛି। ସ୍ଥାନୀୟ ମିଡିଆ ଅନୁସାରେ ପିଓକେ ପ୍ରଶାସନ ରାତିରେ ବିଦ୍ୟୁ କାଟ୍ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବଡ଼ ଧରଣର ଆକ୍ରମଣ ପାଇଁ ଏଭଳି ବ୍ଲାକ୍‌ଆଉଟ୍ ଘୋଷଣା କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଭାରତ ଆକ୍ରମଣ ଭୟ ଯୋଗୁ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନ ଶିଳ୍ପ ଠପ୍ ହୋଇ ଯାଇଛି। ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଛି। ନୀଲମ୍ ଘାଟିରେ ପ୍ରାୟ ୨ ଲକ୍ଷ ଲୋକ ବାସ କରନ୍ତି। ପାକିସ୍ତାନ ପିଓକେ ଅଧିକାର କରିଥିବାରୁ ଏହି ଘାଟି ଭାରତ ହାତରୁ ଶତ୍ରୁ ପଟକୁ ଚାଲି ଯାଇଛି। ପହଲଗାମ ଆକ୍ରମଣ ପରେ ନୀଲମ୍ ଘାଟିରେ ରାସ୍ତାଘାଟରେ ଲୋକ ଚଳପ୍ରଚଳ ହେଉ ନାହାନ୍ତି। ମସ୍ତଙ୍କୁ ଘରେ ରହିବାକୁ ଅବା ବଙ୍କରରେ ପରାମର୍ଶ



ଦିଆଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଲକଡାଉନ୍ ଭଳି ସ୍ଥିତି ସୃଷ୍ଟି ହୋଇଛି। ସୀମା ନିକଟବର୍ତ୍ତୀ ଲୋକେ ଜୀବନ ଭୟରେ ବଙ୍କରରେ ରହୁଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି।

# ବିହାର ଛାଡିବେ ବୈଭବ

ନୂଆଦିଲ୍ଲୀ, ୬।୫ (ଏଜେନ୍ସି): ଆଇପିଏଲ୍‌ର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ସବୁଆଡେ ଚର୍ଚ୍ଚା । ସେ ୩୫ ବଲ୍‌ରୁ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସବୁଠୁ ଅଧିକ ଖୁସି ହୋଇଛନ୍ତି ବୈଭବଙ୍କ ଜନ୍ମସ୍ଥାନ ବିହାରର ଲୋକେ। ତଥାପି ଏବେ ଖବର ଆସୁଛି ଯେ ସେ ବିହାର ଛାଡିବାକୁ ଯାଉଛନ୍ତି। ବିହାରରୁ ଖେଳୁଥିବା ବୈଭବ ୫ଟି ପ୍ରଥମ ଶ୍ରେଣୀ ଏବଂ ୬ଟି ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି। ଏଥିରେ ସେ ଯଥାକ୍ରମେ ୧୦୦ ଏବଂ ୧୩୨ ରନ୍ କରିଥିଲେ। କମ୍ ବୟସ



ହେତୁ ଚର୍ଚ୍ଚାରେ ଆସିଥିବା ବୈଭବ ଏବେ ତାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ଚେହେରା ପାଲଟିଛନ୍ତି। ରାତାରାତି ଷ୍ଟାର୍ ବନିଥିବା ବୈଭବଙ୍କୁ ଏବେ ଚାରିଆଡୁ ଅଫର ଆସୁଛି। ସମ୍ଭବତଃ ସେ ବିହାର ଛାଡି ଅନ୍ୟତ୍ର ଖେଳି ପାରନ୍ତି। ବୈଭବଙ୍କ ବିହାର ଛାଡିବା ସମ୍ପର୍କରେ କୌଣସି ଅଫିସିଆଲ୍ ସୂଚନା ଆସିନାହିଁ। ତେବେ ବଙ୍ଗଳା କ୍ରିକେଟ୍ ବୋର୍ଡ ପକ୍ଷରୁ ବୈଭବଙ୍କୁ ଖେଳିବା ନେଇ ପ୍ରସ୍ତାବ ମିଳିଛି। କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ୍ କହିଛି ଯେ ଯଦି ବୈଭବ ବିହାର ବଦଳରେ ବଙ୍ଗଳାରୁ ଖେଳନ୍ତି ତେବେ ଭାରତୀୟ ଚୟନକର୍ତ୍ତାମାନେ ତାଙ୍କ ଉପରେ କଡା ନଜର ରଖିବେ। ଫଳରେ ସେ ଟିମ୍ ଇଣ୍ଡିଆରେ ପହଞ୍ଚିବା ସହଜ ହେବ।

ବୈଭବ ବିହାର ଛାଡି ବେଙ୍ଗଲ୍ ପାଇଁ ଖେଳିବେ କି ନାହିଁ ତାହା କିଛି ଦିନ ମଧ୍ୟରେ ସ୍ପଷ୍ଟ ହେବ। କିନ୍ତୁ ଯଦି ସେ ଏହା କରନ୍ତି ସେ ପ୍ରଥମ ଖେଳାଳି ହେବେ ନାହିଁ ଯିଏକି ବିହାର ଛାଡି ଅନ୍ୟ ବୋର୍ଡରେ ଖେଳିବେ। ଇସାନ୍ କିଶାନ୍ ମଧ୍ୟ ଝାଡଖଣ୍ଡରୁ ଖେଳିବାକୁ ଯାଇଥିଲେ। ମୁକେଶ କୁମାର ଏବଂ ଆକାଶ ଦିପ୍ ମଧ୍ୟ ବିହାର ଛାଡି ବେଙ୍ଗଲ୍‌ରେ ଖେଳିଥିଲେ। ସବା କରିମ୍ ବିହାରର ହୋଇ ମଧ୍ୟ ବେଙ୍ଗଲରୁ କ୍ରିକେଟ୍ ଖେଳି ଟିମ୍ ଇଣ୍ଡିଆ ଯାଇଥିଲେ।

୨୦୧୧ ମାର୍ଚ୍ଚ ୨୭ରେ ଜନ୍ମିତ ବୈଭବ ୧୯ ଏପ୍ରିଲ୍ ୨୦୨୫ରେ ଲକ୍ଷ୍ନୌ ବିପକ୍ଷରେ ଖେଳି ଆଇପିଏଲ୍‌ରେ ଡେବ୍ୟୁ କରିଥିଲେ। ପ୍ରଥମ ବଲ୍‌ରେ ଛକା ମାରି ସେ ଦେଖାଇଥିଲେ ଯେ ବୟସରେ ଯୁବ କିନ୍ତୁ ଉଦ୍ଦେଶ୍ୟ ବହୁ ବଡ। ଏହା ପରେ ତୃତୀୟ ମ୍ୟାଚ୍‌ରେ ସେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ୧୦୧ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ୩୫ ବଲ୍‌ରେ ଏହି ଶତକ ହାସଲ କରିବା ପରେ ସେ ଆଇପିଏଲ୍‌ରେ ଦ୍ୱିତୀୟ ଦ୍ରୁତତମ ଶତକ ଓ ପ୍ରଥମ ଭାରତୀୟ ବ୍ୟାଟ୍ସର ହୋଇଥିଲେ।

## କଟକରେ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ୧୯ରୁ

କଟକ, (ସ୍ୱପ୍ର): ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଆଇଏସ୍ ଚେସ୍ ସେଣ୍ଟର ପକ୍ଷରୁ ଚଳିତ ମେ ୧୯ରୁ ୩୦ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କଲ୍ୟାଣୀନଗର ଓ ମହାନଦୀବିହାର କେନ୍ଦ୍ରରେ ଅନୁଷ୍ଠିତ ହେବ। ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରିବା ସହ ତୃଣମୂଳସ୍ତରରୁ ନୂତନ ଚେସ୍ ପ୍ରତିଭା ଅନ୍ୱେଷଣ କରିବା ଲକ୍ଷ୍ୟରେ ଏହି ଶିବିର ଆୟୋଜନ କରାଯାଉଛି । ଶିବିରରେ ଅଭିଜ୍ଞ ପ୍ରଶିକ୍ଷକମାନେ ଚେସ୍ ଖେଳର ବିଭିନ୍ନ କୌଶଳ ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବେ । ଅନ୍ତିମ ଦିନରେ ଶିବିରାର୍ଥୀଙ୍କ ମଧ୍ୟରେ ଏକ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ଆଇଏସ୍ ଚେସ୍ ସେଣ୍ଟର ନିର୍ଦ୍ଦେଶକ ମାନସ ପାଣି (୯୪୩୭୨୦୮୮୬୪) ଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଗୁଜରାଟର ଟାର୍ଗେଟ୍ ୧୫୬

**ଆଇପିଏଲ୍ ମହାସମର**

ମୁମ୍ବାଇ, ୬।୫ (ଏଜେନ୍ସି): ଆଇପିଏଲ୍‌ର ୫୬ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିଛି ଗୁଜରାଟ୍ ଟାଇଟନ୍ସ । ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ପ୍ରତିପକ୍ଷ ଗୁଜରାଟ ସମ୍ମୁଖରେ ୧୫୬ ରନ୍‌ରେ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଜବାବରେ ଗୁଜରାଟ ୧୪ ଓଭରରେ ୨ ୱିକେଟ୍ ହରାଇ ୧୦୭ ରନ୍ କରିଥିବା ବେଳେ ବର୍ଷା ଆରମ୍ଭ ହୋଇଥିଲା। ଗୁଜରାଟ୍‌କୁ ମ୍ୟାଚ୍ ଜିତିବା ପାଇଁ ୩୬ ବଲ୍‌ରୁ ୪୯ ରନ୍‌ର ଆବଶ୍ୟକତା ଥିଲା।

ଟସ୍ ଜିତି ଅଧିନାୟକ ଶୁଭମନ୍ ଗିଲ୍ ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଓପନର୍ ରିଆନ୍ ରିକେଲ୍‌ଟନ୍ ଓ ରୋହିତ ଶର୍ମା ପାଳି ଆରମ୍ଭ କରିଥିଲେ। ଉଭୟଙ୍କ ପ୍ରଦର୍ଶନ ସନ୍ତୋଷଜନକ ନଥିଲା। ରୋହିତ ୮ ବଲ୍‌ରୁ ୭ ରନ୍ ଓ ରିକେଲ୍‌ଟନ୍ ୨ ରନ୍ କରି ପ୍ୟାଭିଲ୍ୟନ୍ ଫେରିଥିଲେ। ତେବେ ମୁମ୍ବାଇ ୨୬ ରନ୍‌ରେ ୨ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୩ ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ୱିଲ୍ ଜ୍ୟାକ୍ସ ଓ ସୂର୍ଯ୍ୟକୁମାର ଯାଦବ ଦଳିୟ ସ୍କୋରକୁ ଆଗେଇ ନେଇଥିଲେ। ସୂର୍ଯ୍ୟ କୁମାର ୫ ଟି ଚଉକା ସହ ୨୪ ବଲ୍‌ରୁ ୩୫ ରନ୍ ଏବଂ ଜ୍ୟାକ୍ସ ୩ ଟି ଛକା ଓ ୫ ଟି ଚଉକା ସହ ୩୫ ବଲ୍‌ରୁ ୫୩ ରନ୍ କରିଥିଲେ। ତେଣୁ ଦଳୀୟ ସ୍କୋର ୧୧.୪ ଓଭର୍‌ରେ ୧୦୩ ରନ୍‌ରେ



ପହଞ୍ଚି ଥିଲା। ଏହି ଯୋଡି ଭାଙ୍ଗିବା ପରେ ତିଲକ ବର୍ମା ୭, ହାର୍ଦ୍ଦିକ ପାଣ୍ଡିଆ ୧, ନମନ ଧୀର ୭, କାରବିନ୍ ବୋଶ୍ଚ ୨୭ ରନ୍ କରିଥିଲେ। ତେଣୁ ମୁମ୍ବାଇ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ବୋଲିଂରେ ଗୁଜରାଟର ସାଇକିଶୋରଙ୍କୁ ସର୍ବାଧିକ ୨ଟି, ମହମ୍ମଦ ଶିରାଜ, ଅର୍ଶଦ ଖାଁ, ପ୍ରସିଦ୍ଧ କ୍ରିଷ୍ଣା, ରସିଦ୍ ଖାନ୍ ଓ ଗେରାଲ୍ କୋଇଟେଜ୍ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

୧୫୬ ରନ୍‌ର ବିଜୟ ଲକ୍ଷ୍ୟ ଗୁଜରାଟ ପାଇଁ କଷ୍ଟସାଦ୍ଧ ନଥିଲା। ପ୍ଲେ ଅଫସ୍‌ର ନିକଟତର ହେବା ପାଇଁ ଦଳ ନିଶ୍ଚିତ ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିଲା। ଓପନର ସାଇ ସୁଦର୍ଶନ ୫ ରନ୍ କରି ଆଉଟ୍ ହୋଇଥିବା ବେଳେ ଶୁଭମନ୍ ଗିଲ ୪୬ ବଲ୍‌ରୁ ୪୩ ରନ୍ କରି ଯଶପ୍ରିତ ବୁମ୍‌ରାଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଜୋଶ୍ ବଟଲ୍‌ର ମଧ୍ୟ ୨୭ ବଲରୁ ୩୦ ରନ୍ କରି ଅଶ୍ୱିନୀ କୁମାରଙ୍କ ଶିକାର ହୋଇଥିଲେ। ୧୫ ଓଭର ସୁଦ୍ଧା ଗୁଜରାଟ ୩ ୱିକେଟ୍ ହରାଇ ୧୧୩ ରନ୍ କରିଥିଲା। ମୁମ୍ବାଇର ଟ୍ରେଣ୍ଟ ବୋଲ୍ଟ, ବୁମ୍‌ରା ଓ ଅଶ୍ୱିନୀ କୁମାରଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା। ଏହି ମ୍ୟାଚ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ୧୧ ମ୍ୟାଚ୍ ଖେଳି ୭ ଟି ବିଜୟ ସହ ୧୪ ପଏଣ୍ଟ ହାସଲ କରିଥିଲା। ଦଳ ପଏଣ୍ଟ ଟେବୁଲ୍‌ର ତୃତୀୟ ସ୍ଥାନରେ ରହିଛି। ଗୁଜରାଟ ମଧ୍ୟ ୧୦ ମ୍ୟାଚ୍‌ରୁ ୭ ବିଜୟ ସହ ୧୪ ପଏଣ୍ଟ ହାସଲ କରି ଟେବୁଲ୍‌ର ଚତୁର୍ଥ ସ୍ଥାନରେ ରହିଛି।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୧ | ୮ | ୩ | ୧୬ |
| ପଞ୍ଜାବ | ୧୧ | ୭ | ୩ | ୧୫ |
| ମୁମ୍ବାଇ | ୧୧ | ୭ | ୪ | ୧୪ |
| ଗୁଜରାଟ | ୧୦ | ୭ | ୩ | ୧୪ |
| ଦିଲ୍ଲୀ | ୧୧ | ୬ | ୪ | ୧୩ |
| କୋଲକାତା | ୧୧ | ୫ | ୫ | ୧୧ |
| ଲକ୍ଷ୍ନୌ | ୧୧ | ୫ | ୬ | ୧୦ |
| ସନ୍‌ରାଇଜର୍ସ | ୧୧ | ୩ | ୭ | ୭ |
| ରାଜସ୍ଥାନ | ୧୨ | ୩ | ୯ | ୬ |
| ଚେନ୍ନାଇ | ୧୧ | ୨ | ୯ | ୪ |

**ଆଜିର ମ୍ୟାଚ**

କୋଲକାତା–ଚେନ୍ନାଇ
ସମୟ: ରାତି ୭.୩୦
ସ୍ଥାନ: କୋଲକାତା
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

### ଏସିଆନ୍ ପୁରୁଷ ବିଚ୍ ହ୍ୟାଣ୍ଡବଲ

## ଜାତୀୟ ଦଳରେ ଆର୍ଯ୍ୟନ୍, ରଞ୍ଜିତ



ଭୁବନେଶ୍ୱର, ୬।୫ (ସବ୍ୟୁ): ଓଡିଶା ହ୍ୟାଣ୍ଡବଲ୍ ଇତିହାସରେ ଆଉ ଏକ ସଫଳ ଅଧ୍ୟାୟ ଯୋଡି ହୋଇଛି। ୧୦ମ ଏସିଆନ୍ ପୁରୁଷ ବିଚ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ପାଇଁ ଘୋଷଣା ହୋଇଥିବା ଭାରତୀୟ ଦଳରେ ଓଡିଶାର ୨ ପ୍ରତିଭାବାନ ଖେଳାଳି ଆର୍ଯ୍ୟନ୍ ବ୍ରାହ୍ମିନ୍ ଓ ରଞ୍ଜିତ ମହାନ୍ତି ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତା ଚଳିତ ମାସ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ମସ୍କଟର ଓମାନ ସହରରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ୯ଟି ଦଳ ଭାଗ ନେଇଛନ୍ତି।

ଆର୍ଯ୍ୟନ୍ ଯୁକ୍ତ ୩ ଶେଷ ବର୍ଷ ଛାତ୍ର ହୋଇଥିବା ବେଳେ ରଞ୍ଜିତ ମହାନ୍ତି ପୁରୀ ସଦର ବ୍ଲକର ବିଲିଗୁଡିଆ ଗ୍ରାମପଞ୍ଚାୟତରେ ଏକ୍ସକ୍ୟୁଟିଭ୍ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ଆର୍ଯ୍ୟନ୍ ଓ ରଞ୍ଜିତଙ୍କ ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ ସମ୍ପାଦକ ମାନସ କୁମାର ସିଂ କୋଷାଧ୍ୟକ୍ଷ ସିକେନ୍ଦ୍ର ନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ପ୍ରଶାନ୍ତ ନାୟକ, କୋଚ୍ ଗୌରୀଶଙ୍କର ମିଶ୍ର ପ୍ରମୁଖ ଆର୍ଯ୍ୟନ୍ ଓ ରଞ୍ଜିତଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି।

### ଆଇଟିଏଫ୍ ଜୁନିୟର ଜେ-୩୦ ଟେନିସ୍

# ସୋହିନୀଙ୍କ ବିଜୟ ଅଭିଯାନ

ଭୁବନେଶ୍ୱର, ୬।୫ (ଏଜେନ୍ସି): କଳିଙ୍ଗ ଷ୍ଟାଡିୟମ୍‌ରେ ଜାରି ରହିଥିବା ଆଇଟିଏଫ୍ ଜୁନିୟର ଜେ-୩୦ ଟେନିସ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ ରାଉଣ୍ଡ ୧୬ ପର୍ଯ୍ୟାୟ ଶେଷ ହୋଇଛି। ଏଥିରେ ୧୮ ବର୍ଷରୁ କମ୍ ବାଳକ ଓ ବାଳିକା ଖେଳାଳି ଉଚ୍ଚ କୋଟିର ପ୍ରଦର୍ଶନ ଦେଖାଇଛନ୍ତି। ସିଙ୍ଗଲ୍‌ସରେ ଦ୍ୱିତୀୟ ରାଉଣ୍ଡ ଓ ଡବ୍‌ଲ୍ସରେ ପ୍ରି କ୍ୱାର୍ଟର ଫାଇନାଲ୍ ସମ୍ପନ୍ନ ହୋଇଛି।

ବାଳକ ସିଙ୍ଗଲ୍‌ସର ରାଉଣ୍ଡ ୩୨ ପର୍ଯ୍ୟାୟରେ ଓମ୍ ପଟେଲ୍, ଆଦିତ୍ୟ ତିୱାରି, ଯଶ୍ୱୀନ୍ ଦାହିଆ, ଆରାଧ୍ୟା ମହସିଦ, ଉଦୟ କାଉଲ୍, ଅଭି ଅଗ୍ରୱାଲ୍, ସୌର୍ଯ୍ୟ ଭଟ୍ଟାଯାର୍ଯ୍ୟ, ଅମିତ୍ ମୁଣ୍ଡ, ହୃତିକ୍ କଟକମ୍, ଶ୍ରିକର ଧ୍ୱନୀ, ଓମ୍ ବର୍ମା, ବିର୍ ମଦନ, ସୌରିସ୍ ମୋଦି, ଶିବତେଜ ସିରପୁଲେ, ପ୍ରତ୍ୟୁଷ ଲୋକନାଥ ଓ ଭିଭାନ୍ ବିଡାସାରିଆ ବିଜୟ ଲାଭ କରିଛନ୍ତି। ବାଳକ ଡବଲ୍‌ସରେ ଓମ୍ ପଟେଲ୍- ଓମ୍ ବର୍ମା, ଭିଭାନ୍- କନିସ୍କ, ନମିତ୍ ଭାଟିଆ- ମହାବୀର ମୋଦି, ପ୍ରତ୍ୟୁଷ- ବିଶ୍ୱନାଥ ବିଜୟ ଲାଭ କରିଛନ୍ତି।

ସେହିଭଳି ବାଳିକା ସିଙ୍ଗଲ୍‌ସର ରାଉଣ୍ଡ ୩୨ ପର୍ଯ୍ୟାୟରେ ସୋହିନି ସଞ୍ଜୟ ମହାନ୍ତି ଜମାଣିଆ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଓଡିଶାର ଟପ୍ ସିଡ୍ ସୋହିନି ୬-୪, ୬-୩ ସେଟ୍‌ରେ ମିରାୟା ଅଗ୍ରୱାଲ୍‌ଙ୍କୁ ହରାଇଥିଲେ। ଓଡିଶାର ଦ୍ୱିତୀୟ ସିଡ୍ ଆହାନ୍ ୬-୨, ୬-୨ ସେଟ୍‌ରେ ଶ୍ରୀନୀତି ଚୌଧୁରୀଙ୍କୁ ହରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକା ପଦ୍ମକୁମାର, ସୋନିକା ରୟ, ଆଞ୍ଜେଲ୍ ପଟେଲ୍, ପ୍ରାଚୀ ମଲ୍ଲିକ, ଅନନ୍ୟା ଜେନ୍, ଦୀପଶିକା ବିନୟଗା ମୋତି, ଦିଶା କୁମାର, ଆଲିନା ଫରିଦ୍, ଦେବନଂଶୀ ପ୍ରଭୁ ଦେଶାଇ, ଆହିଦା ସିଂ, ଶିବାନୀ ଗୁପ୍ତା, ପ୍ରମୁଖ ବିଜୟ ଲାଭ କରି ପରବର୍ତ୍ତୀ ରାଉଣ୍ଡକୁ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ବୁଧବାର ସିଙ୍ଗଲ୍‌ସ ପର୍ଯ୍ୟାୟର ରାଉଣ୍ଡ ୧୬ ଏବଂ ଡବଲ୍‌ସ ପର୍ଯ୍ୟାୟର କ୍ୱାର୍ଟର ଫାଇନାଲ ମୁକାବିଲା ହେବ।

## ନୂଆଗାଁ ପ୍ରିମିଅର ଲିଗ୍ ୨୦୨୫

### ପିସିସି ଲିଜେଣ୍ଡ ଚାମ୍ପିଅନ



ନୟାଗଡ଼ ,(ସବ୍ୟୁ) :ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦର ମହକୁମାରେ ଏଫ ଇ ସି ସି କ୍ଲବ୍ ଆନୁକୂଲ୍ୟରେ ନୂଆଗାଁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୫ମ ନୂଆଗାଁ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ୧୫ମ ଦିବସ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପିସିସି ଲିଜେଣ୍ଡ ଚାମ୍ପିଅନ ହୋଇଛି ଝ ପ୍ରଥମେ ବ୍ୟାଟିଙ୍ଗ କରି କୃଷକ କ୍ଲବ ୧୪ଓଭରରେ ସମସ୍ତ ୱିକେଟ ହରାଇ ୯୧ ରନ କରିଥିବା ବେଳେ ଏହାର ଜବାବରେ ପିସିସି ଲିଜେଣ୍ଡ ୧୫ଓଭରରେ ୮ୱିକେଟ ହରାଇ ୯୩ ରନ ସଂଗ୍ରହ କରି ମ୍ୟାଚ ଜିତି ଯାଇଥିଲା । ମ୍ୟାଚକୁ ଜିତେନ୍ଦ୍ର ଜୟ ସିଂ ଓ ଓଡ଼ିଶାର ଜଣାଶୁଣା ଡ୍ୟାନସିଂ ଅମ୍ପାୟାର ସନ୍ତୋଷ କୁମାର ପରିଡ଼ା ଖେଳକୁ ପରିଚାଳନା କରିଥିଲେଛ।ଖେଳରେ ମୁଖ୍ୟ ଅତିଥି ଦଶପଲ୍ଲା ବିଧାୟକ ତଥା ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁ ଧର ପ୍ରଧାନ, ଦଶପଲ୍ଲା ବ୍ଲକ ପୂର୍ବତନ ଅଧକ୍ଷ ଉପେନ୍ଦ୍ର ସାହୁ, ସମାଜସେବୀ ଶଙ୍କର୍ଷଣ ବେହେରା, ୧୭ ନମ୍ବର୍ ଜୋନ୍ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲୀପ ଦଳବେହେରା, ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ଶିବ ଦତ୍ତ ପାତ୍ର,ଗଜେନ୍ଦ୍ର ନାଥ ପ୍ରଧାନ, ଦାଶରଥୀ ପ୍ରଧାନ,ରମେଶ ଚନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ,ପ୍ରବୀର ନାୟକ , ପ୍ରକାଶ ନାୟକ, ପ୍ରମୁଖ ଯୋଗ ଦେଇଥିବା ବେଳେ ଖେଳକୁ ଏଫଇସିସି କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଅକ୍ଟୋବର ୨ରୁ କଳିଙ୍ଗ କପ୍




ଭୁବନେଶ୍ୱର, ୬।୫ (ସବ୍ୟୁ): ଗୋପବନ୍ଧୁ କ୍ଲବ୍ ଆନୁକୂଲ୍ୟରେ କଳିଙ୍ଗ କପ୍‌ର ୪ର୍ଥ ସଂସ୍କରଣ ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଛି। ଏ ନେଇ ଆୟୋଜକ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଖବରଦାତା ସମ୍ମିଳନୀ ଆୟୋଜନ କରି ସୂଚନା ଦେଇଛନ୍ତି। ପ୍ରତିଯୋଗିତା ଅକ୍ଟୋବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଭୁବନେଶ୍ୱର ଗୋପବନ୍ଧୁ ପଡିଆରେ ମ୍ୟାଚ୍‌ଗୁଡିକ ଖେଳାଯିବ। ଏଥର ଅଂଶଗ୍ରହଣକାରୀ ଦଳଗୁଡିକ ବିନା ଏଣ୍ଟ୍ରି ଫିରେ ଅଂଶଗ୍ରହଣର ସୁଯୋଗ ପାଇବେ। ଚାମ୍ପିଅନ୍ ଦଳକୁ ଦେଢ ଲକ୍ଷ ଟଙ୍କା, ରନ୍‌ର୍ସ ଅପ୍ ଏକ ଲକ୍ଷ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ଶୃଙ୍ଖଳିତ ଦଳକୁ ୫୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଟୁର୍ଣ୍ଣମେଣ୍ଟଟି ଟେନିସ୍ ବଲ୍‌ରେ ଖେଳାଯିବାକୁ ଥିବାବେଳେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ୧୦ ଓଭର୍ ବିଶିଷ୍ଟ ଏବଂ ସେମି ଫାଇନାଲ୍ ଓ ଫାଇନାଲ୍ ୧୫ ଓଭର୍ ବିଶିଷ୍ଟ ହେବ। କ୍ଲବ୍‌ର ଏମ୍‌ଡି ମୋସିନ୍, ସତ୍ୟନାରାୟଣ ସେଠୀ, ସମୀର ଦାସ, ନବଘନ ମିଶ୍ର, ଦେବାଶିଷ ପଟ୍ଟନାୟକ, ସୋମନାଥ ଦାସ, ଦେବ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

### ଜଗବନ୍ଧୁ ମେମୋରିଆଲ ଆନ୍ତଃରାଜ୍ୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ଟାଉନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଖୋର୍ଦ୍ଧାର ରଘୁନାଥ ଫୁଟବଲ ଏକାଡେମୀ ୪-୨ ଗୋଲରେ ବାଲେଶ୍ୱର ମିଶନ ଟାଇଗରକୁ ହରାଇ ବିଜୟୀ ହୋଇଛି। ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଆୟୋଜିତ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଯୋଗଦେଇ ଉଦଘାଟନ କରିଥିଲେ। ଟାଉନ କ୍ଲବର ସଂପାଦକ ମହେଶ ମହାନ୍ତି,ଯୁଗ୍ମ ସମ୍ପାଦକ ସୁବାସ ମହାନ୍ତି ଓ ଲକ୍ଷ୍ମଣ କୁମାବାଲେଶ୍ୱର ଉପସ୍ଥିତ ଥିଲେ। ପ୍ରଥମାର୍ଦ୍ଧରେ ରଘୁନାଥ ଫୁଟବଲ ଏକାଡେମୀ ଦୁଇଟି ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ବାଲେଶ୍ୱର ମିଶନ ଟାଇଗର ଦୁଇ ସ୍କୋର କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ଖେଳ ରୋମାଂଚକର ସ୍ଥିତିରେ ଜମୁଥିବା ବେଳେ ଖୋର୍ଦ୍ଧ ଲଗାତର ଦୁଇଟି ସ୍କୋର କରି ୪-୨ରେ ବିଜୟ ହାସଲ କରିଥିଲା। ମ୍ୟାଚକୁ ମାନସ ରଞ୍ଜନ ବିଶ୍ୱାଳ,ରାମଚନ୍ଦ୍ର ବେଶ୍ରା ରେଫେରୀ ଥିବାବେଳେ ଗଣେଶ ସିଂ ଓ ଉତ୍ତମ କୁମାର ବାରିକ ସହଯୋଗ କରିଥିଲେ।

## ଏଥର ଆଇପିଏଲ୍‌ର ଫ୍ଲପ ଖେଳାଳି



ନୂଆଦିଲ୍ଲୀ, ୬।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୧୭ତମ ସଂସ୍କରଣ ଅଧାରୁ ଅଧିକ ଖେଳା ସରିଛି। ତେବେ ଚଳିତ ସିଜନ୍‌ରେ ବହୁ ଷ୍ଟାର କ୍ରିକେଟ୍‌ର ନିଜର ଖ୍ୟାତି ଅନୁଯାୟୀ ପ୍ରଦର୍ଶନ କରିପାରିନାହାଁନ୍ତି। ସେମାନଙ୍କ ଉପରେ ଫ୍ରାଞ୍ଚାଇଜ୍ ପାଣି ଭଳି ଟଙ୍କା ଖର୍ଚ୍ଚ କରିଛନ୍ତି। ଯଦି ଖରାପ ଖେଳୁଥିବା ଖେଳାଳିଙ୍କ ଚୁଡାନ୍ତ ଏକାଦଶ ଚୟନ କରାଯିବ ତେବେ ଦଳରେ କେଉଁମାନେ ସ୍ଥାନ ପାଇବେ, ଦଳର ନେତୃତ୍ୱ କିଏ ନେବେ ? ଇମ୍ପ୍ୟାକ୍ଟ ପ୍ଲେୟାର ଭାବେ କାହାକୁ ସ୍ଥାନ ମିଳିବ ? ସିଜନ୍‌ରେ ଫ୍ଲପ୍ ମାରିଥିବା ଖେଳାଳିଙ୍କୁ ନେଇ ଏକ ଦଳ ଚୟନ କରାଯାଇଛି। ଏଥିରେ ଅଧିନାୟକ ଦାୟିତ୍ୱ ରିଷଭ ପନ୍ତଙ୍କୁ ଦିଆଯାଇଛି। ଏହି ଦଳ ଆଇସ୍‌ଲାଣ୍ଡ କ୍ରିକେଟ୍ ଚୟନ କରିଛି।

ଆଇସ୍‌ଲାଣ୍ଡ କ୍ରିକେଟ୍ ୧୨ ଜଣିଆ ଦଳ ଚୟନ କରିଛି। ଏଥିରେ ଖରାପ ପ୍ରଦର୍ଶନ କରିଥିବା ଆଇପିଏଲ ଖେଳାଳି ସ୍ଥାନ ପାଇଛନ୍ତି। ତେବେ ୧୨ଜଣ କେବଳ ଚେନାଇ ସୁପର୍‌କିଙ୍ଗ୍‌ସର ୫ଜଣ ଅଛନ୍ତି। ହାଇଦ୍ରାବାଦ୍‌ର ୨ଜଣ ଖେଳାଳି, ଦିଲ୍ଲୀ କ୍ୟାପିଟାଲ୍‌ସ, ଆର୍‌ସିବି, ପଞ୍ଜାବ କିଙ୍ଗ୍‌ସ, କୋଲକାତା ଏବଂ ଲକ୍ଷ୍ନୌରୁ ଜଣେ ଲେଖାଏଁ ଖେଳାଳିଙ୍କୁ ଚୟନ କରାଯାଇଛି।

ଫ୍ଲପ୍ ଖେଳାଳିଙ୍କ ଦଳ : ରାହୁଲ୍ ତ୍ରିପାଠୀ, ରଚିନ୍ ରବିନ୍ଦ୍ର, ଇସାନ୍ କିଶାନ୍, ରିଶଭ ପନ୍ତ, ଭେଙ୍କଟେସ୍ ଆୟର୍, ଗ୍ଲେନ୍ ମ୍ୟାକ୍ସ ୱେଲ୍, ଏଲ୍ ଲିଭିଂଙ୍ଗ ଷ୍ଟୋନ୍, ଦିପକ୍ ହୁଦା, ଆର୍ ଅଶ୍ୱିନ୍, ଏମ୍ ପଥିରାନା, ମହମ୍ମଦ ଶାମି।

# କ୍ରିକେଟ୍‌ରଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

ମୁମ୍ବାଇ, ୬।୫ (ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ କ୍ରିକେଟ୍‌ର ଶିବାଲିକ୍ ଶର୍ମାଙ୍କୁ ପୋଲିସ ଦୁଷ୍କର୍ମ ଅଭିଯୋଗରେ ଗିରଫ କରିଛି। ଯୁବତୀ ଜଣଙ୍କ ତାଙ୍କ ସହ ନିବନ୍ଧ କରିଥିବା ଖବର ମିଳିଛି। ରାଜସ୍ଥାନର ଯୋଦ୍ଧପୁର କୁଣ୍ଡି ଭଗତାଶନି ହାଉସିଂ ବୋର୍ଡ ପୋଲିସ ଶିବାଲିକ୍‌ଙ୍କୁ ଗିରଫ କରିଛି। ଅଭିଯୋଗ କରିଥିବା ଯୁବତୀ ଏବଂ କ୍ରିକେଟ୍‌ରଙ୍କ ବନ୍ଧୁତା ଇନ୍‌ଷ୍ଟାଗ୍ରାମ୍‌ରୁ ହୋଇଥିଲା। ଏହା ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବଢିଥିଲା। ଶିବାଲିକ୍ ଅନେକ ଥର ଯୁବତୀକୁ ଦେଖା



କରିବା ପାଇଁ ଯୋଦ୍ଧପୁର ଯାଇଥିଲେ। ଏପରିକି ଦୁହିଁଙ୍କ ମଧ୍ୟରେ ବିବାହ ପାଇଁ ନିବନ୍ଧ ହୋଇଥିଲା। ପିଡିତାଙ୍କ କହିବା ଅନୁଯାୟୀ ପରସ୍ପର ସହିତ ଏକ ବର୍ଷ ରହିବା ପରେ ଶିବାଲିକ୍‌ଙ୍କ ପରିବାର ଲୋକେ ବିବାହ କରିବା ପାଇଁ ମନା କରିଥିଲେ। ଏହାପରେ ଯୁବତୀ ଜଣଙ୍କ ଶିବାଲିକ୍ ଓ ତାଙ୍କ ପରିବାର ବିରୋଧରେ ଏତଲା ଦେଇଥିଲେ। ଯୁବତୀଙ୍କ ଏଭଳି ଅଭିଯୋଗକୁ ଆଧାର କରି ଶିବାଲିକ୍‌କୁ ଭଦୋଦରା ଅଞ୍ଚଳରୁ ଗିରଫ କରାଯାଇଛି। ତାଙ୍କୁ ଯୋଦ୍ଧପୁର କୋର୍ଟ ହାଜର କରାଯାଇ ନ୍ୟାୟିକ ହେପାଜତକୁ ପଠାଯାଇଛି।

ଶିବାଲିକ୍ ଶର୍ମା ୨୦୨୪ରେ ଆଇପିଏଲ୍ ଖେଳିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ୨୦ ଲକ୍ଷ ଟଙ୍କାରେ କିଣିଥିଲା। କିନ୍ତୁ ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଗୋଟିଏ ବି ମ୍ୟାଚ୍ ଖେଳିନଥିଲେ। ଚଳିତ ବର୍ଷ କୌଣସି ଦଳ ତାଙ୍କୁ କିଣି ନାହାଁନ୍ତି। ଘରୋଇ ଟୁର୍ଣ୍ଣାମେଣ୍ଟରେ ଭଦୋଦରା ପାଇଁ ଶିବାଲିକ୍ ୧୮ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୦୮୭ ରନ୍ କରିଛନ୍ତି। ଏଥିରେ ୩ଟି ଶତକ ଓ ପାଞ୍ଚଟି ଅର୍ଦ୍ଧ ଶତକ ରହିଛି। ଲିଷ୍ଟ ଏ ରେ ୧୩ଟି ମ୍ୟାଚ୍ ଖେଳି ୩୨୨ ରନ୍ କରିଛନ୍ତି। ସେ ୧୯ଟି ଟି-୨୦ ମ୍ୟାଚ୍ ଖେଳି ୩୪୯ ରନ୍ କରିଥିଲେ। ଚଳିତ ବର୍ଷ ଜାନୁଆରୀରେ ସେ ରଣଜୀ ଟ୍ରଫି ଖେଳିଥିଲେ।

**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି